

বিষ্ণোই — 

ବିଷ୍ଣୋଇ ସମ୍ପ୍ରଦାୟର ପ୍ରଥମ ଆଇଏଏସ୍ ଅଫିସର
ପୃଷ୍ଠା ୫

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 163 | ଭାଗ ୩୩ | ସଂଖ୍ୟା ୧୬୩ | Wednesday 3 September 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୩ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ସ୍ୱାସ୍ଥ୍ୟ ଶିକ୍ଷାରେ ଆଉ ଏକ ମାଇଲଖୁଣ୍ଟ





## ଫୁଲବାଣୀ ଓ ତାଳଚେର ମେଡିକାଲ କଲେଜକୁ ମିଳିଲା ମଞ୍ଜୁରୀ

## ୧୦୦ ଲେଖାଏଁ ସିଟକୁ ଅନୁମୋଦନ ଦେଲା ଏନଏମସି

## ୨୦୨୫-୨୬ ଶିକ୍ଷା ବର୍ଷରୁ ଆରମ୍ଭ ହେବ ପାଠପଢ଼ା

**ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ):** ରାଜ୍ୟରେ ଆଉ ଦୁଇଟି ସରକାରୀ ମେଡିକାଲ କଲେଜ ପାଇଁ ୨୦୦ ସିଟ ଅନୁମୋଦିତ ହୋଇଛି। ଜାତୀୟ ମେଡିକାଲ କମିଶନ୍ (ଏନ୍ଏମ୍ସି) ଏହି ମଞ୍ଜୁରୀ ଦେଇଛନ୍ତି। ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ଟି ସିଟ୍ ଅନୁମୋଦିତ ହୋଇଥିବା ବେଳେ ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ପାଇଁ ମଧ୍ୟ ଆଉ ୧୦୦ଟି ସିଟ୍ ଅନୁମୋଦିତ ହୋଇଛି। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ଦୁଇଟି ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ।

ଏନ୍ଏମ୍ସି ଦ୍ୱାରା ଏହି ମଞ୍ଜୁରୀକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ➾ପୃଷ୍ଠା-୬

## ସ୍ୱାସ୍ଥ୍ୟସେବାର ଅଭିବୃଦ୍ଧି ଆମର ପ୍ରାଥମିକତା



**ନୂଆଦିଲ୍ଲୀ:** ଅନୁଗୋଳ ଜିଲ୍ଲାର ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ କନ୍ଧମାଳ ଜିଲ୍ଲାର ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ୧୦୦ ଏମବିବିଏସ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁମତି ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ ଶିକ୍ଷାର ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା କରୁଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ଓଡ଼ିଶାରେ ସ୍ୱାସ୍ଥ୍ୟ ଅଭିବୃଦ୍ଧି ସହ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ଆଜିର ଏହି ଯୁଗାନ୍ତକାରୀ ପଦକ୍ଷେପ ଅନୁଗୋଳ ଜିଲ୍ଲା ସମେତ କନ୍ଧମାଳ ଭଳି ଜନଜାତିବହୁଳ ଅଞ୍ଚଳରେ ➾ପୃଷ୍ଠା-୬

### ନୂଆଦିଲ୍ଲୀରେ ସେମିକନ୍ ଇଣ୍ଡିଆ ୨୦୨୫ ଉଦ୍‌ଘାଟିତ

# ଭାରତ ଉପରେ ଭରସା ରଖିଛି ବିଶ୍ୱ: ପ୍ରଧାନମନ୍ତ୍ରୀ

## ଚିପଗୁଡ଼ିକ ଡିଜିଟାଲ ହୀରା

## ଦେଶର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍ ଉନ୍ମୋଚିତ

## ପ୍ରଦର୍ଶିତ ହେଲା ଓଡ଼ିଶାରେ ପ୍ରସ୍ତୁତ ୩ ସେମିକଣ୍ଡକ୍ଟର ଚିପ୍

## ଯୋଗଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



**ନୂଆଦିଲ୍ଲୀ,୨।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତ ଓ ବିଦେଶର ସେମିକଣ୍ଡକ୍ଟର ଶିଳ୍ପର ସିଇଓ ଏବଂ ସେମାନଙ୍କ ସହଯୋଗୀଙ୍କ ଉପସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ବିଭିନ୍ନ ଦେଶରୁ ଆସିଥିବା ବିଶିଷ୍ଟ ଅତିଥି, ଷ୍ଟାର୍ଟ-ଅପ୍ ସହ ଜଡିତ ଉଦ୍ୟୋଗୀ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛନ୍ତି। ଶ୍ରୀ ମୋଦି କହିଛନ୍ତି, ସେ ଗତକାଲି ରାତିରେ ଜାପାନ ଏବଂ ଚୀନ ଗସ୍ତରୁ ଫେରିଛନ୍ତି। ଆଜି ସେ ଯଶୋଭୂମିରେ ଏପରି ଦର୍ଶକଙ୍କ ଗହଣରେ ଉପସ୍ଥିତ ଅଛନ୍ତି, ଯେଉଁମାନେ ଆକାଂକ୍ଷା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ରହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ପ୍ରତି ତାଙ୍କର ଆଗ୍ରହ ସର୍ବଦା ସ୍ୱାଭାବିକ ଏବଂ ଏ ବିଷୟରେ ସମସ୍ତେ ପରିଚିତ। ତାଙ୍କର ସାମ୍ପ୍ରତିକ ଜାପାନ ଗସ୍ତ ସମୟରେ, ତାଙ୍କୁ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଟୋକିଓ ଇଲେକ୍ଟ୍ରୋନ୍ କାରଖାନା ପରିଦର୍ଶନ କରିବାର ସୁଯୋଗ ➾ପୃଷ୍ଠା-୬

## ୩ ହାର୍ଡକୋର ମାଓବାଦୀ ସଫା, ୩ ଗିରଫ



**ମାଲକାନଗିରି, ୨।୯(ସଂଚାର ବ୍ୟୁରୋ):** ଫେଲ୍ ମାରିଲା ମାଓ ଯୋଜନା। ୩ ହାର୍ଡକୋର ମାଓବାଦୀ ନିପାତ ହୋଇଥିବା ବେଳେ ଆଉ ତିନି ଜଣ ଗିରଫ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲା ପୁଲିସକୁ ଏହି ବଡ଼ ସଫଳତା ମିଳିଛି। ଚିନ୍ତାଗୁଫା ଜଙ୍ଗଲରୁ ଉକ୍ତ ମାଓବାଦୀମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୋଡିୟାମ୍ ରାଜାଙ୍କ ପୁଅ ପୋଡିୟାମ୍ ଯୋଗା (୨୫), ମାଡବୀ ସୋମଦାଙ୍କ ପୁଅ ମାଡବୀ ମାସା (୨୫) ଓ ଅୟାତା ମାଡବୀଙ୍କ ପୁଅ ପୋଜା ମାଡବୀ(୨୯)। ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଚିନ୍ତାଗୁଫା ଜଙ୍ଗଲରେ ଖଞ୍ଜିଥିଲେ ଆଇଇଡି। ତେବେ ଜିଲ୍ଲା ପୁଲିସ ଓ ସିଆରପିଏଫ୍ କୋବ୍ରା ଯବାନଙ୍କ ମିଳିତ ଅପରେସନ ବେଳେ ଏହି ସଫଳତା ମିଳିଥିଲା। ଜଙ୍ଗଲରେ ଆହୁରି ମାଓବାଦୀ ଲୁଚି ରହିଥିବା ଆଶଙ୍କାରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିବା ଜଣାପଡ଼ିଛି। ସେହିପରି ଉକ୍ତ ମାଓବାଦୀଙ୍କଠାରୁ ବ୍ୟାପକ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ସେଥି ମଧ୍ୟରେ ୩ କିଗ୍ରା ଓଜନର ଟିଫିନ୍ ବୋମା, ୫ ଇଲେକ୍ଟ୍ରି ➾ପୃଷ୍ଠା-୬

# ଆଜି ଜିଏସଟି ପରିଷଦ ବୈଠକ


## ମହଙ୍ଗା ମାଡ଼ରୁ ମଧ୍ୟବିତ୍ତଙ୍କୁ ମିଳିପାରେ ଆଶ୍ୱସ୍ତି

## ଜିଏସଟି ସ୍ଲାବରେ ହୋଇପାରେ ବଡ଼ ପରିବର୍ତ୍ତନ

## ମାଦକଦ୍ରବ୍ୟ ଓ ପ୍ରସାଧନ ସାମଗ୍ରୀର ବଢ଼ିବ ଦର

**ନୂଆଦିଲ୍ଲୀ, ୨।୯(ସଂଚାର ବ୍ୟୁରୋ):** ମଧ୍ୟବିତ୍ତଙ୍କୁ ବଡ଼ ଆଶ୍ୱସ୍ତି ମିଳିବାକୁ ଯାଉଛି। ଯେଉଁ ମଧ୍ୟବିତ୍ତ ପରିବାର ଦରଦାମ ବୃଦ୍ଧିରେ ଅଣନିଃଶ୍ୱାସୀ ହୋଇଥିଲା, ବର୍ତ୍ତମାନ ଏହା ଅନେକାଂଶରେ କମ ହେବାକୁ ଯାଉଛି। କାରଣ ଦୀପାବଳୀ ପୂର୍ବରୁ ଜିଏସଟିରେ ବଡ ପରିବର୍ତ୍ତନ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ସାରା ଦେଶର ନଜର ବର୍ତ୍ତମାନ ଜିଏସଟି ବୈଠକ ଉପରେ ରହିଛି। ଆସନ୍ତାକାଲି ଓ ଗୁରବାର ଦୁଇ ଦିନ ଧରି ଦିଲ୍ଲୀରେ ଜିଏସଟି ପରିଷଦର ବୈଠକ ହେବାକୁଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି ବୈଠକରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ଏହା ପୂର୍ବରୁ ଆଜି ଦିଲ୍ଲୀରେ ରାଜ୍ୟ ➾ପୃଷ୍ଠା-୬

# ଶ୍ରୀମନ୍ଦିର ଉପରେ ବସିଲା ଚିଲ



**ପୁରୀ, ୨।୯(ସଂଚାର ବ୍ୟୁରୋ):** ମହାପ୍ରଭୁ ଦେଲେ କି ବଡ଼ ସଂକେତ ? ଆଗକୁ ଆସୁଛି କି ମହାବିପତ୍ତି। ଏମିତି ଅନେକ ଚର୍ଚ୍ଚା ଏବେ ଶୁଣିବାକୁ ମିଳୁଛି। କାରଣ ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ଉପରେ ବସିଛି ଚିଲ। ସେପଟେ ଚିଲ ବସିବା ନେଇ ଅନେକ କଳ୍ପନାଜଳ୍ପନା ଶୁଣିବାକୁ ମିଳିଛି। ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନରେ ଏକ ଚିଲ ଶ୍ରୀମନ୍ଦିର ଉପରେ ବୁଲିଥିଲା। କିଛି ସମୟ ବୁଲିବା ପରେ ପତିତପାବନ ବାନା ଉପରେ ବସିଥିଲା। ପ୍ରାୟ ୫ ମିନିଟ ଧରି ବସିବା ପରେ ପୁଣି ଉଡ଼ିଯାଇଥିଲା। ଶ୍ରୀମନ୍ଦିର ସେବାୟତ, ଭକ୍ତ ଏହାକୁ ଦେଖି ଚକିତ ହୋଇପଡ଼ିଥିଲେ। ତେବେ ପତିତପାବନ ବାନା ଉପରେ ଶୁଭ କି ଅଶୁଭ ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କିଛି ସେବାୟ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ଆଦି ବୃଦ୍ଧି ପାଇଥାଏ ବୋଲି ସେବାୟତ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ୍‌ରେ ପୁରୀ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥିଲା ଏପରି ଏକ ବିରଳ ଦୃଶ୍ୟ। ଅଚାନକ ଚିଲଟିଏ ନେଇଯାଇଥିଲା ପତିତପାବନ ବାନା। ଏହି ଦୃଶ୍ୟ ଦେଖି ଭକ୍ତମାନେ କିଛି ସମୟ ପାଇଁ ଚିଲଟିକୁ ଚାହିଁ ରହିଥିଲେ। ତେବେ ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟେକ ଦିନ ବାନା ପରିବର୍ତ୍ତନ କରାଯାଉଥିବା ବେଳେ ବିଭିନ୍ନ ସମୟରେ ନୀଳଚକ୍ର ଉପରେ ଚିଲ ବସିଥିବାର ଦୃଶ୍ୟ ମଧ ସାମ୍ନାକୁ ଆସିଛି। ଚିଲଟିକୁ ଦେଖି ଏମିତି ଲାଗୁଥିଲା, ସତେ ଯେମିତି ସେ ଆଜି ସବୁ ଖୁସି ପାଇଯାଇଛି।

# ୨୦୩୬ ସୁଦ୍ଧା ଓଡ଼ିଶାରେ ୧୫ ବିମାନବନ୍ଦର



## ସୂଚନା ଦେଲେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ

## ଅଭିବୃଦ୍ଧି ଇଞ୍ଜିନ୍ ହେବ ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ର

**ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ):** ଓଡ଼ିଶା ଏହାର ବିମାନ ଚଳାଚଳ କ୍ଷେତ୍ରକୁ ଏକ ଅଭିବୃଦ୍ଧି ଇଞ୍ଜିନରେ ପରିଣତ କରିବା ସହ ନୂତନ ଉଡ଼ାଣ ପଥ ପାଇଁ ପ୍ରସ୍ତୁତ ହେଉଛି। ନିକଟରେ ପୂର୍ବାଞ୍ଚଳ ରାଜ୍ୟ ମନ୍ତ୍ରୀମାନଙ୍କ ବେସାମରିକ ବିମାନ ଚଳାଚଳ ସମ୍ମିଳନୀରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ରାଜ୍ୟ ରୋଡମ୍ୟାପ୍ ଉପସ୍ଥପାନ କରିଛନ୍ତି ଯାହା ସିଧାସଳଖ ବୃହତ 'ବିକଶିତ ଓଡ଼ିଶା-୨୦୪୭' ମିଶନ ସହ ଜଡିତ। ୨୦୩୬ ସୁଦ୍ଧା ରାଜ୍ୟରେ ୧୫ଟି କାର୍ଯ୍ୟକ୍ଷମ ବିମାନବନ୍ଦରର ଲକ୍ଷ୍ୟ ରହିଛି, ଯାହା ବେସାମରିକ ବିମାନ ଚଳାଚଳ ନୀତି ୨୦୨୨ ଏବଂ ନୂତନ ଗନ୍ତବ୍ୟସ୍ଥଳ ନୀତି ୨୦୨୪ ଉପରେ ଆଧାରିତ। ଏହା ଉଭୟ ଯୋଗାଯୋଗ ବୃଦ୍ଧି ଏବଂ ସେବା ରହିତ ଅଞ୍ଚଳଗୁଡ଼ିକୁ ବିମାନ ଚଳାଚଳ ନେଟୱାର୍କରେ ସାମିଲ ପାଇଁ ଡିଜାଇନ୍ କରାଯାଇଛି। ରାଜ୍ୟ ଶିଳ୍ପ ନୀତି ୨୦୨୨ ମାଧ୍ୟମରେ, ଓଡ଼ିଶା ଆନୁଷ୍ଠାନିକ ଭାବେ ବିମାନ ଚଳାଚଳ ଏବଂ ରକ୍ଷଣାବେକ୍ଷଣ ଏବଂ ମରାମତି (ଏମଆରଓ) ସୁବିଧାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ଭାବେ ସ୍ୱୀକୃତି ଦେଇଛି। ଏହି ନୀତିଗତ ସ୍ଥିତି ପ୍ରମୁଖ ନିବେଶକଙ୍କୁ ଆକର୍ଷିତ କରିବ, ଏକ ଆକାଶପଥରେ ଇକୋସିଷ୍ଟମ ସୃଷ୍ଟି କରିବ ଏବଂ ହଜାର ହଜାର ଦକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ବି-ମାନ୍ (ବିମାନ ସମ୍ପତ୍ତି ଏବଂ ନେଟୱାର୍କର ନିର୍ମାଣ ଏବଂ ପରିଚାଳନା) ଯାହା ୪,୨୦୦ କୋଟି ଟଙ୍କାର ବଜେଟ୍ ସହିତ ଏକ ପାଞ୍ଚ ବର୍ଷର ପଦକ୍ଷେପ। ➾ପୃଷ୍ଠା-୬

# ଓଡିଶାରେ ଅଖିଳେଶଙ୍କ କା' ଧରିବେ ଶ୍ରୀକାନ୍ତ !



## ସାମାଜିକ ନ୍ୟାୟ ଅଭିଯାନ ନେବ ରାଜନୈତିକ ରୂପ

## ଗୁରୁଙ୍କୁ ସହଯୋଗ ପାଇଁ ଅଣ୍ଟା ଭିଡୁଛନ୍ତି ଶିଷ୍ୟ

**ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ):** ୨୦୨୯ ବେଳକୁ ଓଡିଶା ରାଜନୀତିରେ ଅନେକ ପରିବର୍ତ୍ତନ ହେବାକୁ ଯାଉଛି। ଆଉ ଏହା ସଙ୍କେତ ଏବେଠାରୁ ମିଳିବାକୁ ଆରମ୍ଭ କଲାଣି। ଅବଶ୍ୟ ଏକଥା ସତ ଯେ ରାଜନୀତିରେ କେତେବେଳେ କ'ଣ ହେବ କହି ହେବନି। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଜାତୀୟ ରାଜନୀତିରେ ପାଦ ଥାପିଥିବା ଅଖିଳେଶ ଯାଦବ ପଡୋଶୀ ରାଜ୍ୟ ଭାବେ ଓଡିଶାକୁ ଆଖେଇଛନ୍ତି। ଏକଥା ନିକଟରେ ତାଙ୍କର ଓଡିଶା ଗସ୍ତ ସମୟରେ ସେ ଘୋଷଣା କରିସାରିଛନ୍ତି। କିନ୍ତୁ ଓଡିଶାରେ କିଏ ଧରିବ ଅଖିଳେଶଙ୍କ ବାନା। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛନ୍ତି ବରିଷ୍ଠ ରାଜନେତା ତଥା ଅସନ୍ତୁଷ୍ଟ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଏନେଇ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି।

ଗତ ଏପ୍ରିଲ ମାସରେ ଅଖିଳେଶ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଥିବା ଅବସରରେ ଶ୍ରୀକାନ୍ତଙ୍କ ଘରେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ବିତାଇଥିଲେ। ତା'ପରେ ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟରେ ସମାଜବାଦୀ ପାର୍ଟିକୁ ଆଗକୁ ନେବା ସହ ସବୁ ନିର୍ବାଚନମଣ୍ଡଳୀରେ ପ୍ରତିନିଧିତ୍ୱ କରିବାକୁ ଯୋଜନା କରୁଥିବା କହିଥିଲେ। ଶ୍ରୀକାନ୍ତଙ୍କ ଘରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ତାହା ଖୁବଶୀଘ୍ର ଫଳବତୀ ହେବାକୁ ଯାଉଛି। ଏମିତି ବି ଶ୍ରୀକାନ୍ତ କଂଗ୍ରେସରେ ଅସନ୍ତୁଷ୍ଟ ଅଛନ୍ତି। କାରଣ ସେ ପିସିସି ସଭାପତି ପଦକୁ ଆଖେଇଥିଲେ। ତାଙ୍କର ଆଶା ପୂରଣ ନ ହେବାରୁ ସେ ସମାଜବାଦୀ ପାର୍ଟି ଜରିଆରେ ପୁଣି ଥରେ ରାଜ୍ୟ ରାଜନୀତିରେ କିଛିଟା ଚର୍ଚ୍ଚା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସାମାଜିକ ନ୍ୟାୟ ଅଭିଯାନ ଏ ଦିଗରେ ଏକ ବଡ ଅସ୍ତ୍ର ସାଜିବ ବୋଲି ଆକଳନ କରାଯାଉଛି। କାରଣ ➾ପୃଷ୍ଠା-୬



## କାନ ଡେରିଥା

ଆରମ୍ଭ ହେଲାଣି ପାର୍ବଣ
ଋତୁଯେ
ସବୁଠି ଚଳ ଚଞ୍ଚଳ
ଚୋରୀ ପାଇଁ ଚୋର ମୁଣ୍ଡିଆ ମାରିଛି
ନିଶ୍ଚୟ ମିଳିବ ଫଳ
ପୋଲିସଙ୍କ ପାଇଁ କାଳ...
ସଭିଏଁ ଯାତ୍ରାରେ ମସଗୁଲ
ହେବେ
ଖାକୀ ହେବ ଝାଳ ନାଳ ।

■ ଦେବାଶିଷ

# ଶଙ୍ଖଭବନରେ ଡାହାଣି ଗୁଣିଆ ଖେଳ




## ଉସକାଉଛନ୍ତି ତିନି ଯୁବ ନେତା

## ଫସିଯାଇଛନ୍ତି ଦେବୀ ମିଶ୍ର

**ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ):** ଛାତ୍ର ବିଜେଡି ଓ ଯୁବ ବିଜେଡି ସଭାପତି ନିଯୁକ୍ତି ପରେ ଶଙ୍ଖଭବନରେ ଏବେ ଡାହାଣି-ଗୁଣିଆ ଖେଳ ଚାଲିଛି। ଦଳର ତିନିଜଣ ଯୁବ ନେତା ଡାହାଣି ହୋଇ ଲାଗିବା ସହିତ ଗୁଣିଆ ହୋଇ ଛଡାଇବା ଭଳି କାର୍ଯ୍ୟ କରୁଥିବାରୁ ଏବେ ଦଳୀୟ କାର୍ଯ୍ୟାଳୟରେ ନୂଆ ନିଯୁକ୍ତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ତିନି ଯୁବ ନେତାଙ୍କ ଏଭଳି ରାଜନୀତିରେ ବିଚରା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଫସିଯାଇଥିବା ଲକ୍ଷ୍ୟ କରାଯାଉଛି।

ଦୀର୍ଘ ଦିନର କସରତ ପରେ ଛାତ୍ର ବିଜେଡି ସଭାପତି ଭାବେ ଇପ୍‌ସିତା ସାହୁ ଓ ଯୁବ ବିଜେଡି ସଭାପତି ଭାବେ ଚିନ୍ମୟ ସାହୁଙ୍କୁ ବିଜେଡି ସଭାପତି ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ଦୁଇ ପଦବୀରେ ବିଧାୟକ ଦେବୀ ଦେବୀ ରଞ୍ଜନ ତ୍ରିପାଠୀ ଓ ବିଧାୟକ ବ୍ୟୋମକେଶ ରାୟ ରହିଥିଲେ। ଏହି ଦୁଇ ନେତା ବି ନିଜର ପଦବୀ ବଜାୟ ରଖିବା କିମ୍ବା ନିଜ ପସନ୍ଦର ପ୍ରାର୍ଥୀଙ୍କୁ ବସାଇବା ଲକ୍ଷ୍ୟରେ ଥିଲେ। ଏଥିପାଇଁ ଦଳର ମାମଲତକାରଙ୍କ ଶରଣ ପଶିଥିଲେ। ହେଲେ ମାମଲତାର ନିର୍ବାଚନରେ ହାରି କର୍ମୀଙ୍କ ବିରୋଧର ସମ୍ମୁଖୀନ ହେଉଥିବାରୁ ଦଳରେ ତାଙ୍କର ଆଉ ପୂର୍ବ ପତିଆରା ନାହିଁ। ତେଣୁ ସେ ବି କିଛି ସାହାଯ୍ୟ କରିପାରିଲେ ନାହିଁ। ଆଶାୟୀମାନେ ନିରାଶ ହେବାପରେ ଏବେ ଶଙ୍ଖ ଭବନରେ ଡାହାଣି-ଗୁଣିଆ ଖେଳ ଆରମ୍ଭ କରିଛନ୍ତି। କର୍ମୀଙ୍କ ଆଗରେ ଛାତ୍ର ବିଜେଡି ଓ ଯୁବ ବିଜେଡି ସଭାପତିଙ୍କ ପ୍ରତି ସେମାନଙ୍କର ଭରପୂର ସମର୍ଥନ ରହିଥିବା କହୁଛନ୍ତି। ହେଲେ ଭିତରେ ଭିତରେ ନିଜର କିଛି ଚେଲା ଚାମୁଣ୍ଡାଙ୍କୁ ବିରୋଧ ପାଇଁ ଉସକାଉଛନ୍ତି। ବିରୋଧ ସମୟରେ ଏମାନେ ସେହି ସ୍ଥାନ ଏପରିକି ଭୁବନେଶ୍ୱର ଛାଡି ପଳାଉଛନ୍ତି। ଯେତେବେଳେ ବରାଦିଆ ବିରୋଧ ଜୋରଦାର ହେଉଛି ସେଠାରେ ପହଞ୍ଚଇ ମିଛି ମିଛିକା ବୁଝା ସୁଝା କରୁଛନ୍ତି। ଉପରକୁ ବାର୍ତ୍ତା ଦେଉଛନ୍ତି ସେମାନେ ଅସନ୍ତୁଷ୍ଟମାନଙ୍କୁ ବୁଝା ସୁଝା କରିଦେଲେ। ସ୍ଥିତି ଆଉ ବିଗିଡିବ ନାହିଁ। ହେଲେ ଏମାନଙ୍କର ଏଭଳି ଖେଳ ଯୋଗୁଁ ଦୁଇ ନବ ନିଯୁକ୍ତଙ୍କୁ ବିରୋଧ ଥମୁନାହିଁ।

ତେବେ ଏମାନଙ୍କର ଏହି ଗେମ୍‌ରେ ଫସିଛନ୍ତି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର। ଦୁଇ ନବ ନିଯୁକ୍ତଙ୍କୁ ବିରୋଧ ➾ପୃଷ୍ଠା-୬

## ଫେରାର ଅଭିଯୁକ୍ତକୁ ଧରିଲା ସାଲେପୁର ପୁଲିସ



**ନିଶିନ୍ତକୋଇଲି,୨।୯ (ସଂଚାର ବ୍ୟୁରୋ):** ସାଲେପୁର ଥାନା ଅନ୍ତର୍ଗତ ବୋଦାମୁଣ୍ଡାଇ ବାରିଗୋଳ ଗ୍ରାମରେ ଘଟଣା ଘଟିଥିବା ବେଳେ ଉକ୍ତ ଗ୍ରାମର ଜଣେ ପ୍ରମୋଦ ବେହେରା ନାମକ ବ୍ୟକ୍ତି ପାରିବାରିକ କଳହ ଓ ନିଶାସକ୍ତ ଅବସ୍ଥାରେ ନିଜ ପୁତୁରା ରଞ୍ଜୁ ବେହେରା (ଚଗ)ଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ପ୍ରମୋଦ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ଦୂଲୁପୁର ଗ୍ରାମର କିଛି ନିବାସୀ ରାତି ପ୍ରାୟ ୧୦ଟାରେ ତାଙ୍କୁ ବନ୍ଧରେ ଦେଖି ପଚରା ଉଚରା କଲେ ଏବଂ ପ୍ରମୋଦ ସେମାନଙ୍କ ସମ୍ମୁଖରେ ଘଟଣାର ସବୁ ସତ୍ୟସତ୍ୟା ସ୍ୱୀକାର କରିଥିଲେ। ପରେ ଦୁଲୁପୁର ଗ୍ରାମବାସୀ ମାହାଳହାଟ ବିଟ୍ ହାଉସର ଭରପ୍ରାପ୍ତ ଅଧିକାରୀ ଅଜୟ ମହାନ୍ତିଙ୍କୁ ଜଣାଇବା ପରେ ଅଧିକାରୀ ତତକ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଅଟକ ରଖି ସାଲେପୁର ଥାନା ସହ ଯୋଗାଯୋଗ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ସାଲେପୁର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ଅଧିକ ତଦନ୍ତ ନିମିତ୍ତ ଥାନାକୁ ନେଇଛନ୍ତି।

## ସାତଭାୟା ଥଇଥାନସ୍ଥଳୀରେ ବୁଲିଲା ଖଣ୍ଡା

**ରାଜନଗର,୨।୯ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ସାତଭାୟା ଥଇଥାନସ୍ଥଳୀ ବାଗପଟିଆରେ ଦୁଇ ପରିବାର ଭିତରେ ବିବାଦ ସାତଭାୟାରୁ ରାଜନଗରରେ ପହଞ୍ଚିଛି। ଗତକାଲି ଥଇଥାନସ୍ଥଳୀରେ ଖଣ୍ଡା ବୁଲିଥିବା ବେଳେ ଆଜି ରାଜନଗର ଥାନାକୁ ଆସିଥିବା ବେଳେ ରାଜନଗର ବଜାର ଉପରେ ବାଡିଆପିଟା ହୋଇଛନ୍ତି। ଦୁଇ ପରିବାର ଭିତରେ ବିବାଦ ସମାଧାନ ପାଇଁ ଗାଁରେ ବସିଥିବ ଭଦ୍ରଲୋକଙ୍କୁ ରାଜନଗରରେ ବାଡେଇଛନ୍ତି।

ସୂଚନା ମୁତବକ ସାତଭାୟା ଥଇଥାନସ୍ଥଳୀର ୧୮ ନମ୍ବର ୱାର୍ଡର ଶଙ୍କର୍ଷଣ ମଳିକ ସେହି ଗାଁର ଠିକାଦାର ବିଚିତ୍ର ମଳିକଙ୍କ ପାଖରୁ ୧ ଲକ୍ଷ ନେଇଥିଲା ଉଦ୍ଧାର ସ୍ୱରୂପ। ସେଇ ଠିକାଦାର ପାଖରେ କାମ କରି ଟଙ୍କା ସୁଝିବାକୁ କଥା ହୋଇଥିଲା। କୋର୍ଟ ପେପରରେ ବଣ୍ଡ କରି ଶଙ୍କର୍ଷଣ ଏହି ଟଙ୍କା ନେଇଥିଲେ। ମାତ୍ର ଶଙ୍କର୍ଷଣ ମଳିକ ସେଇ ଠିକାଦାର ପାଖକୁ କାମ ନକରିବାକୁ ଯିବାରୁ ଠିକାଦାର ଶଙ୍କର୍ଷଣକୁ ଦେଇଥିବା ୧ ଲକ୍ଷ ଟଙ୍କା ମାଗିଥିଲେ। ଯାହାକୁ ନେଇ ଏହି ବିବାଦର ସୂତ୍ରପାତ ହୋଇଥିଲା।

## ରାସ୍ତାରେ ହୋଇଥିବା ଖାଲରେ ପଡ଼ି ବାଇକ ଆରୋହୀ ମୃତ



**ରାଜନଗର,୨।୯ (ସଂଚାର ବ୍ୟୁରୋ):** ରାସ୍ତା ଅବସ୍ଥା ଶୋଚନୀୟ। ରାସ୍ତା ମରାମତି ପାଇଁ ଲୋକେ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି। ରାସ୍ତାକୁ ସବୁଦିନିଆ ରାସ୍ତା କରିବା ପାଇଁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅର୍ଥ ଯୋଗାଇ ଦିଆଯାଇଥିଲା। ମାତ୍ର ସେ ସ୍ଥାନରେ ରାସ୍ତା ନକରି ପ୍ରଭାବଶାଳି ନେତାଙ୍କ କଥାରେ ଅନ୍ୟ ସ୍ଥାନରେ ରାସ୍ତା କରିଦିଆଗଲା। ଫଳ ସ୍ୱରୂପ ଆଜି ଚନ୍ଦ୍ରଶିଖର-ପଶ୍ଚିମଭେଡା ରାସ୍ତାରେ ହୋଇଥିବା ଖାଲରେ ପଡ଼ି ବାଇକ ଆରୋହୀଙ୍କର ଜୀବନ ଯାଇଛି। ରାଜନଗର ଥାନା ଭିତରଗଡ଼ ପଞ୍ଚାୟତ ଅନ୍ତର୍ଗତ ଚାରିପୋଖରିଆ ଗାଁର କଳାକାର ରାଉତ (୬୦ ବର୍ଷ) ଆଜି ସକାଳେ ବିଲ ବାଛିବାକୁ ଯାଇଥିଲେ। ବିଲରୁ ଫେରି ମୋଟର ସାଇକେଲ ନେଇ ସାର ଆଣିବାକୁ ଚନ୍ଦ୍ରଶିଖର-ପଶ୍ଚିମଭେଡା ରାସ୍ତାରେ କୁରୁଣ୍ଟି ଯାଉଥିଲେ। ପଶ୍ଚିମଭେଡା ଗାଁ ଶେଷ ମୁଣ୍ଡରେ ରାସ୍ତାରେ ହୋଇଥିବା ବିରାଟ ଖାଲରେ ମୋଟରସାଇକେଲ ସହ କଳାକାର ପଡ଼ିଯାଇଥିଲେ। ନିଜେ ଉଠିବା ସହ ପାଖ ଘରୁ ବାଲଟି ଆଣି ଗାଡି ଧୋଇବା ସହ ନିଜେ ଧୋଇ ହୋଇଥିଲେ। ଏହା ପରେ ହଠାତ ତାଙ୍କ ମୁଣ୍ଡ କଣ ହେଉଛି କହି ବସି ପଡ଼ିଥିଲେ। ରାସ୍ତାର ସେହି ଖାଲ ପାଖରେ ହିଁ କଳାକାର ଟଳି ପଡ଼ିଥିଲେ। ପରିବାର ଲୋକେ କଳାକାରଙ୍କୁ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାସ୍ତାରେ ଖାଲ କାରଣରୁ ଚାଷୀଙ୍କ ଜୀବନ ଯିବା ଘଟଣା ରାଜନଗର ଅଞ୍ଚଳରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

## ଗୋଷ୍ଠୀ ସଂଘର୍ଷ ; ୩ ଆହତ, ୨ ଗୁରୁତର

**ପଟ୍ଟାମୁଣ୍ଡାଇ,୨।୯(ସଂଚାର ବ୍ୟୁରୋ):** ପୁଣି ଥରେ ଅଶାନ୍ତ ହୋଇ ଉଠିଛି ପଟ୍ଟାମୁଣ୍ଡାଇ ସହର। ଭାଇଚାରାର ସହର ଭାବେ ପରିଚିତ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏବେ ଦିନକୁ ଦିନ ବଢ଼ି ଚାଲିଛି ଗଣ୍ଡଗୋଳ। ଗତ ଚାରି ଦିନ ତଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଫଳରେ ଦୁଇ ଗୁରୁତର ଏବେ ସୁଦ୍ଧା କଟକ ମେଡିକାଲରେ ଚିକିତ୍ସିତ ଅଛନ୍ତି । ପୁଣି ଆଜି ସକାଳେ ଆଉ ଥରେ ଆକ୍ରମଣରେ ପଟ୍ଟାମୁଣ୍ଡାଇ ୧୧ ନମ୍ବର ୱାର୍ଡର ଦୁଇ ଜଣ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଥିବା ଦୁଇ ଜଣଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏପଟେ ଭିନ୍ନ ସମ୍ପ୍ରଦାୟର ଶତାଧିକ ମହିଳା ପଟ୍ଟାମୁଣ୍ଡାଇ ଥାନା ଓ ମେଡ଼ିକାଲରେ ପହଂଚିବା ଫଳରେ ଉତ୍ତେଜନା ସୃଷ୍ଟି ହୋଇଛି। ତୁରନ୍ତ ଆକ୍ରମଣକାରୀମାନଙ୍କୁ ଗିରଫ କରିବାକୁ ଦାବି କରି ଶତାଧିକ ମହିଳା ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା ଓ ଆଇଆଇସି ବନ୍ଦନା ପାତ୍ର ପହଂଚି ଧାରଣାକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ଶାନ୍ତି କମିଟି ବୈଠକକୁ ବାତିଲ କରିଦିଆଯାଇଛି।

# ଦେଢ଼ ଶହ ବର୍ଷର ପୁରୁଣା ସହର ଏବେ ବିପର୍ଯ୍ୟସ୍ତ

**ରାସ୍ତାଘାଟ ଖାଲଖମା, ପଡ଼ିରହିଛି କୁଢ଼ କୁଢ଼ ଅଳିଆ**

**ହେଉନି ଡ୍ରେନେଜ୍ ସଫେଇ, ଦେଖାଦେଇଛି ଜଳବନ୍ଦୀ ସମସ୍ୟା**



**କେନ୍ଦ୍ରାପଡ଼ା, ୨।୯ (ସଂଚାର ବ୍ୟୁରୋ):** ଦେଢ଼ ଶହ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ସହର। ଏହି ପୁରୁଣା ସହରର କେତେ ବିକାଶ ହୋଇଛି ତାହା ରାସ୍ତାଘାଟ ଓ ପରିମଳ ବ୍ୟବସ୍ଥାକୁ ଦେଖିଲେ ବାରି ହୋଇପଡୁଛି । କେଉଁଠି ରାସ୍ତାରୁ ଗୋଡି ଉଠିଗଲାଣି ତ ଆଉ କେଉଁଠି ଆଣ୍ଠୁଏ ଖାଲ । କେଉଁଠି ପାଣି ଜମା ହୋଇ ରହିଛି ତ କେଉଁଠି ପିଚୁ ଉଠିଗଲାଣି । ଫଳରେ ସହରରେ ଦୁର୍ଘଟଣାରେ ହାର ବି ବଢ଼ିଚାଲିଛି । ତେବେ ଏଭଳି ଦୃଶ୍ୟ ଦେଖାଦେଇଛି। ରାଜ୍ୟର ସର୍ବପୁରାତନ ମ୍ୟୁନିସିପାଲିଟି କେନ୍ଦ୍ରାପଡାରେ । ଏହାର ସମାଧାନ ପାଇଁ ସ୍ଥାନୀୟ ଲୋକ ବାରମ୍ବାର ଦାବି କରିଥିଲେ ମଧ ଫଳ ଶୂନ ବୋଲି ଅଭିଯୋଗ ହୋଇଛି । ସହରର ୨୧ଟି ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ।

୧୮୬୯ ମାର୍ଚ୍ଚ ୧୦ ତାରିଖରେ ତତ୍କାଳୀନ ଇଂରେଜ ସରକାର କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାକୁ ପ୍ରଥମ ପୌରପାଳିକା ଭାବେ ଘୋଷଣା କରିଥିଲେ । କେନ୍ଦ୍ରାପଡା ସହର ପ୍ରାୟ ୮.୬୫ ବର୍ଗ କିଲୋମିଟରକୁ ନେଇ ଗଠିତ । ଏହାର ୱାର୍ଡ ସଂଖ୍ୟା ୨୧ ରହିଥିବା ବେଳେ ବର୍ତ୍ତମାନ ଜନସଂଖ୍ୟା ୬୦ ହଜାରରୁ ଅଧିକ । ତେବେ ଏତେ ଲୋକଙ୍କ ସୁବିଧା ସୁଯୋଗ କ୍ଷେତ୍ରକୁ ଲକ୍ଷ୍ୟ କଲେ ପରିମଳ ବ୍ୟବସ୍ଥା ଉପରେ ପ୍ରଥମେ ଦୃଷ୍ଟି ପଡେ । ୧ ନଂ ୱାର୍ଡ ଇଚ୍ଛାପୁର ଠାରୁ ଆରମ୍ଭ କରି ୨୧ନଂ ୱାର୍ଡ କଜଳା ପର୍ଯ୍ୟନ୍ତ ଯେଉଁଠି ଦେଖିଲେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡିଛି । ଏହି ଆବର୍ଜନା ପରିଚାଳନା ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ସକାଳ ଓ ସନ୍ଧ୍ୟା ସମୟରେ ଅଳିଆ ଆବର୍ଜନା ସଫେଇ ଦାୟିତ୍ୱ ନେଇଥିବା ସଂସ୍ଥା ନିଜର ମନମାନୀ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି ।

୬୦ ହଜାରରୁ ଅଧିକ ଲୋକ ବସବାସ କରୁଥିବା ସହରର ରାସ୍ତାଘାଟ ସମସ୍ୟା ଏବେ ଚିନ୍ତାର କାରଣ ପାଲଟିଛି । ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଏବେ ମରଣଯନ୍ତା ପାଲଟିଛି। ବର୍ଷାରେ ରାସ୍ତାଗୁଡିକ ଖାଲଖମାରେ ପରିପୂର୍ଣ୍ଣ ହୋଇ ଯାଉଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ ଏଥିରୁ ବାଦ ପଡୁନାହିଁ। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ ନା ପୌର କର୍ତ୍ତୃପକ୍ଷ ନା ଅଧକ୍ଷା କାହାର ବି ନଜର ପଡୁନଥିବା ଅଭିଯୋଗ ହୋଇଛି ।

**ଶତପ୍ରତିଶତ ଭିନ୍ନକ୍ଷମ ଅନୁପମାଙ୍କ ଅସୁମାରୀ ଦୁଃଖ**

## ଏଯାଏଁ ହୋଇନି ଆଧାର କାର୍ଡ, ମିଳୁନି ରାସନ୍ ଚାଉଳ



**ମହାକାଳପଡ଼ା,୨।୯ (ସଂଚାର ବ୍ୟୁରୋ):** ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଅବିବାହିତ ଯୁବତୀଙ୍କର ଏ ଯାଏଁ ଆଧାର କାର୍ଡ ନାହିଁ। ଆଧାର ନଥିବାରୁ ତାଙ୍କୁ ରାସନ୍ ଚାଉଳ ମିଳୁନି। ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ୫ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ପକ୍କାଘର ଖଣ୍ଡିଏ ନଥିବାରୁ ଚାଳ ଛପର ଘରେ ଜୀବନ କାଟୁଛନ୍ତି ଯୁବତୀ। ତମାମ ଘଟଣାରେ ପ୍ରଶାସନର ଦୃଷ୍ଟି ତାଙ୍କ ଉପରେ ପଡୁ ନଥିବା ଯୁବତୀଙ୍କ ପରିବାର ଅଭିଯୋଗ କରିଛନ୍ତି।

ଏମିତି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ଅଧୀନ ତେର ଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓସ୍ତର ଗ୍ରାମରୁ। ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଝିଅ ଅନୁପମା ଦାସ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଅବିବାହିତ ଯୁବତୀ। ୩୫ ବର୍ଷୀୟ ଅନୁପମାଙ୍କ ଉଭୟ ହାତ ଓ ଗୋଡ଼ ଅଚଳ। ନା ସେ ଛିଡ଼ା ହୋଇ ପଚାରୁଛନ୍ତି ନା ହାତରେ ଖାଇ ପାରୁଛନ୍ତି। ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଛନ୍ତି ଓ ପରିବାର ଲୋକେ ଖୁଆଇଲେ ପେଟକୁ ମୁଠାଏ ଦାନା ଯାଉଛି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କର ଆଧାର କାର୍ଡଟିଏ ହୋଇପାରି ନାହିଁ। ଆଧାର କାର୍ଡ ନଥିବାରୁ ରାସନ୍ କାର୍ଡରେ ନାମ ଥାଇ ମଧ ତାଙ୍କୁ ୨ ବର୍ଷ ହେବ ରାସନ୍ ଚାଉଳ ମିଳୁନି। କେବଳ ସେତିକି ନୁହେଁ ତାଙ୍କ ପାଖରେ ଡିଜିଟାଲ ୟୁଡିଆଇଡି ପ୍ରମାଣପତ୍ର ନଥିବା ଯୋଗୁଁ ଗତ ୫ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ଅନ୍ତୋଦୟ ଯୋଜନାରେ ଘର ଖଣ୍ଡିଏ ମଧ ମିଳି ପାରିଲା ନାହିଁ। ଏମିତି ପରିସ୍ଥିତିରେ ଏକ ଚାଳ ଛପର ଘରେ ଗୁମୁରି ଗୁମୁରି କାନ୍ଦିବାକୁ ବାଧ ହେଉଛନ୍ତି ଅନୁପମା।

ଅନୁପମାଙ୍କ ବାପା ଚନ୍ଦ୍ରମଣି ଦାସଙ୍କୁ (୭୮) ବୟସାଧିକ କାରଣରୁ କାମଧନ୍ଦା କରିବା ପାଇଁ ଅସମର୍ଥ। ମାଆ କମଳା ମଧ ଘର ପାଉଟି ସହିତ ଝିଅର ସମସ୍ତ ସେବା କରୁଛନ୍ତି। ହେଲେ ଏମିତି ପରିସ୍ଥିତିରେ ଅନୁପମାଙ୍କ ଦୁଃଖର କାନ୍ଦ ନା ଏ ପଞ୍ଚାୟତର ଲୋକପ୍ରତିନିଧି ଶୁଣି ପାରୁଛନ୍ତି ନା ପ୍ରଶାସନ? ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ପରିବାର ତରଫରୁ ଗୁହାରି କରିଛନ୍ତି।

## ୮ ଫୁଟ ଲମ୍ବର ଅଜଗର ଉଦ୍ଧାର



**ରାଜନଗର,୨।୯(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ରଗଡ଼ାପାଟିଆ ଗାଁରୁ ୮ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ଗାଁର ଖାଣ୍ଟୁ ମହିଷାଳଙ୍କ ବାଡ଼ରେ ଦିଆଯାଇଥିବା ଜାଲରେ ଅଜଗର ସାପ ଲାଗିଥିବା ଦେଖିଥିଲେ। ବନବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ ଦ୍ୱାରା ସାପଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ଜଙ୍ଗଲ ଭିତରେ ଛାଡି ଦିଆଯାଇଛି। ଏହି ଉଦ୍ଧାର କାର୍ଯ୍ୟରେ ବନରକ୍ଷୀ କଳ୍ପତରୁ ସେଠୀ, ଯଶୋବନ୍ତ ବେହେରା, କୁନା ବେହେରା, ବାବୁଲି ବିଶ୍ୱାଳ, ବାବୁଲି ଦାସ ନିୟୋଜିତ ଥିଲେ।

**ଜୀବନ ଗଲେ ଚେତିବ କି ବିଦ୍ୟୁତ ବିଭାଗ ?**

## ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ଲୋକେ ଭୟଭୀତ



**ମହାକାଳପଡ଼ା,୨।୯(ସଂଚାର ବ୍ୟୁରୋ):** ମୁକୁଳା ଭାବେ ବିପଦଶଙ୍କୁଳ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଭୂମି ପତ୍ତନରୁ ମାତ୍ର ତିନି ଫୁଟ ଉପରେ ଖୋଲା ମେଲା ଫ୍ୟୁଜ ତାର ବନ୍ଧା ଯାଇଛି। ସବୁଠାରୁ ଚଳଚଞ୍ଚଳ ଛକ ବୋଲି କୁହାଯାଉଥିବା ଶିଖର ଛକ ନିକଟରେ ଥିବା ହନୁମାନଙ୍କ ରାସ୍ତା କଡ଼ରେ ଏହି ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଏହି ମୁଖ୍ୟ ରାସ୍ତା ଦେଇ ଛୋଟ ଛୋଟ ଶିଶୁ ଅଙ୍ଗନବାଡି, ଛାତ୍ରଛାତ୍ରୀମାନେ ଶିଶୁ ମନ୍ଦିର ଓ ମହାବିଦ୍ୟାଳୟକୁ ଯାଉଛନ୍ତି। ବୁଲା ଗାଈଗୋରୁ ସେହି ଟ୍ରାନ୍ସଫର୍ମର ନିକଟରେ ଚରୁଥିବା ମଧ ଦେଖିବାକୁ ମିଳିଛି। କେତେବେଳେ ଯେ କେଉଁ ଅଘଟଣ ଘଟିବ ତାହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଲୋକେ ଦାବି କରିଛନ୍ତି।

## ବ୍ଲକ୍ ଫାଟକ ସମ୍ମୁଖରେ ଭାଗବତ ପ୍ରଚାର ସମିତିର ଅନଶନ




**ମାର୍ଶାଘାଇ,୨।୯(ସଂଚାର ବ୍ୟୁରୋ):** ଭାଗବତ ଟୁଙ୍ଗୀ ଅର୍ଥ ହଡ଼ପ ବିରୁଦ୍ଧରେ ମାର୍ଶାଘାଇ ବ୍ଲକ ଫାଟକ ସମ୍ମୁଖରେ ଭାଗବତ ପ୍ରଚାର ସମିତିର ଉପସଭାପତି ସୁବ୍ରତ କୁମାର ରାଉତଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ସଦସ୍ୟମାନେ ଏକତ୍ରିତ ହୋଇ ଆମରଣ ଅନଶନରେ ବସିଥିଲେ।

ପ୍ରତ୍ୟେକ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଆସିଥିବା ଅର୍ଥ ରାଶିକୁ ଦୀର୍ଘ ଦିନ ଧରି ଅଟକ ରଖାଯାଇଛି। ଯେଉଁଥିପାଇଁ ଭାଗବତ ଟୁଙ୍ଗୀର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେ ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ସେଥିପାଇଁ ଆଜି ଭାଗବତ ପ୍ରଚାର ସମିତି ପକ୍ଷରୁ ଆମରଣ ଅନଶନ କରିଥିଲେ। ଘଟଣାସ୍ଥଳରେ ମାର୍ଶାଘାଇ ବ୍ଲକ ବିଡ଼ିଓ ପଞ୍ଚାନନ ମଲ୍ଲିକ ପହଞ୍ଚି ଅନଶନରେ ବସିଥିବା ସମିତିର ସଦସ୍ୟ ମାନଙ୍କୁ ବୁଝାସୁଝା କରିବା ସହିତ ପ୍ରତିଶୃତି ଦେବାପରେ ଅନଶନରୁ ଓହରି ଥିଲେ।

## ପାଟକୁରାରେ ସଂଗଠନ ସୃଜନ ଅଭିଯାନ ସଭା




**ଡେରାବିଶ,୨।୯(ସଂଚାର ବ୍ୟୁରୋ):** ଏବେ ସାରା ଦେଶରେ ଆରମ୍ଭ ହୋଇଛି କଂଗ୍ରେସ ସଂଗଠନ ସୃଜନ ଅଭିଯାନ । ଏହି ଅଭିଯାନରେ କଂଗ୍ରେସ ଦଳକୁ ତୃଣମୂଳ ସ୍ତରରୁ ସୃଦୃଢ଼ କରିବା ପାଇଁ ଉପଯୁକ୍ତ ଜିଲ୍ଲା ସଭାପତି ଚୟନ ପକ୍ରିୟା ସାରା ରାଜ୍ୟର ତିରିଶଟି ସଂଗଠନିକ ଜିଲ୍ଲା ମଧ୍ୟରୁ ବାଲେଶ୍ୱର, କେନ୍ଦ୍ରାପଡ଼ା, ଝାରସୁଗୁଡା ଓ ମୟୁରଭଞ୍ଜରେ ପର୍ଯ୍ୟବେକ୍ଷକ ପହଁଚି ଆରମ୍ଭ କରିଛନ୍ତି ଜିଲ୍ଲା ସଭାପତି ଚୟନ ପକ୍ରିୟା । କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା କର୍ଣ୍ଣାଟକ ରାଜ୍ୟର ପ୍ରଭାରୀ ତଥା ଏଆଇସିସି ସେକ୍ରେଟାରୀ ଗୋପୀନାଥ ପଲାନିୟପ୍ପନଙ୍କ ସହ ବିଂଝାରପୁର ବିଧାୟକ ପାର୍ଥିନୀ କନକଲତା ମଲିକ ଓ ମାନସ କରଙ୍କ ଉପସ୍ଥିତିରେ ପାଟକୁରା ଯୁବ କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ସଂଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣ ପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ନିକଟସ୍ଥ ସାରଳା ମଣ୍ଡପରେ ସଂଗଠନ ସୃଜନ ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ପାଟକୁରା ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ ପଦାଧିକାରୀ ଓ କର୍ମୀମାନେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଚୟନରେ ନିଜର ମତାମତ ଜଣାଇଛନ୍ତି ।

## ସାଲେପୁରକୁ ଏନ଼୍ଏସି ମିଳିଥିବାରୁ ଅଟଳ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ସାଲେପୁର,୨।୯(ସଂଚାର ବ୍ୟୁରୋ):** ସାଲେପୁର ଅଟଳ ସେନା, ଓଡ଼ିଶା ପକ୍ଷରୁ ୨୦୧୯ ମସିହାରୁ ଓଡ଼ିଶା ସରକାରଙ୍କୁ ବହୁବାର ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ଶେଷରେ ନୂତନ ବିଜେପି ସରକାରର ମାନ୍ୟବର ସହରାଞ୍ଚଳ ଉନ୍ନୟନ,ଗୃହ ନିର୍ମାଣ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଗତ ତା -୨୮.୮.୨୦୨୫ ରିଖରେ ସାଲେପୁର ଗସ୍ତ ଅବସରରେ ତାଙ୍କୁ ସେନା ପକ୍ଷରୁ ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେବା ପାଇଁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବହୁ ଆକାଙ୍କିତ ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ (ଏନ୍. ଏ. ସି) ରୂପେ ଘୋଷଣା କରିଥିବାରୁ ଅଟଳ ସେନା, ଓଡ଼ିଶା ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ସ୍ଥାନୀୟ ନେତା ଅରିନ୍ଦମ ରାୟ ଓ ସାମ୍ବାଦିକ ମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ସିମେଣ୍ଟ କୁଣ୍ଡରେ ଫୁଟିଛି ବିରଳ ପଦ୍ମ



**ମାର୍ଶାଘାଇ,୨।୯(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାର୍ଶାଘାଇ ଗ୍ରାମର ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଛାତ ଉପରେ ଏକ ସିମେଣ୍ଟ କୁଣ୍ଡରେ ବିରଳ ପ୍ରଜାତିର ପଦ୍ମ ଫୁଲ ଫୁଟିଥିବା ଦେଖିବାକୁ ମିଳିଛି। ସାଧାରଣତଃ ପୋଖରୀ କିମ୍ବା ନାଳରେ ପଦ୍ମ ଫୁଲ ଫୁଟିବାର ଦେଖାଯାଏ। କିନ୍ତୁ ସିମେଣ୍ଟ କୁଣ୍ଡରେ ଛାତ ଉପରେ ପଦ୍ମ ଫୁଟିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଦିଲ୍ଲୀପ ତାଙ୍କ ଛାତ ଉପରେ ୫୦ ପ୍ରକାରରୁ ଉର୍ଦ୍ଧ୍ୱ ପ୍ରଜାତିର ପଦ୍ମ ଫୁଲ ଫୁଟାଇ ପାରିଛନ୍ତି। ତାହା ମଧରୁ ଅନ୍ୟତମ ଓ ବିରଳ ହେଉଛି ହଜାର ପାଖୁଡ଼ାର ପଦ୍ମ ଫୁଲ। ଦିଲ୍ଲୀପ ଦୀର୍ଘ ତିନି ବର୍ଷ ପୂର୍ବରୁ ବିଦେଶର ସମସ୍ତ ପଦ୍ମ 'ଟ୍ରିବର' ମଗାଇ ତାଙ୍କ ଛାତ ଉପରେ ସିମେଣ୍ଟ କୁଣ୍ଡରେ ଲଗାଇଥିଲେ। ଆଜକୁ ପ୍ରାୟ ତିନି ବର୍ଷ ହେବ ସବୁ ପ୍ରଜାତିର ପଦ୍ମ ଫୁଟୁଥିବା ବେଳେ ହଜାର ପାଖୁଡାର ପଦ୍ମ ଫୁଟୁ ନ ଥିଲା। କିନ୍ତୁ ଆଜି ଏହି ବିରଳ ପଦ୍ମ ଫୁଟିବା ପରେ ଦିଲ୍ଲୀପଙ୍କ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଏହି ବିରଳ ପଦ୍ମଟିକୁ ଦେଖିବା ପାଇଁ ଅନେକ ଫୁଲ ପ୍ରେମୀ ଭିଡ଼ ଲଗାଇଛନ୍ତି।

## କିରୋସିନ୍ ଢ଼ାଳି ହୋଇ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ସାଲେପୁର, ୨।୯ (ସଂଚାର ବ୍ୟୁରୋ):** ପାରିବାରିକ କଳହ ଯୋଗୁଁ ଜଣେ ମହିଳା ନିଜ ଦେହରେ କିରୋସିନ୍ ଢ଼ାଳି ଆତ୍ମାହୂତି ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ସିଦ୍ଧୋ ପଞ୍ଚାୟତ କଙ୍କରାଇଲୋ ଗ୍ରାମର ଅଜୟ କୁମାର ରାଉତଙ୍କ ପତ୍ନୀ ତିଲୋତ୍ତମା ରାଉତ(୫୨) ପାରିବାରିକ କଳହ କାରଣରୁ ଆଜି ସକାଳ ପ୍ରାୟ ୯ଟାବେଳେ ଏକ କୋଠରୀରେ ଭିତର ପଟୁ କବାଟ ବନ୍ଦ କରି ନିଜ ଦେହରେ କିରୋସିନ୍ ଢ଼ାଳି ନିଆଁ ଲଗାଇଦେଇଥିଲେ। ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀମାନେ ତିଲୋତ୍ତମାକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସାଲେପୁର ମେଡ଼ିକାଲରେ ଭର୍ତ୍ତି କରିଥିବାବେଳେ ତାର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ତିଲୋତ୍ତମା ଶରୀରର ପ୍ରାୟ ୬୦ଭାଗ ଅଂଶ ନିଆଁରେ ପୋଡ଼ିଯାଇଛି।

## ସାଲେପୁରକୁ ଏନ଼୍ଏସି ଘୋଷଣା ପରେ ଟାଙ୍ଗୀସାଲେପୁର ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା



**ସାଲେପୁର, ୨।୯ (ସଂଚାର ବ୍ୟୁରୋ):** ଦୀର୍ଘବର୍ଷର ପ୍ରତୀକ୍ଷା ପରେ ଶେଷରେ ରାଜ୍ୟ ସରକାର ସାଲେପୁରକୁ ଏନ଼୍ଏସି ମାନ୍ୟତା ପ୍ରଦାନ କରିଥିବାରୁ ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଅଧକ୍ଷ ତଥା ବିଧାୟକ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘବର୍ଷ ଧରି ସାଲେପୁର ଅଞ୍ଚଳବାସୀଙ୍କର ଏହା ଏକ ନାର୍ଯ୍ୟ ଦାବି ହୋଇଥିବାବେଳେ ସାମ୍ବାଦିକମାନେ ନିଜର କଲମ ଚାଳନା କରି ସରକାରଙ୍କ ଉପରେ ବାରମ୍ବାର ଚାପ ପ୍ରୟୋଗ କରିବା ଫଳରେ ଶେଷରେ ସରକାର ସାଲେପୁରକୁ ଏନ଼୍ଏସି ମାନ୍ୟତା ପ୍ରଦାନ କରିଛନ୍ତି। ସେ ମଧ ବାରମ୍ବାର ସାଲେପୁରକୁ ଏନ଼୍ଏସି ପାଇଁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଦାବିପତ୍ର ଦେଇଆସିଛନ୍ତି। ଏହାନେଇ ଶ୍ରୀ ସ୍ୱାଇଁ ସାଲେପୁର ଅଞ୍ଚଳର ଗଣମାଧମ ପ୍ରତିନିଧିଙ୍କୁ ଶ୍ରେୟ ଦେବା ସହ ବିଭିନ୍ନ ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବୈତରଣୀ ନଦୀଶଯ୍ୟାରେ କୁଢ଼କୁଢ଼ ଆବର୍ଜନା



**ନାକ ଟେକୁଛନ୍ତି ତୀର୍ଥଯାତ୍ରୀ**

**ଯାଜପୁର, ୨।୯ (ସଂଚାର ବ୍ୟୁରୋ):** ଅଳିଆ ଆବର୍ଜନାରେ ଭର୍ତ୍ତି ହେଉଛି ପୁଣ୍ୟତୋୟା ବୈତରଣୀ। ଯାଜପୁର ସହରର ଆବର୍ଜନାକୁ ନେଇ ସିଧା ନଦୀ ଶଯ୍ୟାରେ ପକାଉଛି ଯାଜପୁର ପୌରପାଳିକା। ଫଳରେ ନଦୀଜଳ ପ୍ରଦୂଷିତ ହେଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଏହାକୁ ଦେଖି ନାକ ଟେକୁଛନ୍ତି। ନଦୀ ଜଳକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରୁଥିଲେ ହେଁ ଯାଜପୁର ଜିଲ୍ଲା ପ୍ରଶାସନ କିମ୍ବା ପୌର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି।

ବୈତରଣୀ ନଦୀକୂଳରେ ଅବସ୍ଥିତ ପ୍ରାଚୀନ କୀର୍ତ୍ତିରାଜି- ବରାହ ମନ୍ଦିର, ନୃସିଂହ ମନ୍ଦିର, ସୂର୍ଯ୍ୟମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ପ୍ରାଚୀନ ଯମ-ମାଆ ସାତ ଭଉଣୀ ମନ୍ଦିର ଦେଖିବାକୁ ଦୈନିକ ବହୁ ଯାତ୍ରୀ ଆସିଥାନ୍ତି। ବାହାର ରାଜ୍ୟରୁ ପ୍ରତ୍ୟେକ ଦିନ ଆସୁଥିବା ଶ୍ରଦ୍ଧାଳୁ ବୈତରଣୀ ନଦୀର ଏ ଅବସ୍ଥା ଦେଖି ବୁଡ଼ ପକାଇବା ତ ଦୂରର କଥା, ପାଣି ଛିଞ୍ଚି ହେବାକୁ ମଧ କୁଣ୍ଠାବୋଧ କରୁଛନ୍ତି। ଏପରି ଏକ ପବିତ୍ର ପୀଠରେ ସହରର ସମସ୍ତ ଅଳିଆ ଆବର୍ଜନାକୁ ନେଇ ନଦୀକୂଳରେ ଜମା କରିବା କେତେ ଯୁକ୍ତିଯୁକ୍ତ ତାହା ଏକ ବଡ଼ ପ୍ରଶ୍ନ। ଦୈନିକ ଟ୍ରାକ୍ଟର ଯୋଗେ ଟ୍ରିପ୍ ଟ୍ରିପ୍ ଆବର୍ଜନା ବୈତରଣୀ ପଠାରେ ବରାହ ମନ୍ଦିର ନିକଟରେ ଫିଙ୍ଗାଯାଉଛି। ବର୍ଷାରେ ତାହା ଧୋଇହୋଇ ସିଧା ଯାଇ ନଦୀ ପାଣିରେ ମିଶିଥାଏ। ଏବେ ତାହା ଜମି ରହି ପଚିଶଢ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

ଏହି ସ୍ଥାନରେ ଶ୍ରଦ୍ଧାଳୁ ବୁଡ଼ ପକାଇବା ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟରେ ବ୍ୟାରେଜ ଓ ତୁଠ ନିର୍ମାଣ କରାଯାଇଛି। କିନ୍ତୁ ସ୍ନାନ ପାଇଁ ପାଣିକୁ ନିର୍ମଳ ରଖିବାକୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଯାଜପୁର ପୌରପାଳିକା ପକ୍ଷରୁ ବୈତରଣୀ ନଦୀର ସୁରକ୍ଷା ତଥା ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ପାଣି ଏତେ ଦୂଷିତ ହୋଇଯାଇଛି ଯେ ସେଥିରେ ଗାଧୋଇଲେ ଚର୍ମରୋଗର ଭୟ ରହିଛି। ଯାଜପୁରର ବିକାଶ ନାଁରେ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ତୀର୍ଥସ୍ଥାନର ପବିତ୍ରତା ରକ୍ଷା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବୈତରଣୀ ଜଳର ସୁରକ୍ଷା ପାଇଁ ବୈତରଣୀପଠାରେ ଡମ୍ପୟାର୍ଡ ବନ୍ଦ କରିବାକୁ ଦାବି ହେଉଛି।

# ଲଗାଣ ବର୍ଷାରେ ବାଲେଶ୍ୱରରେ କୃତ୍ରିମ ବନ୍ୟା

**ବାଲେଶ୍ୱର,୨।୯(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ସହରରେ ମଙ୍ଗଳବାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରର ତଳିଆ ଅଞ୍ଚଳରେ ବିଭିନ୍ନ ଗଳି, ଛକ, ରାସ୍ତାରେ ୨/୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଚି ପୋଲ, ନୁଆସାହି, ତେଲେଙ୍ଗା ସାହି ଛକ ଆଦିରେ ବର୍ଷା ଜଳ ଜମି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏପରିକି ଅରଡ଼ ବଜାର ଓ କଂଗ୍ରେସ ଗଳିରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ବହୁ ଦୋକାନ ଓ ଘର ଭିତରେ ବର୍ଷା ପାଣି ପ୍ରବେଶ କରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜଳ ନିଷ୍କାସନକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଗତକାଲି ରାତିରେ ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ଯୋଗୁ ସହରର ପରିସ୍ଥିତି ବେହାଲ ହୋଇପଡିଛି ।ବିଶେଷ କରି କଲୋନୀ ଅଞ୍ଚଳରେ ଲୋକେ ହନ୍ତସନ୍ତ ହୋଇଛନ୍ତି। ଭୋର୍ ସମୟରେ ପାଣି ଉଭର ଫ୍ଲୋ ହୋଇ ଘର ଭିତର ୨ ଫୁଟ୍ ପାଣି ପ୍ରବେଶ କରିଛି। ଲୋକମାନେ ଆସବାବ ପତ୍ର ଉପରକୁ ଟେକି ଦେଇ ଖଟ ଉପରେ ମଧ୍ୟ ଆଶ୍ରୟ ନେଉଥିବାର ଦେଖିବାକୁ ମିଳିଛି । ଏମିତି କି ସହରରେ କେତେକ ସ୍ଥାନରେ ଥିବା ପାଣି ପଶି ସପିଙ୍ଗ ମଲରେ ଭାସୁଛି ସାମଗ୍ରୀ। ବାଲେଶ୍ୱର ନୂଆ ସାହି ଛକ ନିକଟ ବଡ ବଜାର ସପିଙ୍ଗ ମଲରେ ପାଣି ପସି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ସଟର ଟେକିଲା ପରେ ଭିତରେ ଥିବା ସମସ୍ତ ସାମଗ୍ରୀ ପାଣିରେ ଭସିବା ସହ ନଷ୍ଟ ହୋଇ ଯାଇଛି । ଏମିତି ସାମଗ୍ରୀ ନଷ୍ଟକୁ ନେଇ ମାଲିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିବା ବେଳେ ଲକ୍ଷାଧିକ ଟଙ୍କାର କ୍ଷତିକୁ ବରଦାସ୍ତ କରି ପାରୁ ନାହାଁନ୍ତି ମାଲିକ। ଶେଷରେ ପାଣି ଭିତରୁ ଅଞ୍ଜୁଳାରେ ଗୋଡାଉଛନ୍ତି ନିଜର ସାମଗ୍ରୀ।



ସେପଟେ ସୁନ୍ଦରଗଡ଼ ବଣାଇ ବ୍ଲକର ସରସରା ଫଟଙ୍ଗନାଳ ପୋଲ ଉପରେ ଦୁଇ ଫୁଟର ପାଣି ଚାଲୁଛି। ବଣାଇ ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପୋଲ ପାରି ହେବାକୁ ସ୍କୁଲ ଛାତ୍ରଛାତ୍ରୀ ଓ ଗାଁ ଲୋକେ ହଇରାଣ ହୋଇଛନ୍ତି। ମାଲକାନଗିରି ଜିଲ୍ଲା କାଙ୍ଗରକୋଣ୍ଡା ପୋଲ ଉପରେ ୫ ଫୁଟ୍ ଉପରେ ପାଣି ପ୍ରବାହିତ ହେଉଛି । ବର୍ଷା ହେଲେ ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା ବିପଦ ଆଣିପାରେ । ତେବେ ବର୍ତ୍ତମାନ ବନ୍ୟାସ୍ଥିତି ନିୟନ୍ତ୍ରଣରେ ଅଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

ବ୍ରାହ୍ମଣୀରେ ଲଗାତାର ତିନି ତିନି ଥର ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି । କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ଶହଶହ ହେକ୍ଟର ଚାଷ ଜମିରେ ବନ୍ୟା ପାଣି ବୁଡ଼ି ରହିବାରୁ ପ୍ରଥମେ ରୁଆ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

# ୧ ନମ୍ବର ୱାର୍ଡ ପୁରସ୍କୃତ



**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଗତ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବିଏମସି ପକ୍ଷରୁ ୱାର୍ଡର ସ୍ୱଚ୍ଛତା, ବର୍ଜ୍ୟ ପୃଥକୀକରଣ ଓ ପରିଚାଳନା ଏବଂ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧ ନଂ ୱାର୍ଡକୁ ଶ୍ରେଷ୍ଠ ଆକାଂକ୍ଷୀ ୱାର୍ଡ ସମ୍ମାନ ପ୍ରଦାନ କରାଯାଇଛି। କର୍ପୋରେଟର ମିହିର କୁମାର ରାଉତ ଅତିଥିମାନଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ୱାର୍ଡ ଅଧିବାସୀ, ବିଏମସି କର୍ମଚାରୀ ଓ ଠିକା ସଂସ୍ଥାର ମିଳିତ ଉଦ୍ୟମ ପାଇଁ ଆମକୁ ଏହି ସଫଳତା ମିଳିଛି। ଏହି ପୁରସ୍କାର ଆମକୁ ଆହୁରି ଅଧିକ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିବା ସହ ୱାର୍ଡକୁ ଏହି ସଫଳତା ମିଳିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ



**ସମ୍ବଲପୁର,୨।୯ (ସଂଚାର ବ୍ୟୁରୋ):** ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ହିରାକୁଦ ଜଳଭଣ୍ଡାରରୁ ୬ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୪ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି।

ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳପତନ ୬୨୬.୪୧ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୬୭ ହଜାର ୧୨୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୩ ହଜାର ୫୧୯ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି।

ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଆଜି ମଧ୍ୟାହ୍ନ ପରେ ପ୍ରଥମେ ୨ଟି ଏବଂ ସନ୍ଧ୍ୟାରେ ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇଥିଲା।

# ଆମ୍ବୁଲାନ୍ସରେ ମହିଳାଙ୍କ ମୃତ୍ୟୁ ପାଇଁ ସରକାର ଦାୟୀ: ବିଜେଡି



**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଗୋଟିଏ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଉଥିବା ବେଳେ ହଠାତ ଅକ୍ସିଜେନ ଶେଷ ହୋଇଯିବାରୁ ମୃତ୍ୟୁ ହୋଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଗତ ଏକବର୍ଷ ଭିତରେ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜେଡି ଅଭିଯୋଗ କରିଛି। ଦଳ ପକ୍ଷରୁ ଜାରି ଏକ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ ଲେଲିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜେଡି ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସ ଗୁଡିକର ରକ୍ଷଣାବେକ୍ଷଣ ନକରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା, ଫୋନ କରିବାର ୨୦ ମିନିଟ ଭିତରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ, ଏବେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ ଖେଳୁଥିବା ବେଳେ ଛାତିରେ ବଲ ବାଜି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ, ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିପାରି ନଥିଲା। ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ। ଡ଼ ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନ ପାରିବାରୁ, ଆଉ ଏକ ଅମୂଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଜଣଙ୍କ ପରେ ଜଣେ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ସରକାରଙ୍କ ନିଦ୍ରା ଭଙ୍ଗ ହେଉନାହିଁ। ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଘୋଷଣା କରିବା ସହ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃକାର୍ଯ୍ୟକ୍ଷମ କରିବା ସକାଶେ ଡ. ମହାନ୍ତି ଦାବି କରିଛନ୍ତି।

## ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି



**ଭୁବନେଶ୍ୱର,୨।୯ (ସଂଚାର ବ୍ୟୁରୋ):** ଉତର-ପୂର୍ବ ବଙ୍ଗୋପସାଗର ଏବଂ ଏହା ସଂଲଗ୍ନ ମିଆଁମାର ଉପକୂଳ ଉପରେ ଅବସ୍ଥିତ ଉପର ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଉତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଦିଗକୁ ଢଳି ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ଏହା ଅଧିକ ସ୍ପଷ୍ଟ ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ଦେଇ ପଶ୍ଚିମ -ଉତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ସମ୍ପୂର୍ଣ୍ଣା ମହିଳା କ୍ଲବର ବାର୍ଷିକୋତ୍ସବ



**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ବାପୁଜୀନଗର ମହିଳା କ୍ଲବ 'ସମ୍ପୂର୍ଣ୍ଣା'ର ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଗତ ବର୍ଷ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବାର୍ଷିକ ଉତ୍ସବରେ ସମ୍ପୂର୍ଣ୍ଣାର ସହଯୋଗୀ ସଭ୍ୟ ଆଶିଷ ପଟ୍ଟନାୟକଙ୍କ ସମେତ ସଭାପତି ଡକ୍ଟର ଇତିଶ୍ରୀ ଦାଶ, ଉପସଭାପତି ନୃସିଂହପ୍ରିୟା ମିଶ୍ର, ସମ୍ପାଦିକା ସ୍ମିତା ମହାନ୍ତି, ସହସମ୍ପାଦିକା ମାଧୁରୀ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୁମ୍‌କୁମ୍ ମହାନ୍ତି ଓ ସମ୍ମାନିତ ଅତିଥି ସୁକୃତି ପଟ୍ଟନାୟକ ଯୋଗଦେଇ ସାମାଜିକ ବିକାଶ ଧାରାରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସାମ୍ପ୍ରତିକ ସମାଜରେ ନାରୀଟିଏ ଆତ୍ମନିର୍ଭରଶୀଳ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। 'ସମ୍ପୂର୍ଣ୍ଣା' ପକ୍ଷରୁ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସକାଶେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପିକା ପ୍ରଭାମଞ୍ଜରୀ ପଟ୍ଟନାୟକ ପରିଚାଳନା କରିଥିଲେ।ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ଅଲିଭା ଦାସ ଓ ସହସମ୍ପାଦିକା ପୁଷ୍ପିତା ମହାପାତ୍ରଙ୍କ ପରିଚାଳନାରେ ନାଟକ 'ପେଟେଣ୍ଟ ମେଡିସିନ୍' ଓ 'ପାରମ୍ପାରିକ ଫ୍ୟାଶନ ସୋ' ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। 'ସମ୍ପୂର୍ଣ୍ଣା'ର ସମସ୍ତ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଶା ବେପାରୀଙ୍କ ଉପରେ ଅପରେସନ 'ପ୍ରହାର'
# ଦିନକରେ ୭୪ ନିଶା ବେପାରୀ ଗିରଫ

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଏଣିକି ସାବାଡ ହେବେ ନିଶାଡି ଏବଂ ନିଶା କାରବାର କରୁଥିବା ଲୋକ। ନିଶା ନିବାରଣ, ଚାଲାଣ ଏବଂ ଅବୈଧ ବିକ୍ରୟର ବର୍ଦ୍ଧିତ ବିପଦକୁ ମୁକାବିଲା କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ରାଜଧାନୀ ଭୁବନେଶ୍ୱର ସମେତ ସମସ୍ତ ସହରରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ଯାହା ଆସନ୍ତା ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଛି। ନିଶା କାରବାର ମୂଳପୋଛ ପାଇଁ ଅପରେସନ 'ପ୍ରହାର'ର ପ୍ରଥମ ଦିନରେ ସାରା ରାଜ୍ୟରେ ମୋଟ ୧୩୪ଟି ନିଶା ବେପାର ଆଡ୍ଡାରେ ଚଢ଼ଉ ହୋଇଛି। ଦିନକରେ ୧୩୪ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ୪୨ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ଧରାଇ ଛାଡ଼ିଛି ପୁଲିସ। ପୁଲିସ ଦିନକରେ ୧୫ କେଜି ଗଞ୍ଜେଇ ସହ ୫୨୦୯ ବଲ୍କ ଲିଟର ଦେଶୀ ମଦ, ୯୭ ଲିଟର ବିଅର ଓ ୩୪ ହଜାର ୫୦୦ ବଲ୍କ ଲିଟର ପୋଚ ଜବତ କରିଛି। ସେହିପରି ନିଶା ବେପାରୀଙ୍କଠାରୁ ୪୧ ଲକ୍ଷ ୮୫ ହଜାର ୨୮୯ ଟଙ୍କା ସହ ନିଶା କାରବାରରେ ବ୍ୟବହୃତ ୧୧ଟି ଗାଡ଼ିକୁ ଜବତ କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୧୨ଟି ନିଶା ବେପାରଜନିତ ମାମଲା ରୁଜୁ ହୋଇଛି। ତା' ତଳକୁ ସୁନ୍ଦରଗଡ଼ରେ ୧୦ଟି, କୋରାପୁଟରେ ୯ଟି ଓ ଗଞ୍ଜାମ, ନୟାଗଡ଼ରେ ୭ଟି ଲେଖାଏଁ ମାମଲାରେ ପୁଲିସ ନିଶା ବେପାରୀଙ୍କୁ ବାନ୍ଧିଛି। ସୁନ୍ଦରଗଡ଼ରେ ସର୍ବାଧିକ ୧୦ଜଣ ନିଶା ବେପାରୀ ଜେଲ ଯାଇଛନ୍ତି। ଦେବଗଡ଼, ଜଗତସିଂହପୁର, ସୋନପୁର ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ପ୍ରଥମ ଦିନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଦିନସାରା ସନ୍ଧାନ କରି କରି ମାତ୍ର ଗୋଟିଏ ନିଶା ବେପାର ଠାବ କରିବାରେ ସକ୍ଷମ ହୋଇଛି।

# ବିକୃତ ଇଂରାଜୀ ବନାନର ସଂଶୋଧନ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ 'ସମାଜ ଓ ସଂସ୍କୃତି'ର ଚିଠି

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଓଡ଼ିଶାର ଅନେକ ସ୍ଥାନର ଇଂରାଜୀ ବନାନ ଅତ୍ୟନ୍ତ ଅରୁଚିକର ଓ ଅଯୌକ୍ତିକ। ପିଢ଼ି ପରେ ପିଢ଼ି ଏହି ଗୁରୁଚଣ୍ଡାଳ ତ୍ରୁଟିକୁ ଗ୍ରହଣ କରିଚାଲିଛନ୍ତି। ବାହାରର ଲୋକମାନେ ସ୍ୱାଭାବିକ ଭାବେ ଏମିତି ବନାନ ଆଧାରରେ ଓଡ଼ିଶାର ଜାଗାର ନାମଗୁଡ଼ିକୁ ଭୁଲ୍ ଉଚ୍ଚାରଣ କରୁଛନ୍ତି। ଏସବୁର ସଂଶୋଧନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ 'ସମାଜ ଓ ସଂସ୍କୃତି' ପକ୍ଷରୁ ଦାବି କରାଯାଇଛି। ଅନୁଷ୍ଠାନର ସଭାପତି ନିଶିକାନ୍ତ ମିଶ୍ର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଶ୍ରୀ ମିଶ୍ର ଏଥିରେ ଦର୍ଶାଇଛନ୍ତି ଯେ କଟକ, କେନ୍ଦୁଝର, ବ୍ରହ୍ମପୁର, ସାଲେପୁର, ବାଲେଶ୍ୱର, ଆଳି ଆଦି ସ୍ଥାନର ଇଂରାଜୀ ବନାନ କିମ୍ଭୁତ କିମାକାର ହୋଇଛି। ବହୁ ବର୍ଷ ହେଲା ଏହି ଭୁଲ୍ ବନାନ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଜାରି ରହିଛି। ଫଳରେ ସାଧାରଣ ଲୋକ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। କିନ୍ତୁ ସମୟକ୍ରମେ ସମସ୍ତେ ଭୁଲକୁ ଗ୍ରହଣ କରିଚାଲିଛନ୍ତି। ସେହିପରି ଖୋର୍ଦ୍ଧା, ପାରାଦୀପ ଆଦି କିଛି ସ୍ଥାନର ନାମର ଇଂରାଜୀ ବନାନ ଦୁଇ ତିନି ପ୍ରକାର ଲେଖା ହେଉଥିବା ନଜିର ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ ଅଡୁଆରେ ପଡୁଛନ୍ତି। କେଉଁ ବନାନ ଲେଖିଲେ ଠିକ୍ ହେବ ସେମାନେ ଜାଣିପାରୁ ନାହାନ୍ତି। ଶିକ୍ଷକମାନେ ବି ସେମାନଙ୍କ ସନ୍ଦେହ ଦୂର କରିପାରୁ ନାହାନ୍ତି। ବାସ୍ତବ କଥା ହେଉଛି ବ୍ରିଟିଶ ଶାସନ ସମୟରେ ସେମାନେ ନିଜକୁ ସୁହାଇଲା ପରି ଜାଗାର ନାମ ଉଚ୍ଚାରଣ କରୁଥିଲେ। ସେହି ଉଚ୍ଚାରଣ ଅନୁଯାୟୀ କାଗଜପତ୍ରରେ ବନାନ ଲେଖିଦେଇଥିଲେ। କିନ୍ତୁ ସ୍ୱାଧୀନତା ପରେ ସେହି ଭୁଲକୁ କେହି ସଂଶୋଧନ କରୁନାହାନ୍ତି। ଏପରି ଅକ୍ଷମଣୀୟ ତ୍ରୁଟିକୁ ନଜରଅନ୍ଦାଜ କରାଯିବା ଅନୁଚିତ। ଗୋଟିଏ ଅଞ୍ଚଳ ଓ ଭାଷା ପାଇଁ ଏପରି ତ୍ରୁଟି ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟ ରାଜ୍ୟରେ ଏମିତି ଇଂରାଜୀ ବନାନକୁ ସଂଶୋଧନ କରାଯାଇଥିବା ନଜିର ରହିଛି। ରାଜ୍ୟ ସରକାର ଏ ଦିଗରେ ଚିନ୍ତା କରିବା ସହ ରାଜସ୍ୱ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଓ ସଂସ୍କୃତି ବିଭାଗର ମିଳିତ ସମନ୍ୱୟରେ ଏ ଦିଗରେ ପ୍ରକ୍ରିୟା ଆରମ୍ଭ କରିବା ସକାଶେ ଶ୍ରୀ ମିଶ୍ର ନିବେଦନ କରିଛନ୍ତି।

## ପୁରୀ ଷ୍ଟେସନ ନିକଟରୁ ବ୍ରାଉନସୁଗର ଜବତ : ୧ ଗିରଫ

**ପୁରୀ,୨।୯ (ସଂଚାର ବ୍ୟୁରୋ):** ପୁରୀ ଷ୍ଟେସନ ନିକଟ ତାରିଣୀ ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ସମୟରେ କୁମ୍ଭାରପଡ଼ା ପୋଲିସ ଖବର ପାଇ ଅଭିଯୁକ୍ତକୁ ଧରିଥିଲେ। ମାଜିଷ୍ଟ୍ରେଟ ସୁଚିତ୍ରା ମାଝିଙ୍କ ଉପସ୍ଥିତରେ ଏହି ବ୍ରାଉନସୁଗାରକୁ ଜବତ କରାଯାଇଥିଲା। ୧୩.୪୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୧ ଲକ୍ଷ ୩୫ ହଜାର ଟଙ୍କା। ଏ ସମ୍ପର୍କରେ ଥାନାରେ କେସ ନମ୍ବର ୪୦୧/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଆଶୁତୋଷ ବେହେରା ( ୩୧ )ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କୁମ୍ଭାରପଡ଼ା ଥାନା ପୋଲିସ ସକାଳ ୯ଟା ରେ ପେଟ୍ରୋଲିଂ କରୁଥିବା ବେଳ ଏହି ଘଟଣା ନଜରକୁ ଆସିଥିଲା। ଆଶୁତୋଷ ଠାରୁ ବ୍ରାଉନସୁଗାର ସମେତ ୨୫୦ ଟଙ୍କା ଓ ଗୋଟିଏ ଡିଜିଟାଲ ଓଜନ ଯନ୍ତ୍ର ପୋଲିସ ସିଜ କରିଛି। ଏହି ବ୍ରାଉନସୁଗାର ଖୋର୍ଦ୍ଧାରୁ ଆଣିଥିବା ସେ ମାନିଥିଲା। ତା' ନାମରେ କୁମ୍ଭାରପଡ଼ା ଓ ବ୍ରହ୍ମଗିରି ଥାନାରେ ମାମଲା ରହିଥିବା ଜଣାପଡ଼ିଛି।

## ରାଜଧାନୀରେ ପୁଣି ଗାଈ ଚୋର ଆତଙ୍କ

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ରାଜଧାନୀରେ ପୁଣି ଗାଈ ଚୋର ଆତଙ୍କ। ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଣା ରାସ୍ତାରେ ଗୋରୁ ବୋଝେଇ ଡାଲା ଅଟୋ ଛାଡି ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି। ଗାଡି ଭିତରୁ ଖଣ୍ଡା ଓ ବନ୍ଧୁକ ଜବତ ହୋଇଛି। ଆଜି ଭୋର ସମୟରେ ଗୋଠପାଟଣା ରାମନଗର ରାସ୍ତାରେ ଗୋରୁ ଭର୍ତ୍ତି ଡାଲା ଅଟୋକୁ ସ୍ଥାନୀୟ ଯୁବକ ମାନେ ଅଟକାଇ ଥିଲେ। ଗାଡିକୁ ସୁରକ୍ଷା ଦେବାପାଇଁ ସାଙ୍ଗରେ ଆସୁଥିବା ଦୁଇ ଜଣ ଯୁବକ ଓ ଅଟୋ ଡ୍ରାଇଭର ସ୍ଥାନିୟ ଯୁବକ ମାନଙ୍କୁ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଘଟଣା ସ୍ଥଳରେ ଚନ୍ଦକା ପୋଲିସ ପହଁଚି ତଦନ୍ତ ଆରମ୍ଭ କରିଛି।

## ପଟିଆ ଅହଲ୍ୟା ନଗରରେ କୃତ୍ରିମ ବନ୍ୟା

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ପଟିଆ ଅହଲ୍ୟା ନଗରରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁନ୍ନ ହୋଇଛି। ଏହି ଅଞ୍ଚଳରେ ଡ୍ରେନ ବନ୍ଦ୍ ହେବାରୁ ବନ୍ୟା ଜଳରେ ଅହଲ୍ୟା ନଗର ବୁଡି ଯାଇଥିବା ଦେଖିବାକୁ ମିଳିଛି।

ଏହି କାରଣରୁ ବନ୍ୟା ପାଣିରେ ମହିଳା ଫସି ଯାଇଥିଲେ। କାର ସେନ୍ସର୍ ବନ୍ଦ୍ ହେବାରୁ ଡୋର ଖୋଲିଲାନି। ମହିଳା ଜଣଙ୍କ କୃତ୍ରିମ ବନ୍ୟାରେ କାର ଭିତରେ ଦେଢ଼ ଘଣ୍ଟା ଫସି ରହିଥିଲେ। ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ଟିମ୍ ପହଁଚି ମେସିନ୍ ଲଗାଇ ୱାଟର ଲଗିଂ ସମସ୍ୟାର ସମାଧାନ କରିବା ସହ ମହିଳାଙ୍କୁ ଉଦ୍ଧାର କରିଛନ୍ତି।ବିଏମସି ଏବଂ ପୋଲିସ ମଧ୍ୟ ପହଞ୍ଚି ସ୍ଥିତି ସମୀକ୍ଷା କରିଥିବା ଜଣା ପଡ଼ିଛି।



# ସୁସ୍ଥ ଖାଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଅଙ୍ଗନବାଡି କେନ୍ଦ୍ରରେ ଚିନି ବୋର୍ଡ ସ୍ଥାପନ



**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଶିଶୁ ଏବଂ ଗୋଷ୍ଠୀ ମଧ୍ୟରେ ଚିନିର ଅତ୍ୟଧିକ ବ୍ୟବହାରକୁ ରୋକିବା ପାଇଁ ଓଡ଼ିଶା ସରକାର ଚିନି ବୋର୍ଡ ଆନ୍ଦୋଳନକୁ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଅଭ୍ୟାସଗତ ପରିବର୍ତ୍ତନ ପଦକ୍ଷେପ ଭାବରେ ଆରମ୍ଭ କରିଛନ୍ତି ।

ଏହି ପଦକ୍ଷେପ ଅଧୀନରେ, ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ସୂଚନାପ୍ରଦ ଏବଂ ଦୃଶ୍ୟାତ୍ମକ ରୂପରେ ଆକର୍ଷକ ଚିନି ବୋର୍ଡ ସ୍ଥାପନ କରାଯାଉଛି । ଶିଶୁ ମୋଟାପା, ମଧୁମେହର ପ୍ରାରମ୍ଭିକ ପର୍ଯ୍ୟାୟ ଏବଂ ଦନ୍ତକ୍ଷୟ ଭଳି ଅଧିକ ଚିନି ଖାଇବା ସହ ଜଡିତ ସ୍ୱାସ୍ଥ୍ୟଗତ ବିପଦ ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚିନି ବୋର୍ଡର ପରିକଳ୍ପନା କରାଯାଇଛି । ସାଧାରଣତଃ ପ୍ୟାକେଜ୍ ହୋଇଥିବା ଖାଦ୍ୟ ଏବଂ ପାନୀୟରେ ଥିବା ଚିନିର ପରିମାଣ ସମ୍ପର୍କରେ ବୋର୍ଡଗୁଡ଼ିକ ଶିଶୁ, ପିତାମାତା ଏବଂ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବ । ଏହି ପଦକ୍ଷେପ ପିତାମାତା, ଯତ୍ନ ନେଉଥିବା ବ୍ୟକ୍ତି ଏବଂ ଆଗଧାଡ଼ିର କର୍ମୀମାନଙ୍କୁ ସୁଚିନ୍ତିତ ଖାଦ୍ୟାଭ୍ୟାସ ବାବଦରେ ସଚେତନ କରିବ। ଏହା ଦ୍ୱାରା ଛୋଟ ବୟସରୁ ଶିଶୁମାନଙ୍କୁ ସୁସ୍ଥ ଖାଦ୍ୟାଭ୍ୟାସ ନିମନ୍ତେ ପ୍ରୋତ୍ସାହିତ କରାଯିବ। ପୋଷଣ ଅଭିଯାନ ଏବଂ ଫିଟ୍ ଇଣ୍ଡିଆ ଆନ୍ଦୋଳନର ଉଦ୍ଦେଶ୍ୟକୁ ଏହି ଅଭିଯାନ ସଫଳ କରିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ଉନ୍ନତ ପୋଷଣ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ଏବଂ ସାମଗ୍ରିକ ଶିଶୁ ବିକାଶ ଦିଗରେ କାର୍ଯ୍ୟ କରିବ ।

ରାଜ୍ୟ ସରକାର ଚିନି ବୋର୍ଡ ଆନ୍ଦୋଳନ ଭଳି ଅଭିନବ, ସଚେତନତାଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ଅଭିଯାନକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ।

# ମଧ୍ୟାହ୍ନଭୋଜନରେ କ୍ଷୀର, ଯୋଗାଣ କେବେ ?

**ଭୁବନେଶ୍ୱର,୨।୯:** ରାଜ୍ୟରେ ଦୈନିକ ୫ଲକ୍ଷ ଲିଟରରୁ ଅଧିକ କ୍ଷୀର ଉତ୍ପାଦନ ହେଉଥିବାବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ କ୍ଷୀର ଯୋଗାଣ ପାଇଁ ଥିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁ ନାହିଁ। ବର୍ତ୍ତମାନ ଏହି ବ୍ୟବସ୍ଥାଟି କେବଳ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବ୍ଲକରେ ସୀମିତ ରହିଛି। ରାଇରଙ୍ଗପୁର ବ୍ଲକର ୧୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ ଦୈନିକ କ୍ଷୀର ଯୋଗାଯାଉଛି। ବିଦ୍ୟାଳୟର ପ୍ରତି ପିଲାଙ୍କୁ ଦୈନିକ ୨୦୦ ଗ୍ରାମ କ୍ଷୀର ଯୋଗାଣ ହେଉଥିବାବେଳେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି) ଫାଉଣ୍ଡେସନ ଫର୍ ନ୍ୟୁଟ୍ରେସନର 'ଗିଫ୍ଟ ମିଲ୍କ' ଯୋଜନାରେ ଏହା ମିଳୁଛି। ଏ ବାବଦରେ ସମସ୍ତ ବ୍ୟୟ ଏନଡିଡିବି ପକ୍ଷରୁ ବହନ କରାଯାଉଛି। ଏନଡିଡିବି ଏହି ଯୋଜନା ଅନୁରୂପ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ଅଣ୍ଡା ବଦଳରେ ଦୁଗ୍ଧ ଯୋଗାଇ ଦେବାକୁ ଦାବି ହୋଇ ଆସୁଛି। ଓଡିଶା ଦୁଗ୍ଧଚାଷୀ ମହାସଂଘର ସଭାପତି ରବି ବେହେରା ଏ ନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ପ୍ରସ୍ତାବ ଦେଇ ଆସୁଛନ୍ତି। ନିକଟରେ ରାଜ୍ୟ ସରକାର ମଧ୍ୟ ଏ ନେଇ ସକରାତ୍ମକ ମନୋଭାବ ପୋଷଣ କରିଥିଲେ। କିନ୍ତୁ କୌଣସି କାରଣରୁ ଏହି ଯୋଜନାଟି ଆଗେଇ ପାରୁନାହିଁ। ବର୍ତ୍ତମାନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନରେ ସପ୍ତାହକୁ ଦୁଇ ଦିନ ଗୋଟିଏ କରି ଅଣ୍ଡା ଦିଆଯାଉଛି। ବଜାରରେ ଅଣ୍ଡା ଗୋଟାପ୍ରତି ଅତି କମ୍‌ରେ ୮ ଟଙ୍କା ହୋଇଥିବାରୁ ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ୟାରେ ପଡୁଛନ୍ତି। ତେବେ ଏତିକି ଅର୍ଥରେ ପିଲାଙ୍କୁ ୨୦୦ ଗ୍ରାମର ଭଲ ଦୁଗ୍ଧ ଯୋଗାଯାଇ ପାରିବ। ମଧ୍ୟାହ୍ନଭୋଜନରେ ଥିବା ବ୍ୟବସ୍ଥା ଅନୁଯାୟୀ ଯେଉଁ ପିଲାମାନେ ନିରାମିଷାସି ବା ଅଣ୍ଡା ନଖାଇବେ ସେମାନଙ୍କୁ ଋତୁକାଳୀନ ଫଳ ଯୋଗାଇ ଦିଆଯିବ। ତେବେ ଏହା ପ୍ରାୟତଃ ପିଲାଙ୍କୁ ମିଳେ ନାହିଁ। ତେଣୁ ସବୁ ପିଲାଙ୍କୁ କ୍ଷୀର ଯୋଗାଇ ଦିଆଗଲେ ରାଜ୍ୟରେ କ୍ଷୀର ବ୍ୟବହାର ବଢ଼ିବା ସହିତ ଦୁଗ୍ଧଚାଷୀମାନେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଅଧିକ ସକ୍ଷମ ହୋଇପାରିବେ। କାରଣ ମଧ୍ୟାହ୍ନଭୋଜନ ଅଣ୍ଡା ବାବଦରେ ଓଡିଶାର ମୋଟା ଅଙ୍କର ଅର୍ଥ ଅନ୍ୟ ରାଜ୍ୟକୁ ଚାଲିଯାଉଛି।



ଓଡିଶାର ଲାଭଜନକ ସରକାରୀ ସଂସ୍ଥା ଓମଫେଡ୍ ଏହି ଦୁଗ୍ଧ ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଥିବାବେଳେ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଶ୍ରୀ ବେହେରା କହିଛନ୍ତି। ଉଲ୍ଲେଖନୀୟ ଯେ ରାଜ୍ୟରେ ଓମ୍‌ଫେଡ୍ ଏବେ ଦୈନିକ ଏକ ଲକ୍ଷ ୧୮ହଜାରରୁ ଅଧିକ ଚାଷୀଙ୍କ ଠାରୁ ୫ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଏହାର ପରିମାଣ ବଢ଼ିବାରେ ଲାଗିଛି। ଓଡିଶା ଏବେ ଅନ୍ୟ ରାଜ୍ୟକୁ ଦୁଗ୍ଧଗୁଣ୍ଡ ଓ ଦୁଗ୍ଧ ଉତ୍ପାଦନ ସାମଗ୍ରୀ ରପ୍ତାନି କରୁଥିବାବେଳେ ବଳକା ଦୁଗ୍ଧକୁ ଅନ୍ୟ ଦୁଗ୍ଧ କମ୍ପାନୀଗୁଡ଼ିକୁ ବିକ୍ରି କରାଯାଉଛି। ଏଭଳି ସ୍ଥିତିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକରଯୁକ୍ତ ଖାଦ୍ୟ ଭାବରେ ଦୁଗ୍ଧ ଯୋଗାଇ ଦିଆଗଲେ କେବଳ ରାଜ୍ୟର ପିଲାମାନେ ଉପକୃତ ହେବେନାହିଁ, ଓମ୍‌ଫେଡ୍ ଏବଂ ଏହା ସହିତ ଅନୁବନ୍ଧିତ ଦୁଗ୍ଧଚାଷୀମାନେ ମଧ୍ୟ ଲାଭବାନ୍ ହେବାକୁ ଥିବାରୁ ସରକାର ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି। (ତଥ୍ୟ)

## ଦୀର୍ଘ ୧୮ଘଣ୍ଟା ପରେ ମଝି ନଈରୁ ବାୟୁସେନା ଦ୍ୱାରା ସୁରକ୍ଷିତ ଉଦ୍ଧାର ହେଲେ ଇର୍ମା

ମାଲକାନଗିରି,୨।୯(ସଂଚାର ବ୍ୟୁରୋ: ମାଲକାନଗିରି ଥାନା କଡା ମାଟେରୁ ଗାଁରୁ ଇର୍ମା ସୋଢ଼ୀ ଗତକାଲି ଛତିଶଗଡ଼ର ସୁକମା ଜିଲ୍ଲା ତେଲବର୍ତୀ ଗାଁକୁ ଏକ ଦେଶୀ ଡଙ୍ଗାରେ ଦିନ ମଜୁରୀ କରିବାକୁ ଯାଇଥିଲେ। ସେଠାରେ ସେ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ସାବେରୀ ନଦୀରେ ଘର ଅଭିମୁଖେ ଫେରିବା ବେଳେ ଅଘଟଣର ଶିକାର ହୋଇଥିଲେ। ଦଦରା ଡଙ୍ଗାରେ ପାଣି ପ୍ରବେଶ କରିଥିଲା ଏବଂ ଏହା ଓଲଟି ପଡ଼ିଥିଲା। ଆଜି ସକାଳେ ଗାଁର କିଛି ଲୋକ ସାବେରୀ ନଦୀକୁ ଯାଇଥିଲେ। ଏହି ସମୟରେ ସେମାନେ ଇର୍ମା ନଦୀ ଭିତରେ ଫସିଥିବା ଦେଖିବାକୁ ପାଇଥିଲେ। ଏମାନେ ମାଲକାନଗିରି ପୁଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଛତିଶଗଡ଼ ପୁଲିସ ଓ ଅଗ୍ନିଶମ ବିଭାଗକୁ ମଧ ସୂଚନା ଦିଆଯାଇଥିଲା। ପରେ ସୁକମା ପୁଲିସ ସିଆରପିଏଫ୍ ଯବାନଙ୍କୁ ସୂଚନା ଦେଇଥିଲେ। ସିଆରପିଏଫ ଟିମ୍ ବାୟୁସେନାକୁ ସୂଚନା ଦେଇଥିଲା। ଜଗଦଲପୁରରୁ ହେଲିକପ୍ଟର ଆସିବା ପରେ ସାବେରୀ ନଦୀରୁ ଇର୍ମା ଉଦ୍ଧାର ହୋଇଥିଲେ। ପ୍ରାୟ ୧୮ ଘଣ୍ଟା ପରେ ଇର୍ମାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଇର୍ମାଙ୍କୁ ଉଦ୍ଧାର କରାଯିବା ପରେ ସୁକମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଡାକ୍ତରଙ୍କ ରିପୋର୍ଟ ଅନୁସାରେ ଇର୍ମା ଏବେ ସୁସ୍ଥ ଅଛନ୍ତି।

## ମଦ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

ଜୟପୁର,୨।୯(ସଂଚାର ବ୍ୟୁରୋ: ଦେଶି ଓ ଭାଟି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢଉ କରି ଜଣେ ମହିଳା ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏକ ଦେଶୀ ଓ ଭାଟି ମଦ ଚାଲାଣ ସୂଚନା ପାଇଁ ନାରାୟଣ ତୋଟା ସାହିରେ ଚଢ଼ଉ କରିଛି। ଚଢ଼ଉ କରି ଦେଶୀ ଓ ଭାଟି ମଦ ୯ ଲିଟର ଜବତ କରି ମହିଳା ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ମହିଳା ଅଭିଯୁକ୍ତକୁ ଆଜି ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି।

## ବ୍ରାହ୍ମଣୀ ନଦରୁ ଅଜଣା ବ୍ୟକ୍ତିର ଗଳିତ ମୃତଦେହ ଉଦ୍ଧାର

ଧର୍ମଶାଳା,୨।୯(ସଂଚାର ବ୍ୟୁରୋ: ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ବ୍ରହ୍ମବରଦା ଥାନ ଅଧିନସ୍ଥ ବ୍ରାହ୍ମଣୀ ନଦୀ କୂଳରୁ ଜଣେ ଅଜଣା ବ୍ୟକ୍ତିର ଗଳିତ ମୃତଦେହ ଉଦ୍ଧାର ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଏହି ଥାନା ଅନ୍ତର୍ଗତ ନୂଆକୂଳ ଗ୍ରାମ ନଦୀ ଛନ୍ଦାରୁ। ଗତ କିଛିଦିନ ହେବ ନଦୀ କୂଳରେ ଦୁର୍ଗନ୍ଧ ବାହାରି ଥିଲା। ତେବେ ଆଜି ପ୍ରବଳ ମାତ୍ରାରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ନଦୀ କୂଳରେ ଶୋଇଥିବା ଏକ ବାଉଁଶ ଗଛରେ ଏକ ଅଜଣା ବ୍ୟକ୍ତିର ମୃତଦେହ ଲାଖି ଥିବା ଦେଖିବାକୁ ପାଇଥିଲେ। ଏନେଇ ଲୋକେ ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପଂହଚି ମୃତଦେହକୁ ଉଦ୍ଧାର କରିଛି। ଥାନରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଏହି ମୃତଦେହଟି ଜଣେ ପୁରୁଷ ବୋଲି ଜଣାପଡ଼ିଛି। ନଦୀରେ କେହି ଶବ ସତ୍କାର କରାଯିବା ପରେ ନଦୀରେ ବଢ଼ି ପାଣି ଆଣିବା ଫଳରେ କେଉଁ ଆଡୁ ଭାସି ଆସିଥିବା ଅନୁମାନ କରାଯାଉଛି।

## ପୁରୀ-ବାଙ୍ଗିରିପୋସି ଏକ୍ସପ୍ରେସ ରେ ନୂଆ ସୁବିଧା

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ: ପୂର୍ବତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ ନଂ ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସରେ ଏକ ଅତିରିକ୍ତ ନନ୍-ଏସି ଚେୟାର କାର କୋଚ୍ ସ୍ଥାୟୀ ଭାବରେ ସଂଯୋଗ କରିବାକୁ ଘୋଷଣା କରିଛି। ସଂଶୋଧିତ ଟ୍ରେନ୍ କୋଚ୍ ସଂଖ୍ୟା ବୃଦ୍ଧି ୧ ସେପ୍ଟେମ୍ବର ରୁ ପୁରୀରୁ ଏବଂ ୨ ସେପ୍ଟେମ୍ବରରୁ ବାଙ୍ଗିରିପୋସିରୁ କାର୍ଯ୍ୟକାରୀ ହେବ, ଟ୍ରେନର ସଂଶୋଧିତ ସାରାଂଶନା ଦ୍ୱାରା ଅଧିକ ଆସନ କ୍ଷମତା ବୃଦ୍ଧି ପାଇବା ସହିତ ଆରାମଦାୟକ ଯାତ୍ରା ପ୍ରଦାନ କରିବ। ପୂର୍ବ ତଟ ରେଳପଥର ଏହି ପଦକ୍ଷେପ ପୁରୀ-ବାଙ୍ଗିରିପୋଷି ରୁଟରେ ଅଧିକ ଆରାମଦାୟକ ଯାତ୍ରା ଏବଂ ଅଧିକ ଆସନ ବ୍ୟବସ୍ଥା ପ୍ରଦାନ କରିବ।



**ଥକୁନାହାନ୍ତି ମୋହନ:** ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟସ୍ତ କାର୍ଯ୍ୟସୂଚୀ ସତ୍ତ୍ୱେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି

## ଭାରତୀୟ ଜୀବନ ବୀମା ନିଗମର ୬୯ତମ ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ,୨।୯(ସଂଚାର ବ୍ୟୁରୋ: ଭାରତୀୟ ଜୀବନ ବୀମା ନିଗମ ର ୬୯ତମ ପ୍ରତିଷ୍ଠା ଦିବସ ଚାନ୍ଦବାଲି ଠାରେ ଥିବା ଭାରତୀୟ ଜୀବନ ବୀମା ନିଗମ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ରେ ଶାଖା ପରିଚାଳକ ରାମଚନ୍ଦ୍ର ନାୟକ, ସହ -ପ୍ରଶାସନିକ ଅଧିକାରୀଜ୍ଞାନ ବେହେରା, ମୁଖ୍ୟ ଜୀବନ ବୀମା ବରିଷ୍ଠ ପରାମର୍ଶ ଦାତା ପ୍ରଭାକର ବିଶ୍ୱାଳ ପ୍ରମୁଖ ଯୋଗ ଦେବା ସହ ନିଜ ବକ୍ତବ୍ୟ ରେ ଭାରତୀୟ ଜୀବନ ବୀମା ନିଗମ ଦୀର୍ଘ ୬୯ ବର୍ଷ ମଧ ରେ ବ୍ୟବସାୟିକ ସଫଳତା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ।ଚଳିତ ବର୍ଷର ଜୀବନ ବୀମା ନିଗମ ନିଜ ଲାଭାଂଶ ରୁ ୭୩୨୪ କୋଟି ଟଙ୍କା କେନ୍ଦ୍ର ଅର୍ଥ ମନ୍ତ୍ରୀ ଙ୍କୁ ପ୍ରଦାନ କରାଯାଇଥିବା ବେଳେ ସବୁ ବର୍ଗର ଲୋକ ମାନଙ୍କ ସୁହାଇଲା ଭଳି ବହୁ ଆକର୍ଷଣୀୟ ପ୍ଲାନ ସବୁ ପ୍ରସ୍ତୁତ କରାଯାଇଛି ବୋଲି ଶାଖା ପରିଚାଳକ ନିଜ ର ବକ୍ତବ୍ୟ ରଖିବା ସହ ସାଧାରଣ ଜନତା ଏଥିରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଚାନ୍ଦବାଲି ଶାଖା ର ଇତିହାସ, ଐତିହ୍ୟ, ଓ ଅଭିକର୍ତା ମାନଂକର ବହୁବିଧ ଯୋଜନା, ସୁବିଧା ସମ୍ପର୍କରେ ବରିଷ୍ଠ ବୀମା ଉପଦେଷ୍ଟା ପ୍ରଭାକର ବିଶ୍ୱାଳ ଆଲୋକପାତ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଦୀପନ ବିଶ୍ୱାଳ, ଅଭିକର୍ତା ସୁଧାକର ବିଶ୍ୱାଳ, ଶଶିକାନ୍ତ ବେହେରା, ହେମନ୍ତ ମାଝୀ, ନିରଞ୍ଜନ ନାୟକ,

## ବସରୁ ଖସି ଚକା ତଳେ ଯୁବକଙ୍କ ଜୀବନ ଗଲା

ଭଦ୍ରକ,୨।୯(ସଂଚାର ବ୍ୟୁରୋ: ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ସାମନ୍ତରାୟପୁର ଛକ ନିକଟରେ ସୋମବାର ପୂର୍ବାହ୍ନରେ ବସ୍‌ରୁ ଖସି ପଡ଼ିବା ପରେ ଚକା ତଳେ ଚାପି ହୋଇ ଜଣେ ଯୁବକଙ୍କ ଜୀବନ ଚାଲିଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରକାଶ ଯେ, ସାହାପୁର ପଞ୍ଚାୟତ ଅଧୀନ ତାରାଚାନ୍ଦବିନ୍ଧା ଗ୍ରାମର ଜଗନ୍ନାଥ ସାହୁ (୨୮) ନାମକ ଜଣେ ଯୁବକ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ବସ୍‌ରେ ସାମନ୍ତରାୟପୁରର ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ। ସାମନ୍ତରାୟପୁର ଛକ ନିକଟରେ ବସ୍‌ଟି ରହିବା ପରେ କିଛି ଲୋକ ତଳକୁ ଓହ୍ଲାଇ ଥିଲେ। ତେବେ ଜଗନ୍ନାଥ ବସ୍‌ରୁ ତଳକୁ ଓହ୍ଲାଉ ଥିବା ବେଳେ ବସ୍ ଛାଡ଼ି ଦେଇଥିଲା। ଯାହାଫଳରେ ସେ ରାସ୍ତା ଉପରେ ପଡ଼ିଯିବା ପରେ ବସ୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଜଗନ୍ନାଥଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ ପୀରହାଟ ପୁଲିସ ଏକ ମକଦ୍ଦମା ରୁଜୁ କରି ବସ୍‌ଟିକୁ ଜବତ କରିଥିବା ଜଣାପଡ଼ିଛି। ତେବେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏପରି ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି।

## ଅଙ୍ଗନବାଡି ଦୁର୍ନୀତି ତଦନ୍ତ ପାଇଁ ୫ଜଣିଆ କମିଟି

ଭଦ୍ରକ,୨।୯(ସଂଚାର ବ୍ୟୁରୋ: ଚାନ୍ଦବାଲି ସିଡିପିଓ-୨ଙ୍କ ଅଧୀନରେ ଥିବା ଫାର୍ଶିବନ୍ଧ ଅଙ୍ଗନବାଡି କେନ୍ଦ୍ରରେ ବହୁ ଅନିୟମିତତା ନେଇ ସାମାଜିକ କର୍ମୀ ସୁରେଶ ନାୟକ ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ମୂଳେ ସମ୍ପୃକ୍ତ କର୍ମୀ ଏହି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ବହୁ ଆର୍ଥିକ ଅନିୟମିତା ରେ ଜଡିତ ରହିବା ସହ ଚାକିରୀ ରୁ ଅବସର ଗ୍ରହଣ ପରେ ମଧ ସମ୍ପୃକ୍ତ ଅଙ୍ଗନବାଡି କୁ ଆସିଥିବା ଅର୍ଥ ତୋଷାରପାତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ସମସ୍ତ ଅଭିଯୋଗ କୁ ଦୃଷ୍ଟିରେ ରଖି ଗତ ୧୪ ତାରିଖ ଦିନ ସିଡିପିଓ-୨, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ପୋଷଣ ମୁଖ୍ୟ ଏବଂ ଅଭିଯୋଗକାରୀ ସାମଜିକ କର୍ମୀ ସୁରେଶ ନାୟକ ପ୍ରମୁଖ ଏକ ଆଲୋଚନାରେ ବସିଥିଲେ। ମାତ୍ର ସମ୍ପୃକ୍ତ ସାମାଜିକ କର୍ମୀ ସୁରେଶ ନାୟକ ଏହି ଅଙ୍ଗନବାଡିରେ ବହୁ ଦୁର୍ନିତୀ ହୋଇଥିବା କଥା ଉପସ୍ଥିତ ଅଧିକାରୀଙ୍କ ପାଖରେ ଉପସ୍ଥାପନା କରିଥିଲେ। ଏହି ସମସ୍ତ କଥାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାପାଳ ଏହି ଅଙ୍ଗନବାଡିରେ ଅଭିଯୋଗ ମୂଳେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଏକ କମିଟି ଗଠନ କରିଛନ୍ତି। ଏହି ତଦନ୍ତ କମିଟିରେ ଚାନ୍ଦବାଲି ତହସିଲଦାର, ସହକାରୀ ଜିଲ୍ଲାପାଳ, ଜିଲ୍ଲା ସହ ଶିଶୁ ମଙ୍ଗଳ ଅଧିକାରୀ, ସହକାରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଚାନ୍ଦବାଲି ସିଡିପିଓ ଏହି ତଦନ୍ତ କମିଟିରେ ସାମିଲ ହୋଇ ତଦନ୍ତ କରି ଏହାର ରିର୍ପୋଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ ବୋଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ସଂଖ୍ୟା ୩୩୦୦/୦୧/୦୯/୨୦୨୫ରେ ଦର୍ଶାଯାଇଛି।

## ବିଳାସପୁର ଡିଭିଜନରେ ସୁରକ୍ଷା କାର୍ଯ୍ୟ, ଟ୍ରେନ୍ ସମୟରେ ପରିବର୍ତ୍ତନ

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ: ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ଅନ୍ତର୍ଗତ ବିଳାସପୁର ଡିଭିଜନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ, ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ କିଛି ଚୟନିତ ଟ୍ରେନଗୁଡ଼ିକର ସମୟସୂଚୀରେ ପୁନଃ ନିର୍ଦ୍ଧାରିତ କରାଯାଇଛି। ଟ୍ରେନ ନମ୍ବର ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ୨ ସେପ୍ଟେମ୍ବର ୨୦୨୫ରେ ଯାହା ପୁରୀରୁ ୨୦.୪୫ ଘଣ୍ଟାରେ ଛାଡିବାର ଥିଲା ଏହା ୦୨ ଘଣ୍ଟା ପୁନଃ ନିର୍ଦ୍ଧାରଣ କରାଯାଇ ୨୨.୪୫ ଘଣ୍ଟାରେ ଛାଡିବ। ସେହିଭଳି, ଟ୍ରେନ ନମ୍ବର ୨୦୪୭୨ ପୁରୀ- ଶ୍ରୀ ଗଙ୍ଗାନଗର ଜଙ୍କସନ ସୁପର-ଫାଷ୍ଟ ଏକ୍ସପ୍ରେସକୁ ୩ ସେପ୍ଟେମ୍ବର ୨୦୨୫ରେ ଯାହା ପୁରୀରୁ ୦୬.୩୫ ଘଣ୍ଟାରେ ଛାଡିବାର ଥିଲା ଏହା ୦୩ ଘଣ୍ଟା ୩୦ ମିନିଟ୍ ପୁନଃ ନିର୍ଦ୍ଧାରଣ କରାଯାଇ ୧୦.୦୫ ଘଣ୍ଟାରେ ଛାଡିବ।ଯାତ୍ରୀମାନଙ୍କୁ ଏହି ପରିବର୍ତ୍ତନଗୁଡ଼ିକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

# ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ: ଜିଲ୍ଲାପାଳଙ୍କଠାରେ ଫେରାଦ

ବାରିପଦା,୨।୯(ସଂଚାର ବ୍ୟୁରୋ: ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଞ୍ଚକତା କରି ରୋଷେଇୟା, ଜଗୁଆଳି ଆଦି ନିଯୁକ୍ତି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ମିଶନ ଶକ୍ତି ସଭାପତି ଓ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିର ମିଶନ ଶକ୍ତି ବିପିସି, ବିପିଏମ, ବିଏଲଇ, ସଭାପତି ଓ ସମ୍ପାଦକଙ୍କ ସମ୍ପୃକ୍ତ ଥିବା ବେଳେ ତୁରନ୍ତ ବହିଷ୍କାର ନିମନ୍ତେ ଦାବି କରିଛନ୍ତି। ମହିଳା ମାନଙ୍କୁ ଆର୍ଠଥକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଯୋଜନା ତତ୍କାଳୀନ ବିଜେଡ଼ି ସରକାର ସମୟରେ କାର୍ଯ୍ୟକାରୀ କରାଯାଇଛି।

କିନ୍ତୁ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିର ମିଶନ ଶକ୍ତି କର୍ମୀ ଚଞ୍ଚକତା କରି ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିରେ ଥିବା କୌଣସି ଗ୍ରାମପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନ ଜଣାଇ ନିଜର ଆତ୍ମୀୟସ୍ୱଜନଙ୍କୁ ଚୟନ କରି ନିଯୁକ୍ତି ଦେଇଛନ୍ତି। ଗତ ତା-୨୯-୦୪-୨୦୨୫ ରିଖ ଚିଠି ନମ୍ବର ୧୯୩/ଓଏଭିଏସଏସ/୨୦୨୪ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାନଶୋଳ ତରଫରୁ ମୁଖ୍ୟ ରୋଷେୟା, ସହଯୋଗୀ ରୋଷେୟା ଓ ରାତ୍ରି ଜଗୁଆଳି ନିଯୁକ୍ତି ନିମନ୍ତେ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିରେ ମିଶନ ଶକ୍ତି ବିଏଲଏଫକୁ ଚିଠି ହୋଇଥିଲା। ସେନେଇ କୌଣସି ଗ୍ରାମପଞ୍ଚାୟତର ଏସଏଚଜି ମହିଳା ମାନଙ୍କୁ ନ ଜଣାଇ କିମ୍ବା କୌଣସି ବୈଠକ ନକରି ଲୁଚାଛପାରେ ଆତ୍ମୀୟ ମାନଙ୍କୁ ନିଯୁକ୍ତି ଦେଇଛନ୍ତି। ତତ୍ ସହିତ ଯେଉଁ ମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ଆବେଦନ ଫର୍ମରେ ଅନେକ ଭୁଲ୍ ତ୍ରୁଟି ରହିଛି ବୋଲି ଅଭିଯୋଗ କରିଛନ୍ତି। ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରି ନାହାନ୍ତି, ଶିକ୍ଷାଗତ ଯୋଗ୍ୟତା ସବୁ ନକଲ ଦିଆଯାଇନାହିଁ, ଅଭିଜ୍ଞତା ପ୍ରମାଣ ପତ୍ର ନାହିଁ, ଶିକ୍ଷାଗତ ଯୋଗ୍ୟତା ବିନା ରାତ୍ରି ଜଗୁଆଳି ନିଯୁକ୍ତି ହୋଇଛି ବୋଲି ଅଭିଯୋଗ କରିଛନ୍ତି। ତେଣୁକରି ଉକ୍ତ ଚୟନ ପ୍ରକ୍ରିୟାକୁ ଯଥାଶୀଘ୍ର ରଦ୍ଦ କରିବାକୁ ନିବେଦନ କରିଛନ୍ତି। ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କୋଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁକରି ଆଗାମୀ ଏକ ମାସ ମଧରେ ସମାଧାନ ନହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତି ଅଧୀନସ୍ଥ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱାସ୍ଥ୍ୟ...

କହିଛନ୍ତି ଯେ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି। ଗୋଟିଏ ବର୍ଷରେ ୨୦୦ରୁ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷା ବର୍ଷଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରିପାରିବେ। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ନିରନ୍ତର ଉଦ୍ୟମ କରି ଚାଲିଛନ୍ତି। ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଦୁଇ ମେଡିକାଲ କଲେଜ ପାଇଁ ୧୦୦ଟି ଲେଖାଏଁ ସିଟ ମଞ୍ଜୁର କରିବାକୁ ନିକଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତାମାନେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡାଙ୍କୁ ଭେଟି ଦାବି ଜଣାଇଥିଲେ। ଗତ ଜାନୁଆରୀ ୧୮ ତାରିଖରେ ଏହି ଦୁଇ ମେଡିକାଲ କଲେଜକୁ ଲେଟର ଅଫ ପର୍ମିଶନ ବା ମଂଜୁରୀ ପ୍ରଦାନ କରିବାକୁ ଜାତୀୟ ମେଡିକାଲ କମିଶନଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧ ଆଧାରରେ ମେ ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜକୁ ଓ ଜୁନ ୨୩ ତାରିଖରେ ତାଳଚେର ମେଡିକାଲ କଲେଜକୁ ଗସ୍ତ କରିଥିଲେ କେନ୍ଦ୍ରୀୟ ଟିମ। ଏହି ଦୁଇ ନୂଆ ମେଡିକାଲ କଲେଜରେ ପାଠପଢାକୁ ମଂଜୁରୀ ସହ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪ରୁ ୧୬କୁ ବୃଦ୍ଧି ପାଇଛି। ଏଥିସହିତ ସରକାରୀ ମେଡିକାଲ କଲେଜରେ ସିଟ ସଂଖ୍ୟା ୧୮ଶହକୁ ବୃଦ୍ଧି ପାଇଛି। ଏଥିସହ ରାଜ୍ୟରେ ୫ଟି ଘରୋଇ ମେଡିକାଲ କଲେଜରେ ମଧ୍ୟ ମେଡିକାଲ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଦୁଇ ନୂଆ ମେଡିକାଲ କଲେଜ ସହ ଏଣିକି ରାଜ୍ୟରୁ ପ୍ରତିବର୍ଷ ହାରାହାରି ୨୬ଶହ ନୂଆ ଡାକ୍ତର ସୃଷ୍ଟି ହେବେ। ଆଗାମୀ ଦିନରେ ରାଜ୍ୟରେ ଡାକ୍ତର ଅଭାବକୁ ଦୂର କରିବାକୁ ଆହୁରି ଅଧିକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

### ଭାରତ...

ମିଳିଥିଲା। ସେହି କମ୍ପାନୀର ସିଇଓ ଆଜି ମଧ୍ୟ ଦର୍ଶକଙ୍କ ଗହଣରେ ଉପସ୍ଥିତ ଅଛନ୍ତି। ପ୍ରଯୁକ୍ତିବିଦ୍ୟା ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ବାରମ୍ବାର ଏପରି ସମାବେଶ ଆଡ଼କୁ ଆକର୍ଷିତ କରିଥାଏ। ଆଜି ଦର୍ଶକଙ୍କ ମଧ୍ୟରେ ଉପସ୍ଥିତ ରହିବା ତାଙ୍କୁ ବହୁତ ଆନନ୍ଦ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶ୍ରୀ ମୋଦି କହିଥିଲେ ଯେ ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି। ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥାଏ। ବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ରହିଛି। ପ୍ରଧାନମନ୍ତ୍ରୀ ସେମିକନ୍ ଇଣ୍ଡିଆରେ ଯୋଗ ଦେଇଥିବା ସମସ୍ତ ବିଶିଷ୍ଟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେମାନେ ଏକ ବିକଶିତ ଓ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଆଡକୁ ଭାରତର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ନିକଟରେ ପ୍ରକାଶ ପାଇଥିବା ଚଳିତ ବର୍ଷର ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ସଂଖ୍ୟା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ଅଭିବୃଦ୍ଧି ପୁଣିଥରେ ସବୁ ଆକଳନ, ପ୍ରତ୍ୟାଶା ଏବଂ ପୂର୍ବାନୁମାନକୁ ପଛରେ ପକାଇ ଦେଇଛି। ସେ କହିଥିଲେ, ସାରା ବିଶ୍ୱର ବିଭିନ୍ନ ଅର୍ଥବ୍ୟବସ୍ଥା ନାନା ସମସ୍ୟାର ସାମନା କରୁଛନ୍ତି। ଆର୍ଥିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଆହ୍ୱାନ ସତ୍ତ୍ୱେ ଭାରତ ୭.୮ ପ୍ରତିଶତ ବିକାଶ ହାର ହାସଲ କରିଛି। ଉତ୍ପାଦନ, ସେବା, କୃଷି ଏବଂ ନିର୍ମାଣ ସମେତ ସବୁ କ୍ଷେତ୍ରରେ ଅଭିବୃଦ୍ଧି ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଛି। ଅର୍ଥବ୍ୟବସ୍ଥାକୁ ନେଇ ରହିଥିବା ଉତ୍ସାହ ସବୁଆଡ଼େ ଦେଖିବାକୁ ମିଳୁଛି। ଭାରତର ଦ୍ରୁତ ଅଭିବୃଦ୍ଧି ଶିଳ୍ପ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ନୂତନ ଉର୍ଜା ସଞ୍ଚାର କରୁଛି। ଅଭିବୃଦ୍ଧିର ଏହି ଗତିପଥ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ଆହୁରି କହିଛନ୍ତି ଯେ ତେଲ ଥିଲା କଳା ସୁନା, କିନ୍ତୁ ଚିପ୍ସଗୁଡ଼ିକ ଡିଜିଟାଲ ଡାଇମଣ୍ଡ। ଫାଇଲ୍‌ରୁ କାରଖାନା ପର୍ଯ୍ୟନ୍ତ ସମୟ ଯେତେ କମ ହେବ ଏବଂ କାଗଜପତ୍ର ଯେତେ କମ ହେବ, ସେତେ ଶୀଘ୍ର ୱେଫର କାର୍ଯ୍ୟ ଆରମ୍ଭ ହୋଇପାରିବ। ସରକାର ଏହି ପଦ୍ଧତିରେ ଏବେ କାମ କରୁଛନ୍ତି। ଜାତୀୟ ଏକକ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି, ଯାହା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସମସ୍ତ ଅନୁମୋଦନକୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ କରିପାରିବ। ଫଳସ୍ୱରୂପ, ନିବେଶକମାନଙ୍କୁ ବ୍ୟାପକ କାଗଜପତ୍ରରୁ ସମସ୍ୟାରୁ ମୁକ୍ତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ଭାରତର ସେମିକଣ୍ଡକ୍ଟର ସଫଳତାର କାହାଣୀ କେବଳ ଏକ ଉର୍ଦ୍ଧ୍ୱମୁଖୀ କିମ୍ବା ଗୋଟିଏ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ସୀମିତ ନୁହେଁ ବୋଲି ଜୋର ଦେଇ ଶ୍ରୀ ମୋଦୀ କହିଥିଲେ, ଭାରତ ଏକ ବ୍ୟାପକ ଇକୋସିଷ୍ଟମ ନିର୍ମାଣ କରୁଛି ଯାହା ଦେଶ ମଧ୍ୟରେ ଡିଜାଇନ୍, ଉତ୍ପାଦନ, ପ୍ୟାକେଜିଂ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉପକରଣଗୁଡ଼ିକୁ ସାମିଲ କରିଥାଏ। ସେମିକଣ୍ଡକ୍ଟର ମିଶନ କେବଳ ଗୋଟିଏ ଫ୍ୟାବ୍ ପ୍ରତିଷ୍ଠା କିମ୍ବା ଗୋଟିଏ ଚିପ୍ ଉତ୍ପାଦନ କରିବାରେ ସୀମିତ ନୁହେଁ। ବରଂ, ଭାରତ ଏକ ଦୃଢ଼ ସେମିକଣ୍ଡକ୍ଟର ଇକୋସିଷ୍ଟମ ସୃଷ୍ଟି କରୁଛି ଯାହା ଦେଶକୁ ଆତ୍ମନିର୍ଭରଶୀଳ ଏବଂ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ କହିଥିଲେ।

ସେହିପରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର ମନ୍ତ୍ର ଅନୁସରଣ କରି ଏହି ପର୍ଯ୍ୟାୟରେ ପହଞ୍ଚିଛି। ପରବର୍ତ୍ତୀ ପିଢ଼ିର ସଂସ୍କାରର ଏକ ନୂତନ ପର୍ଯ୍ୟାୟ ଖୁବ୍ ଶୀଘ୍ର ଆରମ୍ଭ ହେବ। ଭାରତ ସେମିକଣ୍ଡକ୍ଟର ମିଶନର ପରବର୍ତ୍ତୀ ପର୍ଯ୍ୟାୟ ଉପରେ କାର୍ଯ୍ୟ ଚାଲିଛି ବୋଲି ସେ କହିଥିଲେ। ଉପସ୍ଥିତ ସମସ୍ତ ନିବେଶକଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିବାକୁ ଭାରତର ପ୍ରସ୍ତୁତି ବିଷୟରେ କହିଥିଲେ। ସେ କହିଥିଲେ, ଡିଜାଇନ୍ ପ୍ରସ୍ତୁତ। ମାସ୍କ ଅନୁକୂଳ ରହିଛି। ଏବେ ସଠିକ୍ କାର୍ଯ୍ୟକାରିତା ଏବଂ ସ୍ତର ହାସଲ କରିବାର ସମୟ। ଭାରତର ନୀତିଗୁଡ଼ିକ କ୍ଷଣସ୍ଥାୟୀ ସଙ୍କେତ ନୁହେଁ ବରଂ ଦୀର୍ଘକାଳୀନ ପ୍ରତିଶ୍ରୁତି। ତେଣୁ ପ୍ରତ୍ୟେକ ନିବେଶକଙ୍କ ଆବଶ୍ୟକତା ପୂରଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ସେହି ଦିନ ଆଉ ବେଶୀ ଦୂରରେ ନାହିଁ ଯେତେବେଳେ ବିଶ୍ୱ କହିବ: ଭାରତରେ ଡିଜାଇନ୍, ଭାରତରେ ନିର୍ମିତ ସାମଗ୍ରୀକୁ ବିଶ୍ୱ ଭରସା କରୁଛି। ଭାରତର ପ୍ରତ୍ୟେକ ପ୍ରୟାସ ସଫଳ ହେଉ, ପ୍ରତ୍ୟେକ ଉଦ୍ୟମ ନବସୃଜନରେ ପରିପୂର୍ଣ୍ଣ ହେଉ ଏବଂ ଯାତ୍ରା ତ୍ରୁଟିମୁକ୍ତ ଏବଂ ଉଚ୍ଚ-ପ୍ରଦର୍ଶନକାରୀ ହେଉ ବୋଲି ଇଚ୍ଛା ପ୍ରକାଶ କରି ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଓଡ଼ିଶା ସେମିକଣ୍ଡକ୍ଟର ହବ୍ ହେବାକୁ ପ୍ରସ୍ତୁତ ବୋଲି ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଭାରତ ସେମିକଣ୍ଡକ୍ଟର କ୍ଷେତ୍ରରେ ଐତିହାସିକ ପଦକ୍ଷେପ ନେଇଛି। ସେମିକନ ଇଣ୍ଡିଆରେ ପ୍ରଧାନମନ୍ତ୍ରୀଙ୍କୁ ଉପହାର।

ସ୍ୱଦେଶୀ ନିର୍ମିତ ୩୨ ବିଟ୍ ମାଇକ୍ରୋ ପ୍ରୋସେସର ଚିପ୍ ଉପହାର ଦେଲା ସେମିକଣ୍ଡକ୍ଟର ଲାବରୋଟୋରୀ ସଂସ୍ଥା (ଏସ୍‌ସିଏଲ୍)। ଇସ୍ରୋ ଦ୍ୱାରା ପରିଚାଳିତ ଏସ୍‌ସିଏଲ୍ ପକ୍ଷରୁ ଏହି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଚିପକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ମୋଦିଙ୍କୁ ଉପହାର ଦିଆଯାଇଥିଲା। ସେମିକଣ୍ଡକ୍ଟର ଡିଭାଇସ୍ ଉତ୍ପାଦନ କ୍ଷେତ୍ରରେ ଭାରତ ଆଜି ନିଜର ଆତ୍ମନିର୍ଭରଶୀଳତାକୁ ପ୍ରଗତି ଆଡ଼କୁ ନେଇଛି ବୋଲି ଅଶ୍ୱିନୀ କହିଥିଲେ। ତେବେ ଏହି ଚିପର ନାମ ରଖାଯାଇଛି ବିକ୍ରମ-୩୨। ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଚିପକୁ ମହାକାଶ ଯାନରେ ବ୍ୟବହୃତ ପାଇଁ ବିକଶିତ କରାଯାଇଛି। ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ଏହି ଚିପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଏସ୍‌ସିଏଲ୍ ପକ୍ଷରୁ ଦାବି କରାଯାଇଛି।

### ସ୍ୱାସ୍ଥ୍ୟସେବାର...

ନାଗରିକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲ୍ଲାର ଲୋକମାନେ ବିଶେଷ ଭାବେ ଉପକୃତ ହେବେ। ଏହି ସୁବିଧା ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ପରିବର୍ତ୍ତନ କରିବା ସହ ସମସ୍ତଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା ସେବା ଉପଲବ୍ଧ କରାଇବ, ଯାହା ଡବଲ-ଇଞ୍ଜିନ୍ ସରକାରର ପ୍ରତିବଦ୍ଧତାର ଜ୍ୱଳନ୍ତ ପ୍ରତିଫଳନ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

### ଆଜି...

ଜିଏସଟି ଅଧିକାରୀଙ୍କ ବଡ ବୈଠକ ହୋଇଛି। ଏଥିରେ ଜିଏସଟି ଦରରେ କଣ ପରିବର୍ତ୍ତନ ହେବ ସେହି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସଟିରେ ପରିବର୍ତ୍ତନ ହେବ ବୋଲି ସଙ୍କେତ ଦେଇଥିଲେ। ତେବେ ସ୍ଲାବରେ ପରିବର୍ତ୍ତନ ପାଇଁ ଜିଏସଟି ପରିଷଦ ଅନୁମୋଦନ କଲେ ଅନେକ ସାମଗ୍ରୀ ଶସ୍ତା ହେବ ଓ ଅନେକ ମହଙ୍ଗା ବି ହେବ। ତେବେ କ'ଣ ହୋଇପାରେ ଶସ୍ତା ଓ କ'ଣ ହୋଇପାରେ ମହଙ୍ଗା ତାକୁ ନେଇ ଅର୍ଥନୀତି ବିଶେଷଜ୍ଞମାନେ ତର୍ଜମା ଆରମ୍ଭ କରିଦେଇଛନ୍ତି। ଅର୍ଥନୀତି ବିଶେଷଜ୍ଞଙ୍କ ଆକଳନ କହୁଛି ଶେଷ ହୋଇପାରେ ଜିଏସଟିର ୧୨ ପ୍ରତିଶତ ଓ ୨୮ ପ୍ରତିଶତ ସ୍ଲାବ। ଏହା ବଦଳରେ ଆଉ ତିନୋଟି ସ୍ଲାବ ସୃଷ୍ଟି ହେବ, ୫ ପ୍ରତିଶତ, ୧୮ ପ୍ରତିଶତ ଓ ୪୦ ପ୍ରତିଶତ। ୧୨ ପ୍ରତିଶତ ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀ ଓ ସେବା ୫ ପ୍ରତିଶତ ସ୍ଲାବ୍‌କୁ ଆସିପାରେ। ୨୮ ପ୍ରତିଶତ ସ୍ଲାବରେ ଥିବା ୯୦ ପ୍ରତିଶତ ସାମଗ୍ରୀ ଓ ସେବା ୧୮ ପ୍ରତିଶତ ସ୍ଲାବରେ ସ୍ଥାନ ପାଇପାରନ୍ତି। ୧୭୫ଟି ସାମଗ୍ରୀର ଜିଏସଟି ଦର ହ୍ରାସ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ଓ ଜୀବନ ବୀମାର ପ୍ରିମିୟମରୁ ହଟିପାରେ ଜିଏସଟି। ଟିଭି, ଏସି, ଫ୍ରିଜ, ୱାଂଶିମେସିନ ଓ ସିମେଣ୍ଟ ଶସ୍ତା ହୋଇପାରେ ବୋଲି ଆକଳନ କରାଯାଉଛି। ହୋଟେଲ ବିଲ ଉପରୁ ଜିଏସଟି ହଟିବାର ସମ୍ଭାବନା ଥିବା ବେଳେ କପଡା, ପୋଷାକ, ଜୋତା, ଚପଲ, ଷ୍ଟେସନାରୀ ଆଇଟମ୍, ଘରକରଣା ଜିନିଷ ଶସ୍ତା ହେବାର ସମ୍ଭାବନା ରହିଛି। ଏହାଛଡ଼ା ଦୁଇଚକିଆ ଯାନ, କାର , ଘର ନିର୍ମାଣ ସାମଗ୍ରୀ ମଧ ଶସ୍ତା ହୋଇପାରେ। ସେପଟେ ପ୍ରସାଧନ ସାମଗ୍ରୀ, ଗୁଟଖା ଓ ମାଦକଦ୍ରବ୍ୟ ମହଙ୍ଗା ହୋଇପାରେ। ଏହା ଉପରେ ଲାଗିପାରେ ୪୦ ପ୍ରତିଶତ ଜିଏସଟି।

### ୨୦୩୬...

ଏହାର ଲକ୍ଷ୍ୟ କ୍ଷେତ୍ରଗୁଡ଼ିକ ମଧରେ ରହିଛି ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ଝାରସୁଗୁଡ଼ା ବିମାନବନ୍ଦରର ସମ୍ପ୍ରସାରଣ, ଏକ ଦୃଢ଼ ରାଜ୍ୟ ନେଟୱାର୍କ ପାଇଁ ବିମାନଘାଟି ଏବଂ ଆଞ୍ଚଳିକ ବିମାନବନ୍ଦରକୁ ସୁଦୃଢ଼ କରିବା।

ଏଥିସହ ଆଦିବାସୀ ଝିଅମାନଙ୍କ ପାଇଁ ଏକ କ୍ୟାଡେଟ୍ ପାଇଲଟ୍ କାର୍ଯ୍ୟକ୍ରମ ସହିତ ଏକ ବିମାନ ଚଳାଚଳ ତାଲିମ ଏକାଡେମୀ ସ୍ଥାପନ କରିବା, ଅନ୍ତର୍ଜାତୀୟ ସହଭାଗୀତାରେ ଏକ ଅତ୍ୟାଧୁନିକ ଏମଆରଓ ସୁବିଧା ପ୍ରତିଷ୍ଠା କରିବା। ବିମାନ ଚଳାଚଳ ଓଡ଼ିଶାର ଅର୍ଥନୀତିର ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ମଧରୁ ଗୋଟିଏ ହେବ। ବିମାନ ସଂଯୋଗକୁ ବିସ୍ତାର କରି, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରି ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରି, ଆମେ କେବଳ ବିମାନବନ୍ଦର ଖୋଲିବା ନୁହେଁ - ଆମେ ସୁଯୋଗ ମଧ ଖୋଲିବା। ଏହା ଆମର ଯୁବପିଢ଼ିଙ୍କୁ ସଶକ୍ତ କରିବା, ଆମ ଲୋକଙ୍କୁ ସଂଯୋଗ କରିବା ଏବଂ ଓଡ଼ିଶାକୁ ବିକଶିତ ଓଡ଼ିଶା-୨୦୪୭ ସ୍ୱପ୍ନର ନିକଟତର କରିବା ସହ ରଣନୈତିକ ନୀତି, ଦୃଢ଼ ନିବେଶ ଏବଂ ଅନ୍ତର୍ଭୁକ୍ତିମୂଳକ କାର୍ଯ୍ୟକ୍ରମ ସହ ଓଡ଼ିଶା ନିଜକୁ ଭାରତର ଭବିଷ୍ୟତର ବିମାନ ଚଳାଚଳ କେନ୍ଦ୍ର ଭାବରେ ସ୍ଥାନିତ କରିବାକୁ ଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ।

### ଓଡିଶାରେ...

ଏହା ଜରିଆରେ ସେ ପଛୁଆ ବର୍ଗର ଲୋକଙ୍କୁ ନିଜ ସହ ଯୋଡିବାକୁ ଲକ୍ଷ୍ୟ ରଖିଛନ୍ତି। ଆଉ ତାଙ୍କର ଏହି ଅଭିଯାନରେ ତାଙ୍କୁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି କିଛି ପୁରୁଣା ଶିଷ୍ୟ। ଜନତା ଦଳରୁ ତାଙ୍କୁ ଗୁରୁ କରିଥିବା କିଛି ନେତା ଯେଉଁମାନେ ଏବେ ବିଜେଡିରେ ପ୍ରଭାବଶାଳୀ ଓ ପ୍ରତିପତ୍ତିଶାଳୀ ହୋଇଛନ୍ତି, ସେମାନେ ଗୁରୁଙ୍କୁ ଗୁରୁଦକ୍ଷିଣା ଦେବାକୁ ଆଶ୍ୱାସନା ଦେଇଥିବା ଜଣାପଡିଛି।

ଶ୍ରୀକାନ୍ତଙ୍କ ଶିଷ୍ୟମାନଙ୍କ ବିଷୟରେ ଓଡିଶା ରାଜନୀତି ସହ ଜଡିତ ବ୍ୟକ୍ତିଙ୍କୁ ଅଛପା ନଥିବାରୁ ଆମେ ସେ ପ୍ରସଙ୍ଗରେ ଏବେ ଆଲୋଚନା କରିବାକୁ ଯାଉନୁ। କେବଳ ବିଜେଡିରେ ଥିବା ତାଙ୍କ ଶିଷ୍ୟମାନେ ସହଯୋଗ କରିବେନି, କଂଗ୍ରେସରେ ଥିବା ତାଙ୍କର କିଛି ଅନୁଗତ ବି ସମାଜବାଦୀ ପାର୍ଟିର ଅନ୍ୟତମ ସ୍ତମ୍ଭ ସାଜିବେ ବୋଲି ଚର୍ଚ୍ଚା ହେଉଛି।

ଏକଦା ଓଡିଶା ରାଜନୀତିକୁ ଏନସିପିର ପ୍ରବେଶ ଭଳି ୨୦୨୯ ବେଳକୁ ଶ୍ରୀକାନ୍ତଙ୍କ ରୋଡମ୍ୟାପ ଯଦି ସଫଳ ହୁଏ, ତେବେ ଆସନ୍ତା ସାଧାରଣ ନିର୍ବାଚନ ନିଶ୍ଚିତ ରୋଚକ ହେବ ଏଥିରେ ସନ୍ଦେହ ନାହିଁ। କାରଣ ଶ୍ରୀକାନ୍ତ ଜଣେ ପୁରୁଣା ଖେଳାଳି ହୋଇଥିବା ବେଳେ ତାଙ୍କ ଚେଲାମାନେ ବି କିଛି କମ ନୁହଁନ୍ତି। ଧୂଆଁଧାର ଭାଷଣ ସାଙ୍ଗକୁ କୂଟନୀତିରେ ବି ସେମାନଙ୍କର ପଟୁତା ରହିଛି। ଏହି ଦୃଷ୍ଟିରୁ ସମାଜବାଦୀ ପାର୍ଟି ୨୦୨୯ରେ ବିଧାନସଭାରେ ଖାତା ଖୋଲି ନପାରିଲେ ବି ସବୁ ନିର୍ବାଚନମଣ୍ଡଳୀରେ ଗଣିତ ବିଗାଡ଼ି ଦେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଆକଳନ କରାଯାଉଛି।

### ଶଙ୍ଖଭବନରେ...

କରି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଯୁବ ନେତାମାନେ ଦଳୀୟ କାର୍ଯ୍ୟାଳୟରେ ଦେବୀଙ୍କୁ ଘେରି ଯାଉଛନ୍ତି। କେଉଁ ଆଧାରରେ ଏମାନଙ୍କୁ ଚୟନ କରାଗଲା ବୋଲି ପ୍ରଶ୍ନ ବାଣରେ ଘାଇଲା କରୁଛନ୍ତି। ଦୁଇ ସାହୁଙ୍କ ନିଯୁକ୍ତିରେ କୌଣସି ଭୂମିକା ନଥିବା ଦେବୀ ବିଚରା ଏହି ଯୁବ ନେତାମାନଙ୍କୁ ସହଜରେ ସାମ୍ନା କରିପାରୁ ନାହାନ୍ତି। ଚିକିତ୍ସା ନବୀନ ମୁମ୍ବାଇ ଯିବା ସମୟରେ ଦେବୀଙ୍କୁ ଦାୟିତ୍ୱ ଦେଇ ଗଲେ ବୋଲି ପ୍ରଚାର ହେଲା। ସେହିଭଳି ସ୍ୱାଧୀନତା ଦିବସରେ ବି ନବୀନଙ୍କ ବଦଳରେ ଦଳୀୟ କାର୍ଯ୍ୟାଳୟରେ ଦେବୀ ପତାକା ଉତ୍ତୋଳନ କଲେ। ତେଣୁ ଦଳରେ ଏବେ ଯୁବ କର୍ମକର୍ତ୍ତାମାନେ ଭାବିନେଇଛନ୍ତି ଯେ ଦେବୀ ହେଉଛନ୍ତି ନମ୍ବର ଦୁଇ। ତେଣୁ ତାଙ୍କ ଜାଣତରେ ହିଁ ଈପ୍ସିତା ଓ ଚିନ୍ମୟ ନିଯୁକ୍ତ ହୋଇଛନ୍ତି।

ତେଣୁ ଦଳୀୟ କାର୍ଯ୍ୟାଳୟରେ କାହାକୁ ନପାଇ ସେମାନେ ଦେବୀଙ୍କୁ ଘେରୁଛନ୍ତି। ହେଲେ ବିଶ୍ୱସ୍ତ ସୂଚନା ହେଉଛି ଏହି ନିଯୁକ୍ତିରେ ଦେବୀଙ୍କର କୌଣସି ଭୂମିକା ନାହିଁ। ତାଙ୍କର କେହି ମତ ଲୋଡି ନାହାନ୍ତି। ତେଣୁ ସିଏ କି ଉତ୍ତର ଦେବେ ତାହା ଜାଣିପାରୁନାହାନ୍ତି।

ଦେବୀ ଏଭଳି ସମସ୍ୟାରେ ପଡିଥିବାବେଳେ ଡାହାଣି-ଗୁଣିଆ ଖେଳ ଚଳାଇଥିବା ତିନି ନେତା କିନ୍ତୁ ଦଳକୁ ଅକଳରେ ପକାଇ ମଜା ଦେଖିବାରେ ଲାଗିଛନ୍ତି। ଅବଶ୍ୟ ଏ ଖବର ନିବାସରେ ପହଞ୍ଚିଲା ପରେ ତର୍ଜମା ଆରମ୍ଭ ହୋଇଛି। ଖୁବଶୀଘ୍ର ହାଇକମାଣ୍ଡ ପଦକ୍ଷେପ ନେବେ ବୋଲି ସୂଚନା ମିଳିଲା ପରେ ତିନି ଯୁବନେତା ଆତଙ୍କିତ ହୋଇପଡ଼ିଥିବାବେଳେ ଏହା ଉପରେ ଏବେ ସମସ୍ତଙ୍କ ନଜର।

ଓମ୍‌ଫେଡ୍ ମେଗା ଡାଇରୀ ପ୍ଲାଣ୍ଟ୍ ବୁଲି ଦେଖିଲେ ରାଜ୍ୟପାଳ

# ଦୁଗ୍ଧ ଚାଷୀଙ୍କୁ ପିଏମ୍‌ଏମ୍‌ୱାଇ ସହ ସଂଯୋଗ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀମାନଙ୍କୁ ପିଏମ୍‌ଏମ୍‌ୱାଇ (ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା) ସହ ସଂଯୋଗ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି କଟକ ଜିଲ୍ଲାର ଗୋବିନ୍ଦପୁର, ଅରିଲୋସ୍ଥିତ ଓମ୍‌ଫେଡ୍ ମେଗା ଡାଇରୀ ପ୍ଲାଣ୍ଟ୍ ପରିଦର୍ଶନ ସମୟରେ ରାଜ୍ୟପାଳ କହିଛନ୍ତି ଯେ ଦୁଗ୍ଧ ଚାଷୀମାନେ ସେମାନଙ୍କ ଉଦ୍ୟମକୁ ବ୍ୟାପକ କରିବା ନିମନ୍ତେ ବ୍ୟାଙ୍କ ଋଣର ଆବଶ୍ୟକତା ରହିଛି। ଏଣୁ ବ୍ୟାଙ୍କମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ସହାୟତା ଯୋଗାଇବାର ପଦ୍ଧତି ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରି କହିଛନ୍ତି ଯେ କେତେକ ଚାଷୀ ଯୋଜନାର ସବସିଡି ପାଇଁ ଆବଶ୍ୟକୀୟ ବ୍ୟକ୍ତିଗତ ଅବଦାନ ପ୍ରଦାନ କରିବାକୁ ହଇରାଣ ହେଉଛନ୍ତି। କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ) ସହ ସଂଯୋଗ କରିବା ଦ୍ୱାରା ସେମାନେ ବ୍ୟାଙ୍କ ଋଣ ପାଇ ବ୍ୟବସାୟ ଆରମ୍ଭ କରିପାରିବେ କିମ୍ବା ବଢ଼ାଇପାରିବେ। ବ୍ୟାଙ୍କ ଦ୍ୱାରା ସଠିକ୍ ସମୟରେ ଋଣ ପ୍ରଦାନ ଚାଷୀଙ୍କୁ ପ୍ରେରଣା ଯୋଗାଇବା ସହ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଛନ୍ତି।

ଏହି ଅବସରରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ହିତାଧିକାରୀଙ୍କ ଏକ ବିସ୍ତୃତ ତାଲିକା ବ୍ୟାଙ୍କମାନଙ୍କୁ ପ୍ରଦାନ କରିବା ସକାଶେ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରାଯାଇପାରିବ, ଯାହା ରାଜ୍ୟରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ ବୋଲି ରାଜ୍ୟପାଳ କହିବା ସହ ଏହା ଦୁଗ୍ଧ ଉତ୍ପାଦନ ଓ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି କହିଛନ୍ତି। ଏ ଦିଗରେ କୌଣସି ସମସ୍ୟା ଉପୁଜେ, ତେବେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି କହିଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ମେଗା ଡାଇରୀ ପ୍ଲାଂଟର ବିଭିନ୍ନ ବିଭାଗ, ଲାବୋରାଟାରୀ, ଘିଅ ବିଭାଗ, ଉତ୍ପାଦ ଗ୍ୟାଲେରୀ ବୁଲି ଦେଖିଥିଲେ। ଓମ୍‌ଫେଡ୍ କର୍ତ୍ତୃପକ୍ଷ ପାୱାର ପଏଣ୍ଟ୍ ପ୍ରେଜେଣ୍ଟେସନ୍ ମାଧ୍ୟମରେ ପ୍ଲାଣ୍ଟର କାର୍ଯ୍ୟଧାରା, ପରିଚାଳନା, ମାର୍କେଟିଂ ପଦ୍ଧତି ଏବଂ ଉତ୍ପାଦ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସହରାଚଞ୍ଚରେ ଘରେ ଘରେ ଓମ୍‌ଫେଡ୍ କ୍ଷୀର ଓ ଅନ୍ୟାନ୍ୟ ଉତ୍ପାଦ ପହଞ୍ଚାଇ ଦିଆଯାଇପାରିଲେ ଏହା ଅଧିକ ଲୋକାଭିମୁଖୀ ହୋଇପାରିବ। ଏଣୁ ଏ ଦିଗରେ ଅନୁଶୀଳନ କରି ପଦକ୍ଷେପ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓମ୍‌ଫେଡର ପ୍ରେସିଡେଣ୍ଟ୍ କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ୧୯କୁ ଘୁଞ୍ଚିଲା ଏନଆରଟିଏସ ପରୀକ୍ଷା

● ପୂର୍ବରୁ ସେପ୍ଟେମ୍ବର ୧୦ରେ ହେବାର ଥିଲା

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଏନଆରଟିଏସ ପରୀକ୍ଷା ଘୁଞ୍ଚାଇଲା ମାଧ୍ୟମିକ ଶିକ୍ଷା ପରିଷଦ। ପୂର୍ବରୁ ସେପ୍ଟେମ୍ବର ୧୦ ତାରିଖରେ ହେବାକୁ ଥିଲା ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା। ଏହାକୁ ସେପ୍ଟେମ୍ବର ୧୯ ତାରିଖକୁ ଘୁଞ୍ଚାଇଲା ବୋର୍ଡ। ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ହେବ ପରୀକ୍ଷା। ଏଥିପାଇଁ ଆଡ଼ମିଟ କାର୍ଡ www.bseodisha.ac.in ୱେବସାଇଟରୁ ଆସନ୍ତା ୧୦ ତାରିଖରୁ ଡାଉନଲୋଡ଼ କରିହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## କୋର୍ଟରେ ଆତ୍ମସମର୍ପଣ କଲା ଗ୍ୟାଙ୍ଗଷ୍ଟର ସକିଲ




**କଟକ,୨।୯(ସଂଚାର ବ୍ୟୁରୋ):** ଗ୍ୟାଙ୍ଗଷ୍ଟର ସକିଲ କରିଛି ଆତ୍ମସମର୍ପଣ। ମଙ୍ଗଳାବାଗ ଥାନାରେ ରୁଜୁ ହୋଇଥିବା ଏକ ସେ ଆଜି ଆତ୍ମସମର୍ପଣ କରିଛି। କଟକ ଜେଏମ୍‌ଏଫ୍‌ଓରେ ସକିଲ ଆତ୍ମସମର୍ପଣ କରିଛି। ଇତିମଧ୍ୟରେ ରାଜ୍ୟରେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ତେଣୁ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ କଟକ ସହରର ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ପେସାଦାର ଅପରାଧୀଙ୍କୁ ସ୍କାନରରେ ରଖିଛି କମିଶନରେଟ୍ ପୁଲିସ। ଅନ୍ୟପଟେ ଦୁଇଦିନ ତଳେ ସକିଲର ସହଯୋଗୀ ଅବଦୁଲ କାଦିରକୁ ଜଣେ ବ୍ୟବସାୟଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସକିଲ୍ ଫେରାର ଥିଲା। ଆଜି ନିଜେ ସେ ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଫାଷ୍ଟ୍ କ୍ଲାସ୍ ସିଟି କୋର୍ଟରେ ପହଞ୍ଚି ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

## ୪ କୋଟି ଟଙ୍କା ହେରଫେର ମାମଲା
## ବନ୍ଧାହେଲେ ଜାମଦା ତହସିଲଦାର



**ଝାରସୁଗୁଡ଼ା,୨।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜାମଦା ତହସିଲଦାର ଗିରଫ ହୋଇଛନ୍ତି। ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶଶଖା (ଇଓଡବ୍ଲ୍ୟୁ)। ଝାରସୁଗୁଡା ବେଲପାହାଡ ମ୍ୟୁନିସିପାଲିଟିରେ ନିର୍ବାହୀ ଅଧିକାରୀ ଥିବା ବେଳେ ୪ କୋଟି ଟଙ୍କାର ସରକାରୀ ଅର୍ଥକୁ ହେରଫେର କରିଥିଲେ। ଏହି ଘଟଣାରେ ପୂର୍ବରୁ ରାଜ୍ୟ ସରକାର ମଧୁସ୍ମିତା ସିଂଙ୍କୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ ଯେ ମଧୁସ୍ମିତା ସିଂ ବେଲପାହାଡ଼ରେ କାର୍ଯ୍ୟରତ ଥିବା ବେଳେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ପ୍ରଥମେ ବେଲପାହାଡ଼ ପୋଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୁତି ସାହୁଙ୍କୁ ଗିରଫ କରିଥିଲେ। ଏହାପରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ଦଣ୍ଡିତ ହେବା ପରେ ଗତ ୩୦ ତାରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହାପରେ ଆଜି ତାଙ୍କୁ ଗିରଫ କରାଯାଇଛି।

## ଲୁଟ୍ ଘଟଣାରେ ୪ ଗିରଫ

- ନଗଦ ଟଙ୍କା ସହ ବ୍ୟାପକ ସାମଗ୍ରୀ ଜବତ
- ଏବେ ବି ୬ ଲୁଟେରା ପୁଲିସ୍‌ଠାରୁ ଦୂରରେ



**ଖୋର୍ଦ୍ଧା,୨।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରୀ ଗ୍ରାମରେ ଥିବା ସ୍ୱର୍ଣ୍ଣ ଅଳଙ୍କାର ପ୍ରତିଷ୍ଠାନରୁ ଗତ ୨୪ ତାରିଖି ଦିନ ଦ୍ୱିପହରେ ହୋଇଥିବା ବଡ଼ ଲୁଟ୍ ଘଟଣାର ପୋଲିସ ମଙ୍ଗଳବାର ପର୍ଦ୍ଦାଫାଶ କରିଛି। ଗତ ୨୪ ତାରିଖରେ ୧୦ ଜଣ ଡକାୟତ ମୁଖା, ହେଲମେଟ ପିନ୍ଧି ବନ୍ଧୁକ, ବମ୍ ଫୁଟାଇ ରୂପା, ଅଳଙ୍କାର ସହ ନଗଦ ଟଙ୍କା ଲୁଟ କରି ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। କିନ୍ତୁ ଲୁଟ୍ ସମୟର ଦୃଶ୍ୟ ସିସିଟିଭି ଫୁଟେଜରେ ମିଳିଥିଲା। ଅଳଙ୍କାର ପ୍ରତିଷ୍ଠାନର ମାଲିକ ଅରୁନ୍ଧତୀ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ଲୁଟ ଘଟଣାର ପର୍ଦ୍ଦାଫାସ କରିଛନ୍ତି। ଏଥିସହ ଏହି ମାମଲାରେ ପୁଲିସ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ ମଧ୍ୟ କରିଛି।

ଏଥିସହ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୯୦୦ ଗ୍ରାମ ସୁନା, ୨ କିଲୋ ୩୬୩ ଗ୍ରାମ ରୁପା ଏବଂ ନଗଦ ୯ ଲକ୍ଷ ୪୫ ହଜାର ଟଙ୍କା ଜବତ କରିଛି। ଏପରିକି ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି ଓ ମାରଣାସ୍ତ୍ର ଜବତ କରିଛି। ଲୁଟ ଘଟଣାରେ ୧୦ ଜଣ ସମ୍ପୃକ୍ତ ଥିବାବେଳେ ୪ ଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି। ଏ ସମ୍ପର୍କରେ ପୁଲିସ ଡିଆଇଜି ସତ୍ୟଜିତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଲୁଟ ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ପୁଲିସ୍ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଖୋର୍ଦ୍ଧା, ପୁରୀ, ନୟାଗଡ଼, ଭୁବନେଶ୍ୱର ଅଞ୍ଚଳରେ ପୁଲିସ ଟିମ୍ ଚଢ଼ାଉ କରି ସମସ୍ତ ଲୁଟ ସୁନା, ରୁପା ଓ ନଗଦ ଟଙ୍କା ଜବତ କରିଥିବା ସେ କହିଛନ୍ତି।

## ରାସ୍ତା ଉପରେ ଓଲଟିଲା ଟ୍ରେଲର



ଅଟକିଛନ୍ତି ଶତାଧିକ ଯାନବାହନ

**ରାୟଗଡ଼ା,୨।୯(ସଂଚାର ବ୍ୟୁରୋ):** ଓଲଟିପଡ଼ିଲା ଟ୍ରେଲର। ଫଳତଃ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି। ତେଣୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଗୁମ୍ମା ଘାଟିର ତୃତୀୟ ବୁଲାଣିରେ ଟ୍ରେଲରଟି ଭାରସାମ୍ୟ ହଟାଇ ଓଲଟି ପଡ଼ିବାରୁ ଉକ୍ତ ରାସ୍ତା ପୂରା ଜାମ୍ ହୋଇଯାଇଛି। ତେଣୁ ରାୟଗଡ଼ାରୁ କୋରାପୁଟକୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ରାୟଗଡ଼ାରୁ କୋରାପୁଟ ଅଭିମୁଖେ ଯାଉଥିବା ମାଲ ବୋଝେଇ ଉକ୍ତ ଟ୍ରେଲରରୁ କେତେକ ସାମଗ୍ରୀ ରାସ୍ତା ଉପରେ ଖସି ପଡ଼ିଥିଲା। ଗାଡ଼ିକୁ ସାଇଡ କରିବା ସମୟରେ ଭାରସାମ୍ୟ ହରାଇ ତାହା ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏହି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା। ଫଳରେ ୩୨୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି।

ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରତିବାଦ

## ବର୍ଷାରେ ଭିଜି ରାଜରାସ୍ତାରେ ପାଠ ପଢ଼ିଲେ



**ଉଦଳା,୨।୯(ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ରାଜରାସ୍ତାରେ ବସି ପାଠ ପଢ଼ିଛନ୍ତି ଛାତ୍ରଛାତ୍ରୀ। ବର୍ଷାରେ ଭିଜି ଭିଜି ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଇ ଏହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉଦଳା-ବାଲେଶ୍ୱର ରାଜପଥର ଯଇଦା ଛକରେ ଏଭଳି ଚିତ୍ର ସାମ୍ନାକୁ ଆସିଛି। ପୁରଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି, ଯେଉଁଥିରେ ୧୩୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି, ହେଲେ ବିଦ୍ୟାଳୟରେ ମାତ୍ର ଦୁଇ ଗୋଟି ଶ୍ରେଣୀ ଗୃହ ରହିଥିବା ବେଳେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ମିଶି ଗୋଟିଏ କକ୍ଷରେ ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏହା ସେମାନଙ୍କ ପାଠପଢ଼ାରେ ଅନେକ ସମସ୍ୟା ସୃଷ୍ଟି କରୁଛି। ଏଥିସହ ବିଦ୍ୟାଳୟରେ ଶୌଚାଳୟଟିଏ ବି ନାହିଁ। ବିଦ୍ୟାଳୟରେ ପାଚେରୀ ନଥିବାରୁ ଅନେକ ସମୟରେ ଅସାମାଜିକ ଯୁବକମାନେ ଅବାଧ ପ୍ରବେଶ କରୁଛନ୍ତି। ଖାଲି ସେତିକି ନୁହେଁ, ଦୁଇଟି ଶ୍ରେଣୀ ଗୃହ ଛାତ ମଧ୍ୟ ମରାମତି ଅଭାବରୁ ନିୟମିତ ଭାବେ କଂକ୍ରିଟ ଖସୁଛି। ଏ ବାବଦରେ ଅଭିଭାବକ ବାରମ୍ବାର ଅଧିକାରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ଅଦ୍ୟାବଧି ଏନେଇ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ନିଜର ଦାବି ପୂରଣ ପାଇଁ ଛାତ୍ରଛାତ୍ରୀମାନେ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଉଦ୍ୟମ କରିଛନ୍ତି। ତେବେ ରିପୋର୍ଟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିବାରୁ ଏହାକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଟିଇଟି ରାୟ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିକ୍ରିୟା

## ରାୟର ତର୍ଜମା ସହ ଶିକ୍ଷକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବ



**ଭୁବନେଶ୍ୱର,୨।୯ (ସଂଚାର ବ୍ୟୁରୋ):** ଶିକ୍ଷକ ନିଯୁକ୍ତି ପାଇବାକୁ ଚାହୁଁଥିବା ଓ ଚାକିରିରେ ଥିବା ଶିକ୍ଷକମାନେ ପଦୋନ୍ନତି ପାଇଁ ଆଶାୟୀ ଥିଲେ, ଏ କ୍ଷେତ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ କୃତକାର୍ଯ୍ୟ ହେବା ବାଧ୍ୟତାମୂଳକ ବୋଲି ଗତକାଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହା ଉପରେ ଆଜି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ରାଜ୍ୟ ସରକାର ତର୍ଜମା କରିବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ସବୁ ଦିଗକୁ ବିଚାର କରିବା ସହ ଶିକ୍ଷକଙ୍କ ସ୍ୱାର୍ଥକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି।

ଶିକ୍ଷକମାନେ ମୁକ୍ତ ଓ ବାଧ୍ୟତା ମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ (ଆର୍‌ଟିଇ ଆକ୍ଟ) ଲାଗୁ ହେବା ପୂର୍ବରୁ ନିଯୁକ୍ତ ହୋଇଛନ୍ତି ଓ ଚାକିରି ଶେଷ ହେବାକୁ ୫ ବର୍ଷରୁ ଅଧିକ ସମୟ ରହିଛି, ସେମାନଙ୍କୁ ଟିଇଟି ପାସ୍ ପାଇଁ ସର୍ବୋଚ୍ଚ ଅଦାଲତ ୨ ବର୍ଷ ସମୟ ଦେଇଛନ୍ତି। ତେବେ ସଂଖ୍ୟାଲଘୁ ସ୍କୁଲଗୁଡ଼ିକରେ ଆର୍‌ଟିଇ ଆଇନ କାର୍ଯ୍ୟକାରିତା ପ୍ରସଙ୍ଗରେ ବୃହତ୍ତର ଖଣ୍ଡପୀଠ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସେଠାର ଶିକ୍ଷକମାନଙ୍କ ପାଇଁ ଟିଇଟି ଆବଶ୍ୟକତା ଲାଗୁ ହେବ ନାହିଁ ବୋଲି ମଧ୍ୟ କୋର୍ଟ ସ୍ପଷ୍ଟ କରିଛନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ଗତ ୨୦୧୧ ଜୁଲାଇ ୨୯ରେ ଶିକ୍ଷକ ନିଯୁକ୍ତି ପାଇଁ ଟିଇଟି ପାସ୍‌କୁ ବାଧ୍ୟତାମୂଳକ କରିଥିଲେ। ତେବେ ସ୍ଥିତିଗତ ବାସ୍ତବତାକୁ ବିଚାରକୁ ନେଇ ଯେଉଁ ଶିକ୍ଷକମାନଙ୍କର ଚାକିରି ସମୟ ୫ ବର୍ଷରୁ କମ୍ ବାକି ରହିଛି ଏବଂ ସେମାନେ ପଦୋନ୍ନତି ଚାହୁଁନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଟିଇଟି ଉତ୍ତୀର୍ଣ୍ଣ ହେବା ଜରୁରୀ ନୁହେଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ମନମୋହନଙ୍କୁ ନେଇ ଗଠିତ ହୋଇଥିବା ଖଣ୍ଡପୀଠ ମତ ଦେଇଛନ୍ତି।

## ପିସି ବ୍ରିଜରୁ ପଡ଼ି ଭିସୁଟ ଛାତ୍ରଙ୍କ ମୃତ୍ୟୁ




**ସମ୍ବଲପୁର,୨।୯(ସଂଚାର ବ୍ୟୁରୋ):** ଭିସୁଟ ମେକାନିକାଲ ବିଭାଗର ଶେଷ ବର୍ଷର ଜଣେ ଛାତ୍ର ପିସି ବ୍ରିଜରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ଘଟଣାଟି ଗତକାଲି ରାତି ପ୍ରାୟ ୧୨ଟା ସମୟରେ ଘଟିଥିବା ବେଳେ ପିସି ବ୍ରିଜ ତଳୁ ମୃତଦେହକୁ ଉଦ୍ଧାର କରିଛି ବୁର୍ଲା ପୁଲିସ। ମୃତ ଛାତ୍ର ଜଣଙ୍କ ଯାଜପୁରର ଅଞ୍ଜନେୟ ଦାସ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସେପଟେ ଅଞ୍ଜନେୟ ଏକା ଥିଲେ ନା ତାଙ୍କ ସହ ଆଉ କିଏ ଥିଲେ, ସେନେଇ କିଛି ବି ଜଣାପଡ଼ିନାହିଁ। ବହୁ ପୂର୍ବରୁ ଭିସୁଟ କର୍ତ୍ତୃପକ୍ଷ ରାତି ପ୍ରାୟ ୧୦ଟା ପରେ କେହି ବାହାରକୁ ନ ଯିବା ପାଇଁ ନୋଟିସ ଜାରି କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଅଞ୍ଜନେୟ କାହିଁକି ଏତେ ରାତିରେ ବାହାରକୁ ଯାଇଥିଲେ, ସେନେଇ ପ୍ରଶ୍ନ ଉଠୁଛି।

## ୨ କଂଗ୍ରେସ କର୍ମୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ପୁରୀ ଜିଲ୍ଲାର କଂଗ୍ରେସ କର୍ମୀ ଆଶୁତୋଷ ମିଶ୍ର ଏବଂ ଅଭିନାଶ ମିଶ୍ରଙ୍କ ବିରୋଧରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନିଆଯାଇଥିବା ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜୀତ ପାଢ଼ୀ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଉପରୋକ୍ତ ଦୁଇ କଂଗ୍ରେସ କର୍ମୀ ଆଗାମୀ ଦିନରେ ସଂଗଠନକୁ ଜିଲ୍ଲାରେ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି।

## ରାତି ଅଧରେ ସ୍ୱାମୀକୁ ନିର୍ମମ ହତ୍ୟା

● ସ୍ତ୍ରୀ ଉପରେ ପରିବାର ଲୋକଙ୍କ ସନ୍ଦେହ

**ଟିଟିଲାଗଡ଼,୨।୯(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଡେଙ୍ଗପଦର ଗାଁରେ ଚାଞ୍ଚଲ୍ୟ। ରାତି ଅଧରେ ସ୍ୱାମୀକୁ ନିର୍ମମ ହତ୍ୟା। ସନ୍ଦେହରେ ସ୍ତ୍ରୀ। ମୃତ ବ୍ୟକ୍ତିଙ୍କ ନାଁ ସନ୍ତୋଷ ପରାଭୁଏ। ଗତକାଲି ବିଳମ୍ବିତ ରାତିରେ ସନ୍ତୋଷ ରକ୍ତ ଜୁଡୁବୁଡୁ ମୃତଦେହ ଘର ବାହାରେ ପଡ଼ିଥିବା ପଡୋଶୀ ଦେଖିବାକୁ ପାଇଥିଲେ। ଘର ଭିତରେ ଥିବା ସ୍ତ୍ରୀ ଓ ପୁଅ, ଝିଅ ଫେରାର ହୋଇଯାଇଥିଲେ। ସନ୍ତୋଷକୁ ହତ୍ୟା କରି ସ୍ତ୍ରୀ ଓ ପରିବାର ଲୋକେ ଫେରାର ମାରିଥିବା ମୃତକଙ୍କ ବଡ଼ ଭାଇ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହତ୍ୟାର କାରଣ ସ୍ପଷ୍ଟ ହୋଇପାରିନାହିଁ। ସ୍ତ୍ରୀ ଭବାନୀ ପରାଭୁଏ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଅମାନୁଷିକ ଆକ୍ରମଣରେ ଯୁବକ ଲହୁଲୁହାଣ




**ପୁରୀ,୨।୯(ସଂଚାର ବ୍ୟୁରୋ):** ପୁରୀରେ ଆତଙ୍କରାଜ ଚଳାଇଲେ ଦୁର୍ବୃତ୍ତ। ଜଣେ ଯୁବକଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରି ଲହୁଲୁହାଣ କଲେ ଦୁର୍ବୃତ୍ତ। ଗୁରୁତର ଯୁବକ ହେଲେ ଅର୍କିପାଟଣାର ବାବୁ ବରାଳ। ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରୁଥିବା ସମୟର ଏକ ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେଉଛି। ବୁଧିଆବର ଛକ କଳଘର ନିକଟରେ କିଛି ଦୁର୍ବୃତ୍ତ ଯୁବକଙ୍କ ଦୁଇ ଗୋଡ଼ ଓ ହାତକୁ ଲୁହା ପାଇପରେ ଆକ୍ରମଣ କରିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଏନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି ଯୁବକଙ୍କ ପତ୍ନୀ। ଏଥିସହ ତଦନ୍ତ କରି ପୁଲିସ୍ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହେଉଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ହିନ୍ଦୋଳ,୨।୯(ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି। ମୃତ ବୃଦ୍ଧ ଜଣଙ୍କ ହେଲେ ହିନ୍ଦୋଳ ବନାଞ୍ଚଳ ନୂଆଗାଁ ଗ୍ରାମର ସଂସାର ଗଡ଼ନାୟକ। ଗତକାଲି ରାତିରେ ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ସେ ଗାଁ ମଣ୍ଡପରେ ବସିଥିବା ସମୟରେ ଅଚାନକ ତାଙ୍କୁ ହାତୀ ଆକ୍ରମଣ କରିଥିଲା।

ଫଳତଃ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ହିନ୍ଦୋଳ ଅଞ୍ଚଳରେ ହାତୀ ଆକ୍ରମଣଜନିତ ମୃତ୍ୟୁ ନୂଆ ହୋଇ ନ ଥିବା ବେଳେ କେବେ ଏଭଳି ଦୁର୍ଦ୍ଦଶାରୁ ସ୍ଥାନୀୟ ଲୋକଙ୍କୁ ତ୍ରାହି ମିଳିବ, ତାହା କେବଳ ସମୟ କହିବ।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

## ଘଟଣାସ୍ଥଳରେ ଉତ୍ତେଜନା, ଅଭିଯୁକ୍ତ ଥାନାରେ ଅଟକ

**କଳାହାଣ୍ଡି,୩।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଳଦିଆମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ହାଇଡ୍ରାମା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଧାନଶିକ୍ଷକ ଦୁଲେନ୍ଦ୍ର ମେହେର ସ୍କୁଲର କେତେକ ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଓ ବିଭିନ୍ନ ସମୟରେ ତାଙ୍କୁ ସ୍ପର୍ଶ କରୁଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଜୁନାଗଡ଼ ବିଇଓଙ୍କଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର, ଏ ବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟିତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚିଥିଲେ। ଫଳସ୍ୱରୂପ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କୁ ଦେଖି ପ୍ରଧାନଶିକ୍ଷକ ଶ୍ରୀ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ମଧ୍ୟ ଉକ୍ତ ଘରେ ତାଲା ପକାଇ ଦେଇଥିଲେ। ପରେ ପରିସ୍ଥିତି ଅଣାୟତ୍ତ ହେବାରୁ ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରି ଗାଡ଼ିରେ ବସାଇଥିଲା। କିନ୍ତୁ ଗ୍ରାମବାସୀ ତାଙ୍କୁ ଛାଡ଼ିବାକୁ ରାଜି ହୋଇନଥିଲେ। ଫଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗିରହିଥିଲା। ଫଳତଃ ସ୍କୁଲ ଆଗରେ ଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏପରିକି ପ୍ରଧାନଶିକ୍ଷକ ଶ୍ରୀ ମେହେରଙ୍କୁ ସ୍କୁଲ ବାହାରକୁ ଆଣିବା ପାଇଁ ପୁଲିସକୁ ନାକେଦମ ହେବାକୁ ପଡୁଥିଲା। ପ୍ରାୟ ଘଣ୍ଟାଏ ପରେ ପୁଲିସ ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିବାରେ ସକ୍ଷମ ହୋଇଥିଲା। ଘଟଣା ସମ୍ପର୍କରେ ଶ୍ରୀ ମାଝୀ କହିଛନ୍ତି ଯେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ୨ ଜଣ ଏବିଇଓ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଉକ୍ତ ସ୍କୁଲ୍‌କୁ ପଠାଯାଇଥିଲା। ଆସନ୍ତାକାଲି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରଧାନଶିକ୍ଷକ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୨୦୦% ଶୁଳ୍କ ବୋମା ଫୁଟାଇବେ ଟ୍ରମ୍ପ୍




**ନୂଆଦିଲ୍ଲୀ/ୱାଶିଂଟନ, ୨।୯:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୋଟିଏ ପରେ ଗୋଟିଏ ଅନେକ ଜିନିଷ ଉପରେ ଶୁଳ୍କ ଲାଗୁ କରୁଛନ୍ତି। ଏଥର ସେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଆବଶ୍ୟକୀୟ ଜିନିଷ ଉପରେ ଭାରୀ ଶୁଳ୍କ ଲାଗୁ କରିବାକୁ ଚିନ୍ତା କରୁଛନ୍ତି। ପ୍ରକୃତରେ, ଟ୍ରମ୍ପ୍ ପ୍ରଶାସନ ଔଷଧ ଉପରେ ଭାରୀ ଶୁଳ୍କ ଲାଗୁ କରିବାକୁ ଚିନ୍ତା କରୁଛି। ଏକ ରିପୋର୍ଟ ଅନୁଯାୟୀ, କିଛି ଔଷଧ ଉପରେ ୨୦୦% ପର୍ଯ୍ୟନ୍ତ ଟିକସ ଲାଗୁ କରିବାକୁ ଆଲୋଚନା ହେଉଛି। ଟ୍ରମ୍ପ୍ ଚାହୁଁଛନ୍ତି ଯେ, ଅଟୋ ଏବଂ ଷ୍ଟିଲ୍ ଭଳି ଜିନିଷ ଉପରେ ଲାଗୁ ହୋଇଥିବା ଟିକସ ଔଷଧ ଉପରେ ମଧ ଲାଗୁ କରାଯାଉ। ଯଦି ଏହା ହୁଏ,ତେବେ ଦଶନ୍ଧି ପୁରୁଣା ନୀତି ବିରୁଦ୍ଧରେ ହେବ। ଯେଉଁଥିରେ ଅନେକ ଔଷଧ ବିନା ଟିକସରେ ଆମେରିକା ପଠାଯାଉଥିଲା। ଏହାର ପ୍ରଭାବ ଭାରତ ଉପରେ ମଧ ପଡ଼ିବାର ଆଶଙ୍କା ରହିଛି।। ବିଶେଷଜ୍ଞମାନଙ୍କ ଅନୁସାରେ, ଏହା ଯୋଗୁ ଔଷଧର ମୂଲ୍ୟ ବୃଦ୍ଧି ହୋଇପାରେ। ଏହା ସହିତ ଯୋଗାଣରେ ସମସ୍ୟା ସୃଷ୍ଟି ହେବ। ସେହିପରି, ଔଷଧର ଅଭାବ ସୃଷ୍ଟି ହେବାର ଆଶଙ୍କା ମଧ ରହିଛି। ଟ୍ରମ୍ପ୍ ଔଷଧ ଉପରେ ୨୦୦% ଟିକସ ଲାଗୁ କରିବା ପାଇଁ ୧୯୬୨ର ବାଣିଜ୍ୟ ପ୍ରସାରଣ ଆଇନର ଧାରା ୨୩୨ର ଲାଗୁ କରିବାକୁ କହୁଛନ୍ତି। ସେ କହିଛନ୍ତି, କରୋନା ମହାମାରୀ ସମୟରେ ଔଷଧର ଅଭାବ ଥିଲା। ତେଣୁ, ଏବେ ଘରୋଇ ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ।

ଆମେରିକା ଏବଂ ୟୁରୋପ ମଧରେ ହୋଇଥିବା ଏକ ସାମ୍ପ୍ରତିକ ବାଣିଜ୍ୟ ଚୁକ୍ତିରେ, ଔଷଧ ସମେତ କିଛି ୟୁରୋପୀୟ ସାମଗ୍ରୀ ଉପରେ ୧୫% ଟିକସ ଲାଗୁ କରାଯାଇଛି। ଟ୍ରମ୍ପ୍ ପ୍ରଶାସନ ଅନ୍ୟ ଦେଶରୁ ଆସୁଥିବା ଔଷଧ ଉପରେ ଆହୁରି ଅଧିକ ଟିକସ ଲାଗୁ କରିବାକୁ ଧମକ ଦେଇଛି। ଯଦି ଟ୍ରମ୍ପ୍ ଔଷଧ ଉପରେ ୨୦୦% ଶୁଳ୍କ ଲାଗୁ କରନ୍ତି, ତେବେ ଏହା ଆମେରିକାରେ ଔଷଧ କିଣୁଥିବା ଲୋକଙ୍କ ଉପରେ ପ୍ରଭାବ ପକାଇବ। ଆନଜିର ଡିଡ୍ରେକ୍ ଷ୍ଟାଡିଗ୍ ଗତ ମାସରେ କହିଥିଲେ ଯେ, ଟିକସର ସବୁଠାରୁ ବଡ଼ ପ୍ରଭାବ ଗ୍ରାହକଙ୍କ ଉପରେ ପଡ଼ିବ। ଔଷଧ କିଣିବା ସମୟରେ ସେମାନଙ୍କୁ ସିଧାସଳଖ ମହଙ୍ଗ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ପରୋକ୍ଷ ଭାବରେ ବୀମା ପ୍ରିମିୟମ କ୍ଷେତ୍ରରେ ସମସ୍ୟା ମଧ ସୃଷ୍ଟି ହେବ। ସେ କହିଛନ୍ତି, ଏହା ଦ୍ୱାରା ନିମ୍ନ ଆୟକାରୀ ଏବଂ ବୟସ୍କ ରୋଗୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଷ୍ଟାଡିଗ କହିଛନ୍ତି, ୨୫% ଟିକସ ଲାଗୁ ହେଲେ ମଧ ଆମେରିକାରେ ଔଷଧର ମୂଲ୍ୟ ୧୦ ରୁ ୧୪% ବୃଦ୍ଧି ପାଇପାରେ। କାରଣ ଷ୍ଟକ୍ ସରିଯିବ। ସ୍ଥିର ଆୟକାରୀ ଲୋକଙ୍କ ପାଇଁ ଏହା ଏକ ବଡ଼ ସଙ୍କଟ ସୃଷ୍ଟି କରିବ।

ଆମେରିକାରେ ବିକ୍ରି ହେଉଥିବା ଅଧିକାଂଶ ଔଷଧ ଜେନେରିକ୍। ଖୁଚୁରା ଏବଂ ମେଲ୍-ଅର୍ଡର ଫାର୍ମାସିରେ ବିକ୍ରି ହେଉଥିବା ପ୍ରାୟ ୯୨% ଔଷଧ ଜେନେରିକ୍। ଜେନେରିକ୍ ଔଷଧ ନିର୍ମାତାମାନେ କମ୍ ଲାଭରେ କାରବାର କରିଥାନ୍ତି ଏବଂ ଅଧିକ ଟିକସ ଦେଇପାରିବେ ନାହିଁ। ବିଶ୍ଲେଷକମାନେ କହିଛନ୍ତି ଯେ, କିଛି କମ୍ପାନି ଟିକସ ଦେବା ପରିବର୍ତ୍ତେ ଆମେରିକା ବଜାର ଛାଡ଼ି ପାରନ୍ତି। ଭାରତ ମଧ ଜେନେରିକ୍ ଔଷଧର ଏକ ବଡ଼ ଯୋଗାଣକାରୀ। ଭାରତରୁ ଆସୁଥିବା ଔଷଧ ଶସ୍ତା ହୋଇଥିବାରୁ ଆମେରିକା ସରକାର ଭାରତୀୟ ଔଷଧ କମ୍ପାନିଗୁଡ଼ିକୁ ଟିକସରୁ ମୁକ୍ତ କରିଛନ୍ତି। ବାସଭ କ୍ୟାପିଟାଲର ସହ-ପ୍ରତିଷ୍ଠାତା ସନ୍ଦୀପ ପାଣ୍ଡେଙ୍କ ଅନୁଯାୟୀ, ଆମେରିକାରେ ଔଷଧ ଆମଦାନୀରେ ଭାରତର ଅଂଶ ପ୍ରାୟ ୬%। ଆମେରିକୀୟ ନୀତି ନିର୍ଦ୍ଧାରକମାନେ ଜାଣନ୍ତି ଯେ, ସେମାନଙ୍କର ବ୍ୟବସ୍ଥା ଭାରତୀୟ ଯୋଗାଣ ଉପରେ ନିର୍ଭରଶୀଳ। କିଛି ବର୍ଷ ପୂର୍ବେ, ଭାରତର ଏକ କାରଖାନାରେ ଔଷଧ ଉତ୍ପାଦନ ବନ୍ଦ ହୋଇଯାଇଥିଲା, ଯାହା ଫଳରେ ଆମେରିକାରେ କେମୋଥେରାପିର ଅଭାବ ଦେଖାଦେଇଥିଲା। ଏପରି ପରିସ୍ଥିତିରେ, ଭାରତରୁ ଆସୁଥିବା ଔଷଧଗୁଡ଼ିକ ଉପରେ ବର୍ତ୍ତମାନ ଟିକସ ଲାଗୁ ହୋଇପାରିବ ନାହିଁ। କାରଣ ଭାରତୀୟ ଔଷଧଗୁଡ଼ିକ ଶସ୍ତା ଏବଂ ଆମେରିକାର ଲୋକଙ୍କ ପାଇଁ ଆବଶ୍ୟକ।

## ଡ୍ରାଗନ୍ ତିଆରି କଲା ବିଶ୍ୱର ପ୍ରଥମ ୬ଜି ଚିପ୍




ନୂଆଦିଲ୍ଲୀ ୨।୯: ବିଶ୍ୱର ପ୍ରଥମ ୬-ଜି ଚିପ୍ ପ୍ରସ୍ତୁତ କରିଛି ଚୀନ୍। ସୁଦୂର ଅଞ୍ଚଳରେ ମଧ ଏହା ହାଇ-ସ୍ପିଡ୍ ଇଣ୍ଟର୍‌ନେଟ୍ ପ୍ରଦାନ କରିବ। ବର୍ତ୍ତମାନର ଇଣ୍ଟର୍‌ନେଟ୍ ସ୍ପିଡ୍ ତୁଳନାରେ ୬-ଜି ଚିପ୍‌ରୁ ୫ ହଜାର ଗୁଣ ଦ୍ରୁତ ଇଣ୍ଟର୍‌ନେଟ୍ ସ୍ପିଡ୍ ମିଳିବ। କେବଳ ଗ୍ରାମାଞ୍ଚଳ ନୁହେଁ, ହାଇ-ସ୍ପିଡ୍ ଇଣ୍ଟର୍‌ନେଟ୍ ପହଞ୍ଚିନଥିବା ଦୁର୍ଗମ ଅଞ୍ଚଳକୁ ମଧ ଏହାର ଲାଭ ମିଳିବ। ବେଜିଂର ପେକିଂ ବିଶ୍ୱବିଦ୍ୟାଳୟ ଓ ହଂକଂର ସିଟି ବିଶ୍ୱବିଦ୍ୟାଳୟର ଗବେଷକମାନେ ମିଳିତ ଭାବେ ଏହି ଚିପ୍‌ସେଟ୍‌କୁ ପ୍ରସ୍ତୁତ କରିଛନ୍ତି। ଏହାକୁ ସେମାନେ ଅଲ୍ ଫ୍ରିକ୍ୱେନ୍ସି ୬-ଜି ସଲ୍ୟୁସନ୍ କହିଛନ୍ତି, ଯାହା ମୋବାଇଲ ଫୋନ୍ ସ୍ପିଡ୍‌କୁ ଅନେକ ଗୁଣ ବଢ଼ାଇପାରେ। ଚିପ୍‌ସେଟ୍‌ର ଆକାର ୧୧ଏମ୍‌ଏମ୍ ଙ ୧.୭ଏମ୍‌ଏମ୍। ଲୋ ଫ୍ରିକ୍ୱେନ୍ସିରେ ଏହା କାମ କରିବ। ଏହା ଦ୍ୱାରା ମୋବାଇଲ ଫୋନ୍ ଓ ଅନ୍ୟ ଡିଭାଇସ୍‌କୁ ଭଲ ସ୍ପିଡ୍ ସହିତ କନେକ୍ଟିଭିଟି ମିଳିବ। ୬-ଜି ଚିପ୍‌ସେଟ୍ ସାହାଯ୍ୟରେ ୧ ସେକେଣ୍ଡ୍‌ରେ ୧୦୦ ଜିବି ଡାଟା ସ୍ଥାନାନ୍ତର ହୋଇଯିବ। ଏହା ପୂରାପୂରି ୱାୟରଲେସ୍ ସ୍ପେକ୍ଟ୍ରମ୍ ଉପରେ କାମ କରିବ। ଉଦାହରଣ ସ୍ୱରୂପ, ୬-ଜି ଚିପ୍‌ସେଟ୍ ସାହାଯ୍ୟରେ ୫୦ଜିବିର ଏଚ୍‌ଡି ୮କେ ଫିଲ୍ମ ୧ ସେକେଣ୍ଡ ମଧ୍ୟରେ ଡାଉନ୍‌ଲୋଡ୍ ହେବ। ଏହି ସ୍ପିଡ୍ ଉଭୟ ସହର ଓ ଗ୍ରାମାଞ୍ଚଳରେ ମିଳିବ। ମଣିଷ ପାଇଁ ମସ୍ତିଷ୍କ ଯେମିତି ଆବଶ୍ୟକ, ଠିକ୍ ସେମିତି କମ୍ପ୍ୟୁଟର୍, ମୋବାଇଲ ଫୋନ୍ କିମ୍ବା କୌଣସି ଇ-ଡିଭାଇସ୍ ପାଇଁ ଚିପ୍‌ସେଟ୍ ସେତିକି ଆବଶ୍ୟକ। ମେମୋରୀ, ଷ୍ଟୋରେଜ୍, ଗ୍ରାଫିକ୍ସ ଓ ହାର୍ଡୱେର ମଧ୍ୟରେ ଏହା ଯୋଗାଯୋଗ ସ୍ଥାପନ କରେ। ସୁଫଳ ସତ୍ତ୍ୱେ ୬-ଜିକୁ ନେଇ ଚିନ୍ତା ମଧ ବଢ଼ିଛି। ବିଶେଷଜ୍ଞଙ୍କ ଅନୁସାରେ, ୬-ଜିରେ ହାଇ ଫ୍ରିକ୍ୱେନ୍ସି ବ୍ୟାଣ୍ଡର ଉପଯୋଗ ଯୋଗୁ ବିଦ୍ୟୁତ୍-ଚୁମ୍ବକୀୟ ବିକିରଣ ମଧ ବଢ଼ିପାରେ। ଏହା ମାନବ ସ୍ୱାସ୍ଥ୍ୟକୁ ବିପଦରେ ପକାଇବ। ଡିଭାଇସ୍‌ରେ ଏହାର ସଂଯୋଗ ସହିତ ସାଇବର୍ ବିପଦ ବଢ଼ିବ। ଡାଟା ଗୋପନୀୟତାକୁ ନେଇ ମଧ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୬,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୭,୨୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୬,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୭,୨୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୬,୦୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୭ ହଜାର ୨୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୬,୨୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୭, ୪୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୬,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୭ ହଜାର ୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୬,୦୯୦ ଓ ୯୭ ହଜାର ୨୫୦ ଟଙ୍କା ରହିଛି।

# ବେଦାନ୍ତ ଲାଞ୍ଜିଗଡ଼ର ମେଗା ସ୍ୱାସ୍ଥ୍ୟ ଶିବିର

ଲାଞ୍ଜିଗଡ଼, ୨।୯: ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ର କାନକୁଟୁ ଗ୍ରାମ ପଞ୍ଚାୟତରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି। ଏଥିରେ ୧୩ଟି ଗ୍ରାମର ୪୦୦ରୁ ଅଧିକ ଲୋକଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ସୁବିଧା ସହିତ ଔଷଧ ପ୍ରଦାନ କରାଯାଇଥିଲା। ବେଦାନ୍ତର ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର। ତଥାପି ଅନେକ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏହା ପାଇବା




ଆହ୍ୱାନ ହୋଇରହିଛି। କଳାହାଣ୍ଡିରେ ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ଆମେ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରୁଛୁ। ଗୋଷ୍ଠୀ କଲ୍ୟାଣ ହେଉଛି ସ୍ଥାୟୀ ଅଭିବୃଦ୍ଧିର ମୂଳଦୁଆ। ମେଗା ସ୍ୱାସ୍ଥ୍ୟ ଶିବିର ଭଳି ପଦକ୍ଷେପ ଆମର ସେହି ବିଶ୍ୱାସକୁ ପ୍ରତିଫଳିତ କରୁଛି। କମ୍ପାନି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଜରିଆରେ ମଧ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଉଛି। ୬୬୦ରୁ ଅଧିକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପରିଦର୍ଶନ ଦ୍ୱାରା ଦୂରଦୂରାନ୍ତ ଗ୍ରାମଗୁଡ଼ିକର ୨୦,୫୦୦ରୁ ଅଧିକ ଲୋକ ଉପକୃତ ହୋଇଛନ୍ତି।

# ଜଳବାୟୁ ପରିବର୍ତ୍ତନ ପାଇଁ ଭାରତରେ ଖାଦ୍ୟ ମୂଲ୍ୟ ବୃଦ୍ଧି

ନୂଆଦିଲ୍ଲୀ,୨।୯: ଭାରତରେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନ ଯୋଗୁ ଫସଲ ନଷ୍ଟ ଓ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିବାରୁ ଖାଦ୍ୟ ମୂଲ୍ୟ ତୀବ୍ର ଭାବେ ବୃଦ୍ଧି ପାଉଛି। ଟମାଟୋ, ପିଆଜ ଓ ଆଳୁ ଭଳି ପ୍ରତ୍ୟେକ ଘରେ ବ୍ୟବହୃତ ମୁଖ୍ୟ ଖାଦ୍ୟ ସାମଗ୍ରୀ ଅନିୟମିତ ବର୍ଷା, ଗ୍ରୀଷ୍ମ ଲହରୀ ଓ ଅସମୟ ଝଡ଼ର ଶିକାର ହୋଇଛି। ରଏଟର୍ସ ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଏହା ଘଟଣାକୁ ଅଧିକ ଖରାପ କରୁଛି, ଯାହା ସବୁଜ ପନିପରିବା ମୂଲ୍ୟରେ ଅସ୍ଥିରତା ଓ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି କରୁଛି।

ଟମାଟୋ, ପିଆଜ ଓ ଆଳୁ ଭଳି ଅଳ୍ପ ସମୟରେ ନଷ୍ଟ ହେଉଥିବା ଫସଲ ଅତି ସମ୍ବେଦନଶୀଳ। ପ୍ରବଳ ବର୍ଷା, ଗ୍ରୀଷ୍ମ ଲହରୀ ଓ ଘୂର୍ଣ୍ଣିଝଡ଼ ଫସଲ ନଷ୍ଟ କରିବା ସହ ଗୋଦାମରେ ଥିବା ଉତ୍ପାଦକୁ ମଧ ନଷ୍ଟ କରୁଛି, ଯାହା ଅଭାବ ଓ ମୂଲ୍ୟ ବୃଦ୍ଧିର କାରଣ ହେଉଛି। ଉଦାହରଣ ସ୍ୱରୂପ, ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକରେ ପ୍ରବଳ ବର୍ଷା ଯୋଗୁଁ ଟମାଟୋ ଉତ୍ପାଦନ ୧୧-୧୩% ହ୍ରାସ ପାଇଛି, ଯାହା ଦିଲ୍ଲୀର ଆଜାଦପୁର ମଣ୍ଡିରେ ଟମାଟୋର ହୋଲସେଲ ମୂଲ୍ୟ ୨୦୨୩ ମଧଭାଗରେ ପ୍ରତି କିଲୋ ୧୮ ଟଙ୍କାରୁ ୬୭ ଟଙ୍କାକୁ ବୃଦ୍ଧି ପାଇଥିଲା। ମହାରାଷ୍ଟ୍ରରେ କୁଆ ପଥର ବୃଷ୍ଟି ଯୋଗୁ ପିଆଜ ଉତ୍ପାଦନ ହ୍ରାସ ପାଇଛି ଏବଂ ଉତ୍ତର ପ୍ରଦେଶରେ ତୁଷାରପାତ ଆଳୁ ଉତ୍ପାଦନ କମାଇଛି। ଏହା ଗ୍ରାହକଙ୍କୁ ବଜାରରେ ଅଧିକ ମୂଲ୍ୟ ଦେବାକୁ ବାଧ କରିଛି ଏବଂ ଚାଷୀମାନେ କ୍ଷତିରେ ରହିଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଏକ ଅଧୟନ ଅନୁଯାୟୀ, ବର୍ଷାରେ ପରିବର୍ତ୍ତନ ପନିପରିବା ମୂଲ୍ୟବୃଦ୍ଧିକୁ ୧.୨୪% ବୃଦ୍ଧି କରିପାରେ, ଆଉ ତାପମାତ୍ରା ବୃଦ୍ଧି ଏହାକୁ ୧.୩୦% ବୃଦ୍ଧି କରେ। ୨୦୨୩ରେ ଟମାଟୋ ମୂଲ୍ୟବୃଦ୍ଧି



୩୭% ଥିବାବେଳେ ୨୦୨୪ ଶେଷରେ ଆଳୁ ମୂଲ୍ୟ ଶାକସବୁଜୀ ମୂଲ୍ୟବୃଦ୍ଧିକୁ ୪୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଗ୍ରାହକ ଖାଦ୍ୟ ମୂଲ୍ୟବୃଦ୍ଧି ୨୦୨୩ ଜୁଲାଇରେ ୧୧.୫% ଶୀର୍ଷରେ ପହଞ୍ଚିଥିଲା ଏବଂ ୨୦୨୪ ପର୍ଯ୍ୟନ୍ତ ଉଚ୍ଚ ରହିଥିଲା।

ଭାରତର କୃଷି ପ୍ରାୟ ୬୫% ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ, ଯାହା ଚାଷୀମାନଙ୍କୁ ଅନିୟମିତ ବର୍ଷା, ଘୂର୍ଣ୍ଣିଝଡ଼ ଓ ଗ୍ରୀଷ୍ମ ଲହରୀ ପାଇଁ ଅସୁରକ୍ଷିତ କରିଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଅଧିକାଂଶ ପନିପରିବା ଉତ୍ପାଦନ କରୁଥିବାରୁ ଉପଯୁକ୍ତ ଗୋଦାମ, ପରିବହନ ଓ ସୁରକ୍ଷା ବ୍ୟବସ୍ଥାର ଅଭାବ ଜଳବାୟୁ ଆଘାତର ପ୍ରଭାବକୁ ଆହୁରି ବୃଦ୍ଧି କରୁଛି। ପନିପରିବା ଗ୍ରାହକ ମୂଲ୍ୟ ସୂଚକାଙ୍କରେ କମ ଓଜନ ଥାଇଁ ମଧ ଟମାଟୋ, ପିଆଜ ଓ ଆଳୁର ମୂଲ୍ୟ ହଠାତ୍ ବୃଦ୍ଧି ସାମଗ୍ରିକ ମୂଲ୍ୟବୃଦ୍ଧିକୁ ୩% ରୁ ଅଧିକ ପ୍ରଭାବିତ କରିପାରେ। ବିଶେଷଜ୍ଞମାନେ କହୁଛନ୍ତି ଯେ ସଠିକ ଓ ସମୟୋପଯୋଗୀ ଫସଲ ଚାହିଦା ଓ ଉତ୍ପାଦନ ତଥ୍ୟ ଚାଷୀମାନଙ୍କୁ ଚାଷ କରିବାରେ ଉତ୍ତମ ନିଷ୍ପତ୍ତି ନେବାକୁ ସାହାଯ୍ୟ କରିପାରେ, ଯାହା ଅଭାବ ଓ ଅତିରିକ୍ତ ଉତ୍ପାଦନ ଦୁଇଟିକୁ ଏଡ଼ାଇ ଦେଇପାରେ। ଉନ୍ନତ ଗୋଦାମ ଓ ଶୀତଳ ଭଣ୍ଡାର ବ୍ୟବସ୍ଥା ଫସଲ ନଷ୍ଟକୁ ମଧ ହ୍ରାସ କରିପାରେ। ବିଶେଷଜ୍ଞମାନେ କହିଛନ୍ତି, "ଚାଷୀମାନଙ୍କୁ ଆଧୁନିକ ଉଦ୍ୟାନ ତଥ୍ୟ ଦରକାର ଯାହା ସେମାନଙ୍କୁ ବଜାର ଚାହିଦା ଅନୁଯାୟୀ ଫସଲ ଚୟନ କରିବାକୁ ଓ କ୍ଷତିକାରକ ବିକ୍ରି ଏଡ଼ାଇବାକୁ ସାହାଯ୍ୟ କରିବ।"

୨୦୨୪ ରେକର୍ଡରେ ସବୁଠାରୁ ଉଷ୍ମ ବର୍ଷ ହୋଇଥିବା ଏବଂ ପ୍ରଥମ ନଅ ମାସରେ ୯୩% ଦିନ ଅତ୍ୟଧିକ ପାଗ ପରିବର୍ତ୍ତନ ଦେଖାଦେଇଥିବାରୁ ବିଶେଷଜ୍ଞମାନେ ଏହି ଅସୁବିଧା ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରୁଛନ୍ତି। ଜାତିସଂଘର ଜଳବାୟୁ ପ୍ୟାନେଲ ମଧ ଚେତାବନୀ ଦେଇଛି ଯେ ପରିବର୍ତ୍ତିତ ପାଗ, କୀଟପତଙ୍ଗ ଓ ରୋଗ ଆଗାମୀ ଦଶନ୍ଧିରେ ଫସଲ ଉତ୍ପାଦନକୁ ଆହୁରି ପ୍ରଭାବିତ କରିପାରେ। ଫସଲ ଓ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ପାଇଁ ଦୃଢ଼ ପଦକ୍ଷେପ ନ ନେଲେ ଘରୋଇ ବଜେଟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜାରି ରହିବ।


## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି ।



# ଭାରତ ସହ ସମ୍ପର୍କ ବିପର୍ଯ୍ୟସ୍ତ

ୱାସିଂଟନ, ୨।୯: ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ କିଛି ଦିନ ଚୁପ୍ ରହିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସଙ୍ଗରେ ନିଜ ମନରେ ଥିବା ବିଷ ଉଗାରିଛନ୍ତି। ଚିରାଚରିତ ଢଙ୍ଗରେ ସେ ଭାରତକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ସୋସିଆଲ ମିଡିଆ ଜରିଆରେ ଟ୍ରମ୍ପ ଜଣାଇଛନ୍ତି ଯେ ଟିକସକୁ 'ନଗଣ୍ୟ' ସ୍ତରକୁ ହ୍ରାସ କରିବାକୁ ଭାରତ ପ୍ରସ୍ତାବ ଦେଇଛି। କିନ୍ତୁ ବହୁତ ବିଳମ୍ବ ହୋଇଗଲାଣି। ସେମାନେ ବହୁ ପୂର୍ବରୁ ଏହି ପଦକ୍ଷେପ ନେବାର ଥିଲା ବୋଲି ସେ କହିଛନ୍ତି। ଟ୍ରମ୍ପ ଏଭଳି ଏକ ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି ଯେତେବେଳେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଶିଖର ସମ୍ମିଳନୀରେ ଆମେରିକାର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ରୁଷ ଓ ଚୀନ୍ ସହିତ ଭାରତର ବନ୍ଧୁତା ବଢ଼ୁଥିବା ଦେଖାଯାଉଛି। ଟ୍ରମ୍ପ ଲେଖିଛନ୍ତି ଯେ ଆମେରିକା ସହ ଭାରତ ବିପୁଳ କାରବାର କରୁଛି। କିନ୍ତୁ ଭାରତ ସହ ଆମେରିକା ଅଳ୍ପ କାରବାର କରୁଛି। ଅନ୍ୟ ଅର୍ଥରେ କହିଲେ ଭାରତ ଆମକୁ ବହୁ ପରିମାଣର ସାମଗ୍ରୀ ପଠାଉଛି। ସେମାନଙ୍କ ପାଇଁ ଆମେ ହେଉଛୁ ସବୁଠୁ ବଡ଼ କ୍ଲାଏଣ୍ଟ। ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଏକପାଖିଆ କାରବାର ଚାଲିଥିଲା। ଦଶନ୍ଧି ଦଶନ୍ଧି ଧରି ଏହି ଧାରା ବଜାୟ ରହିଥିଲା। ଆମେ କିନ୍ତୁ ଭାରତ ସହ ଅଳ୍ପ କାରବାର କରୁଛୁ। କାରଣ ଆମ ଉପରେ ଭାରତ ଚଡ଼ା ଟିକସ ଲଗାଇଥିଲା। ଯେକୌଣସି ଦେଶ ତୁଳନାରେ ତାହା ଅଧିକ। ସେଥିପାଇଁ ଆମ କମ୍ପାନିଗୁଡ଼ିକ ଭାରତରେ କିଛି ବିକ୍ରି କରିବାକୁ ସମର୍ଥ ହେଉନଥିବା ଟ୍ରମ୍ପ କହିଛନ୍ତି।



ଟ୍ରମ୍ପ ପୁଣି ବିଷ ଉଗାରିଲେ

ଭାରତ-ଆମେରିକା ବ୍ୟବସାୟ ସମ୍ପର୍କକୁ ସେ 'ଏକ ପାଖିଆ ବିପର୍ଯ୍ୟୟ' ବୋଲି କହିଛନ୍ତି। ଏଥି ସହିତ ରୁଷ୍‌ଠାରୁ ଭାରତ ତେଲ କିଣୁଥିବାରୁ ମନରେ ରହିଥିବା ଅସନ୍ତୋଷକୁ ମଧ୍ୟ ସେ ମନେ ପକାଇ ଦେଇଛନ୍ତି। ଟ୍ରମ୍ପ ଲେଖିଛନ୍ତି ଯେ ରୁଷଠାରୁ ଭାରତ ତେଲ ଓ ସାମରିକ ଅସ୍ତ୍ରଶସ୍ତ୍ର କିଣୁଛି। କିନ୍ତୁ ଆମଠାରୁ ଅତି ଅଳ୍ପମାତ୍ରାରେ କିଣୁଛି। ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେଇ ନୋବେଲ ପୁରସ୍କାର ଜିତିବାକୁ ମନ କରିଥିବା ଟ୍ରମ୍ପଙ୍କ ପାଇଁ ଭାରତ ଏକ ବଡ଼ ଧକ୍କା ହୋଇଛି। ଭାରତର ତେଲ କିଣା ବନ୍ଦ କରି ରୁଷ୍ ଉପରେ ଚାପ ପକାଇବା ଲାଗି ସେ ଯେଉଁ ମସୁଧା କରିଥିଲେ ତାହା ସଫଳ ହୋଇନାହିଁ। ଟ୍ରମ୍ପଙ୍କ କଥାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱାସକୁ ନେଇନାହାନ୍ତି। ସେ ନିଜର ପାରମ୍ପରିକ ମିତ୍ର ରାଷ୍ଟ୍ର ରୁଷ୍ ସହ ବନ୍ଧୁତା ବଜାୟ ରଖିବାକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଭାରତର ଆଭିମୁଖ୍ୟ ଆମେରିକାର ହଜମ ହେଉନାହିଁ। ସେଥିପାଇଁ ଏହା ଭାରତରେ ଉପରେ ୫୦ ପ୍ରତିଶତ ଭଳି ଚଡ଼ା ଶୁଳ୍କ ଲଗାଇବା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନାକୁ ଅଧା ବାଟରେ ଅଟକାଇ ଦେଇଛି। ଭାରତକୁ ବାରମ୍ବାର ଅପମାନିତ କରି ନିଜ ସ୍ୱାର୍ଥ ହାସଲ କରିବା ଲାଗି ଟ୍ରମ୍ପ କରୁଥିବା ସବୁ ଉଦ୍ୟମ ବିଫଳ ହେଉଛି।

## ଡଲାର ତୁଳନାରେ ଟଙ୍କା ହ୍ରାସ

### ବଜାରର ୫ ବଡ଼ କ୍ଷତି ଆଶଙ୍କା

ନୂଆଦିଲ୍ଲୀ:ବିଶ୍ୱସ୍ତରୀୟ ଉତ୍ତେଜନା ଏବଂ ଆମେରିକୀୟ ଶୁଳ୍କର ପ୍ରଭାବ ଭାରତୀୟ ଟଙ୍କାକୁ ଦୁର୍ବଳ କରୁଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସୋମବାର ଟଙ୍କା ୮୮.୩୩ରେ ପହଞ୍ଚିଛି। ଏହା ଗତ ଶୁକ୍ରବାରର ୮୮.୩୦ ଟଙ୍କା ଅପେକ୍ଷା ଅଧିକ ରହିଛି। ତେବେ ଟଙ୍କାର ମୂଲ୍ୟ ହ୍ରାସ ଆଗାମୀ ସମୟରେ ଦେଶର ଅର୍ଥନୀତିକୁ ବଡ଼ କ୍ଷତି ପହଞ୍ଚାଇପାରେ ବୋଲି ଅର୍ଥ ବିଶେଷଜ୍ଞ ମତପୋଷଣ କରିଛନ୍ତି। ଏହା ଦ୍ୱାରା ଦେଶ ୫ଟି ବଡ଼ କ୍ଷତି ସହିବାର ଆଶଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପରଠାରୁ, ଭାରତୀୟ ମୁଦ୍ରା ନିଜର ଗତି ପରିବର୍ତ୍ତନ କରିଛି। ପରିସଂଖ୍ୟାନ ଦର୍ଶାଉଛି ଯେ, ଭାରତୀୟ ମୁଦ୍ରା ନିଜର ସବୁଠାରୁ ଖରାପ ସମୟ ଦେଇ ଗତି କରୁଛି। ଏହାର ପତନ ପଛରେ ମୁଖ୍ୟ କାରଣ ହେଉଛି ଶୁଳ୍କ, ଏହା ବ୍ୟତୀତ, ଆମଦାନୀକାରୀଙ୍କ ଦ୍ୱାରା ନିରନ୍ତର ହେଜିଂ ଚାହିଦା ଏବଂ ଋଣ ତଥା ଇକ୍ୱିଟି ଉଭୟର ଏଫପିଆଇ ବିକ୍ରୟ ଚାପ ବୃଦ୍ଧି କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଜିଏସଟି ପରିଷଦର ଆଗାମୀ ନିଷ୍ପତ୍ତି କିଛି ଆଶ୍ୱସ୍ତି ପ୍ରଦାନ କରିପାରେ। ସେହିପରି, କୋଟାକ୍ ସିକ୍ୟୁରିଟିଜ୍‌ର ମୁଦ୍ରା ଏବଂ ସାମଗ୍ରୀ ଗବେଷଣା ମୁଖ୍ୟ ଅନିନ୍ଦ୍ୟ ବାନାର୍ଜୀ କହିଛନ୍ତି ଯେ, ଯଦି ସ୍ପଟ୍ ସୁଧ ହାର ୮୮.୫୦ ପାଖାପାଖି ପହଞ୍ଚିଯାଏ, ତେବେ ଆରବିଆଇର ହସ୍ତକ୍ଷେପ ଆଶା କରାଯାଉଛି। ଯଦି ଆମେରିକୀୟ ଶୁଳ୍କ ପ୍ରତ୍ୟାହାର ନ କରାଯାଏ, ତେବେ ସମସ୍ୟା ବଢ଼ିପାରେ ଏବଂ ଦେଶକୁ ବଡ଼ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଟଙ୍କା ଦୁର୍ବଳ ହେବାର ଅସୁବିଧା ହେଉଛି, ଯଦି କୌଣସି ଦେଶର ମୁଦ୍ରା ଦୁର୍ବଳ ହୁଏ, ତେବେ ଦେଶର ବାଣିଜ୍ୟ ମହଙ୍ଗା ହୋଇଯାଏ। ଆନ୍ତର୍ଜାତୀୟ ବଜାରରେ ଜିନିଷଗୁଡ଼ିକର ମୂଲ୍ୟ ହ୍ରାସ ପାଇପାରେ, କିନ୍ତୁ ଏହାକୁ ସେହି ଦେଶ ପାଇଁ ଭଲ ଖବର ବୋଲି ବିବେଚନା କରାଯାଏ ନାହିଁ। ବର୍ତ୍ତମାନ ଭାରତରେ ମଧ ସମାନ ଘଟଣା ଘଟୁଛି। ଯଦି ଟଙ୍କାର ମୂଲ୍ୟ ହ୍ରାସ ଜାରି ରୁହେ, ତେବେ ବଜାରରେ ବଡ଼ କ୍ଷତି ହୋଇପାରେ।

## ତେଲ କିଣାରେ କୌଣସି ନିୟମ ଉଲ୍ଲଂଘନ କରିନୁ: ଭାରତ

ନୂଆଦିଲ୍ଲୀ,୨।୯: ରୁଷ୍‌ଠାରୁ ତେଲ କିଣି ଯୁଦ୍ଧ ପାଇଁ ପାଣ୍ଠି ଯୋଗାଉଥିବା ନେଇ ଆମେରିକା କରିଥିବା ଅଭିଯୋଗର ଜବାବ ଦେଇଛନ୍ତି ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ। ସେ କହିଛନ୍ତି ଯେ ତେଲ କିଣାରେ ଆମେ କୌଣସି ନିୟମ ଉଲ୍ଲଂଘନ କରିନାହୁଁ। ଅନ୍ତର୍ଜାତୀୟ ନିୟମ ପାଳନ କରି ତେଲ କିଣିଛୁ। ଆମେ ତେଲ କିଣିବାରୁ ଅନ୍ତର୍ଜାତୀୟ ବଜାରରେ ସ୍ଥିରତା ବଜାୟ ରହିଛି। ଅନ୍ୟଥା ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ୍ ୨୦୦ ଡଲାର ପର୍ଯ୍ୟନ୍ତ ବଢ଼ିଥାନ୍ତା ବୋଲି ସେ କହିଛନ୍ତି। ସେ ଏକ ନିବନ୍ଧରେ ଲେଖିଛନ୍ତି ଯେ ଭାରତ କୌଣସି ନିୟମ ଭାଙ୍ଗିନାହିଁ। ଜି୭ ଧାର୍ଯ୍ୟ କରିଥିବା ମୂଲ୍ୟ ସୀମାକୁ କଡ଼ାକଡ଼ି ପାଳନ କରାଯାଇଛି। ରୁଷ୍‌ର ଆୟକୁ ସୀମିତ ରଖିବା ଏବଂ ତେଲ କିଣା ଯେଭଳି ବଜାୟ ରହିପାରିବ, ସେଥିରେ ସନ୍ତୁଳନ ରକ୍ଷା କରି ତେଲ କିଣାଯାଉଛି। ଆମେ ତେଲ କିଣିବାରୁ ଚଡ଼ା ତେଲ ଦାମ୍‌ରୁ ସାରା ବିଶ୍ୱକୁ ଆଶ୍ୱସ୍ତି ମିଳିଛି। ଗତ ମାସ ୨୭ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପଦେଷ୍ଟା ପିଟର ନାଭାରୋ ୟୁକ୍ରେନ ଯୁଦ୍ଧକୁ ମୋଦୀ ଯୁଦ୍ଧ ଆଖ୍ୟା ଦେଇଥିଲେ। ଭାରତ ଯୁଦ୍ଧକୁ ଉସୁକାଉଥିବା ଓ ଦୋମୁହାଁ ଖେଳ ଖେଳୁଥିବା କହିଥିଲେ। ରୁଷ୍‌ରୁ ଭାରତ ଶସ୍ତାରେ ତେଲ କିଣି ତାହାକୁ ବିଶୋଧନ କରି ଅଧିକ ଦାମ୍‌ରେ ରପ୍ତାନି କରିବା ସହ ଲାଭ କରୁଛି।

# ସରପଞ୍ଚ ପଦ ଫେରି ପାଇବାରୁ ଶୁଭେଚ୍ଛା ଜଣାଇଲେ ଗ୍ରାମବାସୀ



**ରାଇଘର,୨।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁନ୍ଦେଇ ପଞ୍ଚାୟତର ଅସିଦ୍ଧ ଘୋଷିତ ସରପଞ୍ଚ ଶ୍ରୀମତୀ ସୁନିତାବାଈ ଗଣ୍ଡ ପୁଣି ସରପଞ୍ଚ ପଦ ଫେରି ପାଇଲେ । ଉମରକୋଟ ଜେ ଏମ୍‌ଏଫ୍‌ସିଙ୍କ ରାୟ ପ୍ରକାଶ ପରେ ଏହା ସ୍ପଷ୍ଟ ହୋଇଛି। ସୂଚନା ଥାଉକି , ୨୦୨୨ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୧୧୫୯ ଖଣ୍ଡ ଭୋଟ ବ୍ୟବଧାନରେ ସୁନିତାବାଈ ବିଜୟୀ ହୋଇ ସରପଞ୍ଚ ହୋଇଥିଲେ। କିନ୍ତୁ ସୁନିତାବାଈ ଅପାଠୁଆ ଥିବା ଦର୍ଶାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଂଜିତା ମାଝୀ ରାଇଘର ଗ୍ରାମ୍ୟ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ଏହି ମାମଲାରେ ଅଦାଲତ ଙ୍କ ରାୟ ସୁନିତାବାଈ ବିପକ୍ଷ ଯାଇଥିଲା। ଫଳରେ କିଛି ମାସ ତଳେ ସରପଞ୍ଚ ପଦ ହରାଇବାକୁ ପଡ଼ିଥିଲା। ଏହାପରେ ସୁନିତାବାଈ ଗ୍ରାମ୍ୟ ଅଦାଲତଙ୍କ ରାୟ ବିରୋଧରେ ଉମରକୋଟ ଜେଏମ୍‌ଏଫ୍ ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର କୋର୍ଟ ଏହି ମାମଲାର ବିଚାର କରି ଜଣେ ସରପଞ୍ଚ ଓଡ଼ିଆ ସହ ପଢ଼ିପାରୁଛନ୍ତି କି ନାହିଁ, ଜାଣିବା ପାଇଁ ଓଡିଶା ପଞ୍ଚାୟତ ଆଇନ ଏବଂ ଓଡିଶା ନିର୍ବାଚନ ଆଇନ ତର୍ଜମା କରିଥିଲେ। ସେଭଳି କୌଣସି ମାନଦଣ୍ଡ ନଥିବା ଜାଣିବା ପରେ ସୁନିତାଙ୍କ ସରପଞ୍ଚ ପଦ ଅସିଦ୍ଧ ଘୋଷଣା ହୋଇପାରିବ ନାହିଁ ବୋଲି ରାୟରେ କହିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ସରପଞ୍ଚ ଦାୟିତ୍ୱ ଦେବା ଲାଗି ସୁନିତା ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ବୋଲି କୁନ୍ଦେଇ ଗ୍ରାମ ପଞ୍ଚାୟତ ବାସୀ ଜାଣିବା ପରେ ଖୁସି ରେ ଲହରୀ ଉଠିଲା। ଏହି ଖବର ପାଇଲା ପରେ ଗ୍ରାମବାସୀ ଏବଂ ଶିବ କୁମାର ଗଣ୍ଡ ପୂର୍ବତନ ସରପଞ୍ଚ( ଖୁଡୁକୁ) ବିଜେପି ଭିଜିଲାନସ୍ ମନ୍ଟରିଙ୍ଗ୍, ଗୋପାଳ କୃଷ୍ଣ ସାହୁ ବିଜେପି ହାଟଭରଣ୍ଡି ମଣ୍ଡଳୀ ସହ ସମ୍ପାଦକ, ଆଇଦାନ ଗଣ୍ଡ ଏସ୍ ଟି ମୋର୍ଚ୍ଚା ସଭାପତି, ପ୍ରକାଶ ଶର୍ମା ସଂଯୋଗ ଓ ବିଜେପି କର୍ମୀମାନେ ଶ୍ରୀମତୀ ସୁନିତାବାଈ ଗଣ୍ଡ ଦିଦି ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଲେ ।

# ଠିକାଦାରଙ୍କ ମନମାନୀ ଯୋଗୁଁ ହନ୍ତସନ୍ତ ଗ୍ରାମବାସୀ

**ବେତନଟୀ,୨।୯ (ସଂଚାର ବ୍ୟୁରୋ):** ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗର ତଦାରଖରେ ଚାଲିଥିବା ଦାନ୍ତିଆମୁହାଁ-ଭାଲିଆ ରାସ୍ତା ନିର୍ମାଣ ଓ ବେତନଟୀ-ମୋରଡ଼ା ବ୍ଲକ୍ ସୀମାନ୍ତରେ ମାଛୁଆଖୋଲ ନାଳ ଉପରେ ପୋଲ ନିର୍ମାଣ କାର୍ଯ୍ୟରେ ଅବହେଳା ଓ ଠିକାଦାରଙ୍କ ମନମାନି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ଶହଶହ ସାଇକେଲ୍ ଓ ବାଇକ୍ ଆରୋହୀ ପ୍ରତିଦିନ ଏହି ନିର୍ମାଣାଧୀନ ରାସ୍ତାରେ ଦୁର୍ଘଟଣାର ଶିକାର ହେଉଛନ୍ତି, ଯାହା ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲି ଓ ଦାୟିତ୍ୱହୀନତାର ଜ୍ୱଳନ୍ତ ଉଦାହରଣ।

ପ୍ରକଳ୍ପରେ ଅଯଥା ବିଳମ୍ବ ହେଉଥିବା ବେଳେ ଠିକାଦାର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟି ନଦେଇ ମନମୁଖୀ କାର୍ଯ୍ୟ କରୁଛନ୍ତି। ରାସ୍ତାର ଅବସ୍ଥା ଏତେ ଖରାପ ହୋଇପଡ଼ିଛି ଯେ, ପାଦ ଚଲା ଲୋକ ହୁଅନ୍ତୁ କି ସାଇକଲ ବା ଦୁଇ ଚକିଆ ଯାନରେ ଯାଆସ କରୁଥିବା ଲୋକେ ହୁଅନ୍ତୁ ଯେତେ ସାବଧାନତା ଅବଲମ୍ବନ କଲେ ମଧ ଦୁର୍ଘଟଣାରୁ ରକ୍ଷା ପାଉନାହାନ୍ତି। ଏହା କେବଳ ଠିକାଦାରଙ୍କ ଅବିବେକ କାର୍ଯ୍ୟ ନୁହେଁ, ବରଂ ବିଭାଗୀୟ ଅଧିକାରୀମାନଙ୍କର ଅପାରଗତାକୁ ମଧ ଦର୍ଶାଉଛି। ବିଶେଷକରି ରବିବାର ଓ ଗୁରୁବାର ଦାନ୍ତିଆମୁହାଁରେ ସାପ୍ତାହିକ ହାଟ୍ ବସୁଥିବାରୁ ବେତନଟୀ ଓ ମୋରଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତାର ଦୁର୍ଦ୍ଦଶା ଯୋଗୁଁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ତୁରନ୍ତ ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆନଯାଏ, ତେବେ ଦୁର୍ଘଟଣା ଓ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯାହା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷକୁ ଆହୁରି ତୀବ୍ର କରିବ। ଏହା ଗ୍ରାମ୍ୟ ଉନ୍ନୟନର ନାମରେ ହେଉଥିବା ଅବହେଳା,ଦୁର୍ନିତି ଓ ଭ୍ରଷ୍ଟାଚାରର ଏକ ନଗ୍ନ ଉଦାହରଣ।

ସ୍ଥାନୀୟ ବୁଦ୍ଧି ଜୀବୀମାନେ ପ୍ରଶ୍ନ କରିଛନ୍ତି କାହିଁକି ଏପରି ଅବିବେକପୂର୍ଣ୍ଣ କାର୍ଯ୍ୟ ହେଉଛି? ଠିକାଦାରଙ୍କ ମନମାନିକୁ କିଏ ପ୍ରଶ୍ରୟ ଦେଉଛି? ତା ସହିତ ସରକାରଙ୍କୁ ଅନୁରୋଧ କରିଛନ୍ତି ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡିତ କରନ୍ତୁ ଏବଂ ରାସ୍ତା ସମସ୍ୟାର ସମାଧାନ କରନ୍ତୁ। ଅନ୍ୟଥା, ଅଞ୍ଚଳବାସୀଙ୍କ କ୍ଷୋଭ ଆନ୍ଦୋଳନରେ ପରିଣତ ହେବା ଅନିବାର୍ଯ୍ୟ। ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ନେଇ ଏପରି ଖେଳ ଆଦୌ ଗ୍ରହଣୀୟ ନୁହେଁ ବୋଲି ସ୍ଥାନୀୟ ବାସିନ୍ଦା ଅର୍ଜ୍ଜୁନ ପାତ୍ର କହିଛନ୍ତି।



# ଦୀର୍ଘ ସାତବର୍ଷ ଧରି ଜମି ଚିହ୍ନଟ ହୋଇ ପାରୁନାହିଁ



**କନ୍ଧମାଳ,୨।୯ (ସଂଚାର ବ୍ୟୁରୋ):** ଦୀର୍ଘ ସାତ ବର୍ଷ ହେବ ହୋଇପାରୁନି ଜମି ଚିହ୍ନଟ୍। ବିଜୟ ଚନ୍ଦ୍ର ପ୍ରଧାନଙ୍କୁ ଜାଗା ଛାଡ଼ି ଯିବାକୁ ମଳୁଛି ଧମକ ଚମକ୍। ଧମକ ଦେଉଛନ୍ତି ଅଜୟ କୁମାର ମଲ୍ଲିକ ଓ ବିଷ୍ଣୁ ଚରଣ ମଲ୍ଲିକ। ଆର୍‌ଆଇ କର୍ମଚାରୀ ନିଳାବତି ଦିଗାଲ ସବୁ କଥା ଜାଣି ମଧ ଚୁପ୍ ହୋଇ ବସି ପଡ଼ିଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମରେ।

ଦୀର୍ଘ ସାତ ବର୍ଷ ବିତିଗଲା ସିନା ବିଜୟଙ୍କର ଜମି ଚିହ୍ନଟ ହୋଇପାରିଲା ନାହିଁ। ବାରମ୍ବାର ତହସିଲ କାର୍ଯ୍ୟାଳୟ ଏବଂ ଆର୍‌ଆଇ କାର୍ଯ୍ୟାଳୟରୁ ପ୍ରତିଶ୍ରୁତି ମଧ ମିଳୁଛି। ହେଲେ ଅଜୟ କୁମାର ମଲିକ ଓ ବିଷ୍ଣୁ ଚରଣ ମଲ୍ଲିକ ଆର୍‌ଆଇ କର୍ମଚାରୀ ନିଳାବାତି ଦିଗାଲଙ୍କୁ ଯୋଗୁଁ ହୋଇପାରୁନାହିଁ ଜମି ଚିହ୍ନଟ। ଜମି ଚିହ୍ନଣ କରିବା ପାଇଁ ତହସିଲ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଇତି ମଧରେ କେତେ ତହସିଲଦାର ବଦଳି ଗଲେଣି କେତେ ଆରଆଇ ବଦଳି ହେଲେଣି, ହେଲେ ଦୀର୍ଘ ବର୍ଷ ପରେ ବି ଜମି ଚିହ୍ନଟ ହୋଇପାରିଲା ନାହିଁ। ସରକାର ଦେଇଥିବା ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ତହସିଲ୍ କର୍ତ୍ତୃପକ୍ଷ ଚିହ୍ନଟ ପ୍ରକ୍ରିୟାରେ ନୀରବଦ୍ରଷ୍ଟା ସାଜିଛନ୍ତି। ଫଳରେ ବିଜୟ ଚନ୍ଦ୍ର ପ୍ରଧାନଙ୍କ ଜମି ଚିହ୍ନଟ ହୋଇପାରୁନାହିଁ। ନା ଏହାର କିଛି କାରଣ ଅଛି ବୁଝା ପଡ଼ୁନାହିଁ ବୋଲି ବିଜୟ ଚନ୍ଦ୍ର ପ୍ରଧାନ କହିଛନ୍ତି। ନୂଆ ସରକାର ଦଳିତ ପରିବାରର ଦୁଃଖ ବୁଝିବା ପାଇଁ ଦାବି କରିଛନ୍ତି।

# ବିଶିଷ୍ଟ ଶିଶୁ ସାହିତ୍ୟିକ ଡ଼ଃ. ରାଜ କିଶୋର ପାଢ଼ୀ ସମ୍ବର୍ଦ୍ଧିତ



**ଯାଜପୁର,୨।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ଶତରୂପା ସାହିତ୍ୟାୟନ' ପକ୍ଷରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡଃ. ରାଜ କିଶୋର ପାଢ଼ିଙ୍କୁ 'ଶତରୂପା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ଓଡିଶୋ ଅଣ୍ଡେଇଗୋଡା ଗ୍ରାମ ସ୍ଥିତ ସ୍ୱପ୍ନେଶ୍ୱର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଉକ୍ତ ସଭାରେ ବିଶିଷ୍ଟ ସାହିତ୍ୟିକ ପ୍ରଦୀପ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଧର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା ମୁଖ୍ୟଅତିଥି, ରାଜ୍ୟ ପୁରସ୍କାର ପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ଓ ଧର୍ମଶାଳା ସାହିତ୍ୟ ସମାଜର ସଂପାଦକ ଡଃ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥିରୂପେ ଯୋଗ ଦେଇ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ବିଜେତା ବିଶିଷ୍ଟ କବି ଡଃ. ରାଜ କିଶୋର ପାଢିଙ୍କ ଜୀବନଚରିତ ସଂପର୍କରେ ଗୁଣଗାନ କରିଥିଲେ।ଅନୁଷ୍ଠାନ ପକ୍ଷରୁ ଡଃ.ପାଢ଼ୀଙ୍କୁ ନାମ ଫଳକ, ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ସ୍ୱର୍ଗତ ମୋହନ ଚରଣ ରାଉତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କବୟିତ୍ରୀ ସବିତା ମିଶ୍ର ଓ ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ କବିତାପାଠ ଅନୁଷ୍ଠିତ ହୋଇଥିଲା।

# ରେଳବାଇ ଅଣ୍ଡର ପାସ ପାଇଁ ପ୍ରତିଶ୍ରୁତି ପାଣିର ଗାର, ବଢୁଛି ଅସନ୍ତୋଷ

**ବୈଶିଙ୍ଗା,୨।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ମୁଖ୍ୟ ସମସ୍ୟା ସମ୍ପର୍କରେ ଅନୁଧାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍ ଓ ଅନ୍ୟ ଅଧିକାରୀ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧାନ କରି ଏହା ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମକୁ ସଂଯୋଗ କରୁଥିବା ୭ନଂ ରେଳ ଫାଟକ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ନିଜର ଯାତାୟାତ ନିମନ୍ତେ ଗ୍ରାମବାସୀ ନିଜସ୍ୱ ବ୍ୟୟ ରେପ୍ରାୟ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ ଦେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ଭିତରକୁ କୌଣସି ଯାନ ବାହାନା ଚଳାଚଳ ବ୍ୟାହତ ହୋଇଛି। ଏପରିକି ଜରୁରୀକାଳୀନ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ମଧ ଯାଇ ପାରୁନାହିଁ। ଏ ସମ୍ପର୍କରେ ବହୁବାର ରେଳକର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଶେଷରେ ନିରାଶ ହୋଇ ରେଳରୋକ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଫଳରେ ମୟୂରଭଞ୍ଜ ଲୋକସଭା ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଗସ୍ତ ସମୟରେ ରେଳ ଅଧିକାରୀଙ୍କ ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୁଗପୁରା ଷ୍ଟେସନ ସୁରକ୍ଷା କମିଟିର ଅଶ୍ୱିନୀ କୁମାର ମହାରଣା, ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତଙ୍କ ସମେତ ବହୁସଂଖ୍ୟକ ମହିଳା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହା ଭିତରେ ଦେଢ଼ ବର୍ଷ ରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ ମାଟି ମୁଠାଏ ବି ପଡ଼ି ପାରିନାହିଁ, ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଦେଶୀ ଓ ବିଦେଶୀ ମଦ ଜବତ, ଜଣେ ଗିରଫ



**କଣାସ,୨।୯ (ସଂଚାର ବ୍ୟୁରୋ):**କଣାସ ଅଞ୍ଚଳରେ ବ୍ୟାପକ ଚୋରା ମଦ, ବ୍ରାଉନସୁଗାର, ଗଂଜେଇ ଚୋରାରେ ବିକ୍ରି ଚାଲିଥିବା ବେଳେ ଅବକାରୀ ବିଭାଗର ବଡବାବୁମାନେ ଜଣି ଅଜଣା ପରି ରହୁଥିବା ବେଳେ କଣାସ ଥାନା ଅଧିକାରୀ ପ୍ରଶନ୍ନ ନାୟକ ଗତକାଲି ରାତିରେ କେଣସି ସୂତ୍ରରୁ ଖବର ପାଇ ଅଁଳାଯୋଡି ଗ୍ରାମର ଏକ ପାନ ଦୋକାନ ଉପରେ ଚଢାଉ କରି ୮୭ ବୋତଲ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଓ ୧୭ ବୋତଲ ଦେଶୀ ମଦ ଜବତ କରିବା ସହିତ ମଦ ବିକ୍ରି କରୁଥିବା ଭଗବାନ ରାଉତକୁ ଗିରଫ କରିଛନ୍ତି। କଣାସ ଥାନା କେସ ନମ୍ବର ୨୦୩/୨୦୨୫ରେ ଏକ ମକଦମା ରୁଜ କରି ଭଗବାନକୁ କୋର୍ଟ ଚାଲଣ କରିଛନ୍ତି। ସେହିପରି କଣାସ ଥାନା ଅଧିକାରୀ ଗତ ୨୭ ତାରିଖ ଦିନ ଗାଉପଡ଼ା ଗ୍ରାମରୁ ୧୫ ବୋତଲ ଦେଶୀ ମଦ ଓ ୮ ବୋତଲ ଦେଶୀ ମଦ ଜବତ କରି ମକରଧ୍ୱଜ ନାୟକ ନାମ ଜଣକ ଏକ ବ୍ୟକ୍ତିଙ୍କ ନାମରେ କଣାସ ଥାନା କେସ ନମ୍ବର ୧୯୫/୨୦୨୫ ରେ ଏକ ମକଦମା ରୁଜ କରିଥିବା ବେଳେ ସେହି ୨୭ ତାରିଖ ରାତ୍ରରରେ ତ୍ରିଲୋଚନପୁର ସେତୁ ନିକଟରୁ ୨୦ ବୋତଲ ଦେସୀ ମଦ ଜବତ କରିବା ସହିତ ରାମେଶ୍ୱର ପ୍ରଧାନ ନାମକ ଜଣେ ବ୍ୟକ୍ତି ନାମରେ ୧୮୬/୨୦୨୫ରେ ଏକ ମକଦମା ରୁଜ କରିଥୀବା ଜଣାପଡ଼ିଛି। କଣାସ ଅଞ୍ଚଳରେ ଏପରି ଚୋରା ମଦ ବିକ୍ରି କରାଯାଉଛି ଯେ ସଂନ୍ଧ୍ୟାରେ ଯିବା ଦୂରର କଥା ଦିନରେ ଯିବାକୁ ମହିଳା, ଛାତ୍ରଛାତ୍ରୀ ବୁଦ୍ଧିଜୀବ ବଜାର ଓ ଗାଁ ଗହଳିରେ ଯିବାକୁ ନିରାପଦ ମଣୁ ନାହାଁନ୍ତି।

## ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



**କଣାସ,୨।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର କଣାସ ଗ୍ରାମର ଅର୍ପତି ପ୍ରଧାନ ୫୬ ବର୍ଷ ପରିବାର ପ୍ରତି ପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ଆନ୍ଦ୍ରପ୍ରଦେଶ ତିରୁପତି ଜିଲ୍ଲା ନାଇଡୁମେଣ୍ଟ ଥାନା କୋନେଟି ରାଜୁକଲମ ଠାରେ ଏସ ଆର ଆର କନଷ୍ଟ୍ରକସନରେ ଶ୍ରମିକ ଭାବେ ଚାରିମାସ ହେଲା କାର୍ଯ୍ୟ କରୁଥିବା ବେଳେ ଗତ ୨୫ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସହିତ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କ ପତ୍ନୀଙ୍କ ନିକଟକୁ ଟେଲିଫୋନ ଯୋଗେ ଖବର ଦେଇଥିଲେ ଅର୍ପତିଙ୍କର ପୁତ୍ର ନଥିବାରୁ ତାଙ୍କର ପତ୍ନୀ ସୁଷମା ପ୍ରଧାନ ଗ୍ରାମର କେତେକ ବ୍ୟକ୍ତିଙ୍କୁ ନେଇ ଘଟଣା ସ୍ଥଳରେ ପହଁଚିଥିଲେ। ସେଠାରେ କେତେକ ବ୍ୟକ୍ତିଙ୍କ ସହାୟତାରେ ମୃତ ସ୍ୱାମୀ ଅର୍ପତି ପ୍ରଧାନଙ୍କ ଶବକୁ ବ୍ୟବଚ୍ଛେଦ କରାଇବା ପରେ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଆଣି ଗ୍ରାମ ଶସ୍ମାନରେ ଶବ ଦାହ କରିଥିଲେ। ଏକ ମାତ୍ର ବିଧିବା ପତ୍ନୀ ସୁଷମା ଅସହାୟ ହୋଇ ପଡ଼ିଥିବା ବେଳେ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହିତ ଏକ ଆବାସ ଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଯେଉଁ କମ୍ପାନୀରେ ଅର୍ପତି ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ସେହି କମ୍ପାନୀ ଓ କୌଣସି ସହାୟତା କରି ନ ଥିବାରୁ ସୁଷମା ଅସନ୍ତୋଷ ପ୍ରକାଶ କରିଛନ୍ତି।

# ହର୍ଷୋଲ୍ଲାସରେ ପାଳିତ ହେଲା ଦଶମୀ ତିଥିର ନୂଆଁଖାଇ



**ଲାଞ୍ଜିଗଡ଼,୨।୯ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପଶ୍ଚିମ ଓଡିଶାର କୃଷିଭିତ୍ତିକ ତଥା ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ନିଜ ନିଜର ଇଷ୍ଟ ଦେବାଦେବୀଙ୍କୁ ବର୍ଷକର ନୂଆ ଫସଲ ପ୍ରଥମେ ଅର୍ପଣ କରି ପ୍ରସାଦ ଗ୍ରହଣ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ନୂଆଖାଇ ପର୍ବ ଧୁମଧାମରେ ପାଳିତ ହୋଇଥିବା ବେଳେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି ନୂଆଖାଇ ଜୁହାର ଭେଟଘାଟ କାର୍ଯ୍ୟକ୍ରମ।

ପଶ୍ଚିମ ଓଡିଶାର ସମସ୍ତ ଜିଲାରେ ନୂଆଁଖାଇ ବେଶ ଆଡମ୍ବର ଭାବେ ପାଳନ କରାଯାଉଥିବା ବେଳେ କଳାହାଣ୍ଡି ଜିଲାରେ ଏକ ଭିନ୍ନ ସ୍ୱତନ୍ତ୍ରତା ରହିଛି।ଚାରିଆଡେ କେବଳ ଗୋଟିଏ ଦିନ ନୂଆଁଖାଇ ହୋଇଥାଏ। ହେଲେ କଳାହାଣ୍ଡି ଜିଲାରେ ପର୍ଯ୍ୟାୟକ୍ରମେ ପାଳନ ହୋଇଥାଏ ନୂଆଁଖାଇ। ଉତ୍ସବ ପାଳନରେ ବିଭିନ୍ନତା ଥିଲେ ମଧ ସମସ୍ତଙ୍କୁ ଏକାଠି ବାନ୍ଧିରଖେ ନୂଆଁଖାଇ। କଳାହାଣ୍ଡି ଜିଲାରେ ନୂଆଁଖାଇ ସପ୍ତପୁରୀ ଅମାବାସ୍ୟାଠାରୁ ଆରମ୍ଭ ହୋଇ ଦଶହରା ଦଶମୀରେ ଶେଷ ହୁଏ। ଏହାରି ଭିତରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଋଷି ପଞ୍ଚମୀ ଦିନ ଜିଲାର ବଡ଼ ଭାଗ ଲୋକେ ନୂଆଁଖାଇ ପାଳନ କରିଥାନ୍ତି।ସେହିପରି ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ମଧ କିଛି ଅଞ୍ଚଳରେ ନୂଆଁ ଖାଇଥାନ୍ତି। ସେଇ ପରିପେକ୍ଷୀରେ ଶୁକ୍ରବାର ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ନୂଆଁ ଖାଇଛନ୍ତି ଲାଞ୍ଜିଗଡ ଅଞ୍ଚଳର ଅଞ୍ଚଳବାସୀ। ପ୍ରଥମେ ଲାଞ୍ଜିଗଡ଼ ଗ୍ରାମଦେବୀ ଭୈରବ ମନ୍ଦିରରେ ନବାର୍ଣ୍ଣ ପୂଜା ସମାପନ କରାଯାଇଥିଲା।ମନ୍ଦିରରେ ପୂଜା ସମାପନ ହେଲାପରେ ଅଞ୍ଚଳର ସର୍ବସାଧାରଣ ନବାର୍ଣ୍ଣ ଭକ୍ଷଣ କରିଥିଲେ।ସେହିପରି ନୂଆଁଖିଆ ପର୍ବ ଶେଷ ହେବା ପରେ ଗାଁ ଗାଁରେ ନୂଆଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଲେଫ୍ରିପଡା ସିଆରପିସିଏମ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**ସୁନ୍ଦରଗଡ଼,୨।୯ (ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ଲେଫ୍ରିପଡା ବ୍ଲକ ସିଆରପିସିଏମ ସଂଘ ତରଫରୁ ସୁନ୍ଦରଗଡ଼ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବୀ ପତ୍ର ସର୍ଗିପାଲି ବାସ ଭବନରେ ଦେଇଛନ୍ତି। ଦାବି ଗୁଡିକ ମଧରେ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଉ, ଅନଲାଇନ କାମ ପାଇଁ ଟାବଲେଟ୍ ମେସିନ ଦିଆଯାଉ, ପରିଚୟ ପତ୍ର ପ୍ରଦାନ ସହିତ ମାସିକ ବେତନ ଆକାଉଣ୍ଟ ଜରିଆରେ ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଓ ମାସିକ ଏସଏଚଜି ବୈଠକ ଦୁଇଟି କରାଯାଉ। ଉକ୍ତ ୫ ଦଫା ଦାବୀ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ସହିତ କର୍ମଚାରୀ ମାନେ ଆଲୋଚନା କରିଥିଲେ। ଏହି ସବୁ ବିଷୟ ନେଇ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ଏବଂ ଆସନ୍ତା ବିଧାନସଭା ଅଧିବେଶନରେ ମଧ ଉପସ୍ଥାପନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଟ୍ରକ ଚାପାରେ ବିଜ୍ଞାନ ଶିକ୍ଷକଙ୍କ ମୃତ୍ୟୁ



**ସୁନ୍ଦରଗଡ଼,୨।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୨ ତାରିଖ ମଙ୍ଗଳବାର ମଧାହ୍ନ ୧୨ଟା ପାଖାପାଖି ଗଡପୋଷ ନୁନିଆ ମୁଣ୍ଡା ନିକଟରେ ଟ୍ରକ ଚାପରେ ବାଇକ ଆରୋହୀ ବି ଏସ ହାଇସ୍କୁଲର କଳା ଶିକ୍ଷକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଓ ଡି-୦୯ଭି- ୪୮୭୯ନମ୍ବର ବିଶିଷ୍ଟ ଟ୍ରକ ଚାପରେ ଓଡି-୧୫ଏକ୍ସ- ୮୮୫୮ ନମ୍ବର ବିଶିଷ୍ଟ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ - ପ୍ରଶାନ୍ତ ବେହେରା ଓ ତାଙ୍କ ଘର ମହାବୀର ପାହାଡ ନିକଟ ଉଚିକା ପାଟ ବୋଲି ଜଣା ପଡିଛି। ତେବେ ମୃତକ ପ୍ରଶାନ୍ତ ବେହେରା ସୁନ୍ଦରଗଡ଼ ପିଏମଶ୍ରୀ ସରକାରୀ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ବିଭାଗର ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଆଜି ତାଙ୍କର ଦୁର୍ଘଟଣାରେ ଅକାଳ ମୃତ୍ୟୁ ହେବା ଖବର ଜଣା ପଡିବା ପରେ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ତାଙ୍କ ସହ କର୍ମୀ ମାନେ ଘଟଣା ସ୍ଥଳକୁ ଯାଇଥିବା ଜଣା ପଡିଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ଦୁର୍ଘଟଣାର ଶିକାର ହୋଇଥିବା ବାଇକକୁ ବାମରା ପୋଲିସ ଜବତ କରିବା ସହ ଟ୍ରକ ଚାଳକଙ୍କୁ ଥାନାକୁ ନେଇ ଥିବା ଜଣା ପଡିଛି। ତାଙ୍କର ମୃତ୍ୟୁ ଖବର ଶୁଣି ଶିକ୍ଷକ ମହଲରେ ଶୋକର ଛାୟା ଖେଳି ଯାଇଛି।

## ୪୭ ଲିଟର ଚୋରା ଦେଶୀ ମଦ ଜବତ, ୨ ଗିରଫ

**ବୈଶିଙ୍ଗା,୨।୯ (ସଂଚାର ବ୍ୟୁରୋ):** ଅବକାରୀ ଥାନାରେ ନୂତନ ଭାବେ ଯୋଗଦାନ କରିଥିବା ଏସଆଇ ପ୍ରଦୀପ କୁମାର ବେହେରା ଦୈନିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ବ୍ୟବସାୟୀଙ୍କ ମଧରେ ଆତଙ୍କ ଖେଳାଇ ଦେଇଛନ୍ତି। ମଙ୍ଗଳବାର ଏସ ଆଇ ଶ୍ରୀ ବେହେରା ସଦଳବଳେ ବଡ଼ସାହି ଥାନାର ସିଙ୍ଗିଟିଆ ଗ୍ରାମର ଟିକିନା ମଢେଇ ଘରେ ଚଢ଼ାଉ କରି ୧୩ ଲିଟର ଚୋରା ଦେଶିମଦ ଜବତ କରି ଗିରଫ କରିଥିବା ବେଳେ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ଗ୍ରାମର ସଂଜୀତ ଦେହୁରୀ ଘରେ ଚଢ଼ାଉ କରି ୧୪ ଲିଟର ଚୋରା ଦେଶି ମଦ ଜବତ କରିବା ସହିତ ଅଭିଯୁକ୍ତ କୁ ଗିରଫ କରି ମାମଲା ରୁଜୁ କରିଥିବା ଜଣାଯାଇଛି। ଶ୍ରୀ ବେହେରା ଅଭିଯୁକ୍ତ ଙ୍କୁ ନେଇ ବେତନଟୀ ଫେରୁଥିବା ସମୟରେ ବେତନଟୀ ଥାନା ଅଧୀନ ଆମ୍ବଯୋଡ଼ା ଗ୍ରାମ ନିକଟରେ ବାଇକରେ ଚୋରା ମଦ ନେଇ ବଡ଼ସାହି ଥାନା ଡିଙ୍ଗିରା ଗ୍ରାମକୁ ଯାଉଥିବା ବେଳେ ଅଭିଯୁକ୍ତ ଶୋଭାକର ହାଁସଦା ବାଇକ ଛାଡି ଦଉଡି ପଳାଇ ଥିଲା। ଏସଆଇ ଶ୍ରୀ ବେହେରା ବାଇକ ସମେତ ସେଥିରେ ଥିବା ୨୦ଲିଟର ଚୋରା ଦେଶି ମଦ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ଏଥିନେଇ ୩ ଟି ପୃଥକ ମାମଲା ରୁଜୁ ହୋଇଛି ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ।

# ଦୁର୍ନୀତିରେ ବୁଡ଼ିଛି ବ୍ଲକ ସାମାଜିକ ସୁରକ୍ଷା ବିଭାଗ




**ବାଲିଆପାଳ,୨।୯ (ସଂଚାର ବ୍ୟୁରୋ):** ଦିନକୁ ଦିନ ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ସରକାରଙ୍କ ଉଦାସୀନତା ଯୋଗୁଁ ଏହି ବିଭାଗରେ ଦୀର୍ଘଦିନ ଧରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି। ଯାହାର ଫାଇଦା ନେଇ ବାଲିଆପାଳ ବ୍ଲକର ସ୍ଥାନୀୟ ଯୁବକଙ୍କ କଚେ ପୁଅ ବାର। ସ୍ଥାନୀୟ ଅଞ୍ଚଳର ଯୁବକ ଯିଏକି ବାଲିଆପାଳ ବ୍ଲକର ଏହି ବିଭାଗରେ କନିଷ୍ଠ କିରାଣୀ ଭାବରେ ନିଯୁକ୍ତି ପାଇ ଖାଲି ପଡ଼ିଥିବା ପଦବୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ତୁଲାଉଛନ୍ତି। ଯାହା ଫଳରେ ଲଗାମ ଛଡା ହୋଇ ଏହି ଦୁଇ କର୍ମଚାରୀ ନିଜ ପକେଟକୁ ଗରମ କରିବା ଉଦେଶ୍ୟରେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଭତ୍ତା ବାଣ୍ଟୁଥିବା କର୍ମଚାରୀଙ୍କ ସହ ସାଲିସ କରି ଦୁର୍ନୀତି କରିବାରେ ବ୍ୟସ୍ତ ରହୁଛନ୍ତି। ସାଧାରଣ ଜନତା ଅଫିସ ଗଲେ ସଠିକ ବ୍ୟବହାର ପ୍ରଦର୍ଶନ ଦେଖାଉ ନାହାଁନ୍ତି, ନକଲି ବିପିଏଲ କାର୍ଡରେ ଆଗୁଆ ଇନ୍ଦିରା ଭତ୍ତା ଦେବା, ଭତ୍ତା ଆବେଦନ ଫର୍ମରେ ବୟସ ଜାଲିଆତି କରିବା, ୨୪ ବର୍ଷର ମହିଳା, ମୃତ ବ୍ୟକ୍ତି ଏବଂ ୮୦ ବର୍ଷ ହୋଇନଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ୩୫ଶହ ଟଙ୍କାର ଭତ୍ତା ପ୍ରଦାନ କରିବା, ସ୍ଥାନୀୟ ଅଞ୍ଚଳର ସମ୍ପର୍କୀୟଙ୍କୁ ପ୍ରାଧାନ୍ୟ ଦେଇ ଭତ୍ତା ଫର୍ମକୁ ଉପରିସ୍ଥ ଅଧିକାରୀଙ୍କୁ ପଠାଇବା ଭଳି ଦୁର୍ନୀତି ଅଫିସରେ ହେଉଥିବା ନେଇ ବହୁ ହିତାଧିକାରୀ ଓ ଭତ୍ତା ଆବେଦନକାରୀ ଅଭିଯୋଗ ଆଣିଛନ୍ତି।

ସରକାରୀ ଦଳର ରାଜନେତା ହୁଅନ୍ତୁ ଅବା ବିରୋଧୀ ଦଳର ରାଜନେତା ସମସ୍ତେ ଏହି ବିଭାଗରେ କାର୍ଯ୍ୟରତ ଦୁଇ କର୍ମଚାରୀଙ୍କୁ ପକେଟରେ ପୁରାଇ ନିଜ ନିଜ ସ୍ୱାର୍ଥ ସାଧନରେ ବ୍ୟସ୍ତ ରହୁଛନ୍ତି। ଯାହା ଫଳରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ପଦବୀ ପୂରଣ ପାଇଁ କୌଣସି ଦଳର ରାଜନେତା ଦାବି ଉଠାଉନାହାନ୍ତି। ଯାହାର ପ୍ରଭାବ ପ୍ରକୃତ ଭିନ୍ନକ୍ଷମ, ଅସହାୟ ଓ ବିଧବା ମହିଳାଙ୍କ ଉପରେ ପଡୁଛି। ଗୋଟିଏ ପଟେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବହୁ ବୟସ୍କ ବ୍ୟକ୍ତି ୩୫ଶହ ଟଙ୍କାର ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିବା ବେଳେ ଅନ୍ୟପଟେ କମ ବୟସ୍କ ବ୍ୟକ୍ତିଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ଉଭୟ ଜନପ୍ରତିନିଧି ଏବଂ ବିଭାଗର କର୍ମଚାରୀଙ୍କ ମଧୁ ଚନ୍ଦ୍ରିକା ଜଳ ଜଳ ଦେଖା ଦେଉଛି।






## ଏଠି ନିଜର କିଏ ଯେ...

### ଲକ୍ଷ୍ମୀକାନ୍ତ ଦାସ(ନବିନ)

ଏବେ ଏବେ ମୁଁ କାହିଁ
ନିଜର ଲୋକଙ୍କ ଠାରୁ
ନିଜ ବୋଇଲେ ନିଜର ଲାଗୁଥିବା
ଅବା ନିଜ ସମ୍ପର୍କୀୟ ମାନଙ୍କ ଠାରୁ
ନିଜ ର ସମ୍ପର୍କ ତୁଟାଇବା
ଆରମ୍ଭ କରିଛି...
କାହିଁକି କେଜାଣି ଜାଣେନା
ତେବେ ମନ କୁ ଯେବେ ପଚାରେ
ଲାଗେ ...ଏଠି ନିଜର କିଏ ଯେ ?
କେହି ଜଣେ ଜଣଙ୍କ ଠାରୁ
ବିଚ୍ୟୁତ ହେଲା ପରେ ହିଁ ତ
ଆଉ ଜଣଙ୍କ ସହିତ ମିଶିଯାଏ
ଯଦି ମିଶ୍ରଣ ନାହିଁ ତେବେ ବିଚ୍ୟୁତ କାହିଁ
ମୋ ଜୀବନରେ ଏବେ
ଏହାକୁ ନେଇ ବଡ ସଂଘର୍ଷ
ଜୀବନ ର ମାନେ ଏଠି କଣ
ହାତୀ ଘୋଡା ,ତୋର ମୋର
ଏସବୁତ କିଛି ନୁହଁ
ସବୁ ଜାଣିକି ବି କାହିଁ
ଏ ମଣିଷ ପୁଣି ସେହି ମାୟାରେ ପଡ଼ିଯାଏ
ସେ ମାୟା ରୁ ବୋଧ ହୁଏ ବାହାରି
ଆଉ ଏକ ମାୟାରେ ଯୋଡ଼ି ହେବା ଯାଏଁ
ମୋ ଭିତରେ ଅହରହ ସଂଘର୍ଷ
ଆଉ ସେ ସଂଘର୍ଷର ଫଳ ଏକ ବଡ ଶୂନ୍
ସେ ଶୁନ ରେ ପଶିଗଲେ
ଅକଲ ଗୁଡୁମ୍
ସେ ଶୁନ କୁ ଲେଉଟାଣି ବାଟ
ଯିଏ ସେ ବୁଝିଛି
ସିଏ ମହାଶାନ୍ତି ରେ
ଆଉ ଯିଏ ବୁଝିବାର ଉପକ୍ରମ କରିଛି
ମୋ ଭଳି ଏ ମାୟାରୁ ସମ୍ପର୍କ ତୁଟାଇ
ସେହି ଶୂନ୍ୟ ମାୟା ସହ
ନୂଆ ସମ୍ପର୍କ ଯୋଡ଼ିବାକୁ ପ୍ରୟାସ କରୁଛି
ଆଜି କାଲି ଏବେ ଏବେ ମୁଁ କାହିଁ
ନିଜର ଲୋକଙ୍କ ଠାରୁ
ସମ୍ପର୍କ ତୁଟାଇବା ଆରମ୍ଭ କରିଛି....

ନହାଲ ପୁର, ବେଣୀରାମ ପୁର,କଟକ
ମୋବାଇଲ୍: ୯୪୩୯୬୧୪୬୭୭



## ରାଧାଷ୍ଟମୀ

### ଦେବେନ୍ଦ୍ର ନାୟକ

କୃଷ୍ଣ ଜନ୍ମ ନେଲେ ଭାଦ୍ରବ ମାସର
କୃଷ୍ଣପକ୍ଷ ଅଷ୍ଟମୀରେ
ଶ୍ରୀରାଧା ସୁନ୍ଦରୀ କୃଷ୍ଣଙ୍କ ମାଧୁରୀ
ଜନ୍ମ ଶୁକ୍ଳ ଅଷ୍ଟମୀରେ।
ଆମ ପରମ୍ପରା ସଂସ୍କୃତି ମହାନ
ଅଛି ପୁରାଣ କାହାଣୀ
ଦ୍ୱାପର ଯୁଗରେ ରଚିଥିଲେ ଲୀଳା
ବୃଷଭାନୁ ସୁତା ପୁଣି।
ମାତା କୀର୍ତ୍ତୀଦାଙ୍କ ଗଳାର ମାଳି ସେ
ସ୍ୱାମୀ ପୁଣି ଚନ୍ଦ୍ରସେଣା
ସଭିଙ୍କ ର ନାମ ଆଦି ବି ଅମର
ରାଧାରାଣୀ ମନ ଜିଣା।
ରାଧାଷ୍ଟମୀ ପଡେ ଭାଦ୍ରବ ମାସର
ଶୁକ୍ଳ ଅଷ୍ଟମୀ ତିଥିରେ
ଜନ୍ମାଷ୍ଟମୀ ପର ପନ୍ଦର ଦିନରେ
ଏହି ବ୍ରତ ପାଳନାରେ।
ଷୋଳ ସହସ୍ର ଗୋପୀଙ୍କ ମେଳରେ
ରାଧାରାଣୀ ପୂର୍ଣ୍ଣଚନ୍ଦ୍ର
ରାଜା ବୃଷଭାନୁ ରାଣୀ କିର୍ତୀଦାଙ୍କ
କନ୍ୟା କୃଷ୍ଣ ପ୍ରିୟା ସାର।
ରାଧା ରାସେଶ୍ୱରୀ କୃଷ୍ଣ ପ୍ରେମ ପରୀ
ରାହାସ କେତେ ରଚିଲେ
ରାଧା ବିନା କୃଷ୍ଣ ଅଧୁରା ଜୀବନ
କୃଷ୍ଣ କି ପାଶୋରି ଗଲେ!
ରାଧାକୃଷ୍ଣ ପ୍ରେମ ମହିମା ଅଖଣ୍ଡ
ଏ ବ୍ରତ ପାଳନ୍ତି ନାରୀ
ଜନ୍ମାଷ୍ଟମୀ ପରେ ରାଧାଷ୍ଟମୀ ବ୍ରତ
ପାଳନ୍ତି ଏ କାଳେ ନାରୀ।
କାଶୀ ବୃନ୍ଦାବନ ମଥୁରା ରେ ଏହି
ବ୍ରତ ନଅ ଦିନ ଧରି
ପାଳନ କରନ୍ତି ଆନନ୍ଦ ମନରେ
ଅନ୍ନ ବସ୍ତ୍ର ଦାନ କରି।
ରାଧାକୃଷ୍ଣ ପ୍ରେମ ସବୁଠୁ ନିଆରା
ରହିଅଛି ଯୁଗେ ଯୁଗେ
କୋଟି ଦଣ୍ଡବତ ତାଙ୍କ ଶ୍ରୀଚରଣେ
ଭୁଲ୍ ଥିଲେ କ୍ଷମା ଦେବେ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ





## ମଧୁଲଗ୍ନ

### ଡଃ ତାନଶ୍ରୀ ପାଣିଗ୍ରାହୀ

ତୁମ ସାଥେ ଯେବେ ଦେଖାହୁଏ ମୋର
ଉଦବେଳିତ ମୋର ପ୍ରାଣ
ବନ୍ଧନ ଏକ ପ୍ରୀତି ଅନୁରାଗ
ବେଳାତଟ ଝାଉଁବଣ...

ଚାହିଁଦେଲେ ଥରେ ତୁମେ ମୋ ମୁହଁକୁ
ମୁରୁକି ମୁରୁକି ହସ
ଯେତେ ଥାଏ ମାନ ରାଗ ଅଭିମାନ
ସବୁ ହୋଇଯାଏ ଶେଷ...

ଲାଜର ଲହରୀ ଖେଳି ଯାଏ ଦେହେ
ଆସେ ମୃଦୁ ଶିହରଣ
କହିପାରେ ନାହିଁ ଅବ୍ୟକ୍ତ ବେଦନା
ରହିଯାଏ ମୁଁ ମଉନ...

ତୁମେ କିନ୍ତୁ ଭାରି ଅନୁଭବ୍ୱୀଟିଏ
ବୁଝ ମୋ ହୃଦୟ କଥା
ଝରିଯାଏ ତୁମ ପ୍ରୀତିର ପୀୟୂଷ
ଧୋଇଦିଅ ସବୁ ବ୍ୟଥା...

ବିନା ବରଷାରେ ଭିଜେ ସାରା ଦେହ
ପ୍ରୀତିର କଦମ୍ବ ଫୁଟେ
ଆତ୍ମା ସହ ଆତ୍ମା ଶାନ୍ତିର ମିଳନେ
ପ୍ରେମର ମହକ ଛୁଟେ ।।

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫



## ମାତୃଭକ୍ତ ଗଜାନନ

### ଡ଼ଃ ଅନୁପମା ବିଶ୍ୱାଳ

ଆହେ ଗଜାନନ ପାର୍ବତୀ ନନ୍ଦନ
ପ୍ରଭୁ ବିଘ୍ନ ବିନାଶନ
ଅଜ୍ଞାନ ହରଣ ମଙ୍ଗଳ ବିଧାନ
ପ୍ରଦାୟକ ବୁଦ୍ଧି ଜ୍ଞାନ।

ପାର୍ବତୀ ଦେବୀଙ୍କ ମଲୁଖରୁ ଜନ୍ମ
ହୋଇଲ ହେ ଗଣପତି
ଅଯୋନି ସଂଭୂତ ଆହେ ଗଣନାଥ
ଦେଖାଇଛ ମାତୃଭକ୍ତି।

ପାଇ ମାତାଦେଶ ଅଶେଷ ସାହସ
ହୃଦୟେ କରି ଧାରଣ
ଜଗୁଆଳୀ ହୋଇ ଦ୍ୱାରଦେଶେ ଥାଇ
ପିତାଙ୍କୁ କଲ ବାରଣ।

ଅଜାଣତେ ହର ଛେଦ କଲେ ଶିର
ଜାଣି ପରେ ମନସ୍ତାପ
ଗଜର ମସ୍ତକେ ନୂଆ ପରିଚୟ
ପାଇଲ ହେ ଗଣାଧିପ।

ହେ ବିଘ୍ନ ନାଶନ ଗଉରୀ ନନ୍ଦନ
ତୁମେ ଜ୍ଞାନର ମୂରତି
ଦେଇ ମନ ପ୍ରାଣ ଡାକଇ ଭକତ
ନମେ ପଦେ ଦେଇ ମତି।

ସମ୍ବଲପୁର
ମୋବାଇଲ୍: ୭୯୭୮୫୬୮୩୨୨





## ମନରେ ଟିକେ ସାହସ ଦିଅ

### ଡଃ ନାରାୟଣ ଚନ୍ଦ୍ର ସେନାପତି

କେମିତି ଧରିବି ଧୈର୍ଯ୍ୟ
ଭାର ତ ଅସ୍ତ ବ୍ୟସ୍ତ କରି ପକାଉଛି
ପାତାଳ ଭେଦି ଯାଉଛି
ଆପଣାର ଲୋକ ବି ଫିରିଙ୍ଗି ସାଜି
ବନ୍ଧ ପକାଇ ଛଡେଇ ନେଉଛନ୍ତି ନ୍ୟାର୍ଯ୍ୟ।

ଶୁଣିଥିଲି ତୁ  ଦୁଃଖବନ୍ଧୁ ବୋଲି
ବନ୍ଧୁ ପାଖକୁ ଦୁଃଖର ଭାର ପଠାଇ
ଦୂରରେ ରହି ହସୁ କିଲି କିଲି
ସେଦିନ ଦରିଦ୍ର ସୁଦାମା ସିନା ଆଣିଥିଲା
ଖୁଦ ଭଜା ମୁଠିଏ
ତୁ ଆଣି ଆସୁନୁ ଚିମୁଟେ ଅବଢ଼ା
ଅନ୍ନପୂର୍ଣ୍ଣା ଭଣ୍ଡାର ଭାବି ଛଡେଇ ନେବି
ମୋ ପ୍ରେମ ଦୁଆର ଖୋଲି।

ଜାଣିଛି ଯିଏ ଯାହାକୁ ବେଶି ଭଲ ପାଏ
ସେ ତାକୁ ପ୍ରତିକ୍ଷଣ କଷ୍ଟ ଦେଇ କରେ ପରୀକ୍ଷା
ଧୈର୍ଯ୍ୟ ନାହିଁ ସାହସ ନାହିଁ ବଳ ବି ନାହିଁ
ଏମିତି କୁଆମରା ହଡା ହୋଇ
କେତେ ଘୁଷୁରି ଘୁଷୁରି ଚାଲିବି
ମନରେ ଟିକେ ସାହସ ଦେଉନୁ
କ୍ରୀତଦାସ ପରି ତୋ ମନ ଅଗଣାରେ ପଡିଥିବି
ତୋ ମହାନତା ପାଇଁ ତୋ ମାନ ସମ୍ମାନ କରିବି
ରକ୍ଷା।

ତୁ ଯାହାକୁ ବଳ ଦେଉ
ସେ ହୋଇଯାଏ ମହାବଳ ବାଘ
ତୁ ଯାହାକୁ ଭରସା ଦେଉ
ସେ ହୋଇଯାଏ ଖରସ୍ରୋତା ନଦୀର ସୁଅ
ତୁ ସୃଷ୍ଟି ସ୍ଥିତି ଓ ପ୍ରଳୟ
ତୁ ଝଡ ବର୍ଷା ତ ଘୂର୍ଣ୍ଣି ବଳୟ
ତୁ ଯାହା ପାଖରେ ଥାଉ
ତାର ନ ଥାଏ  ତିଳେମାତ୍ର ଭୟ
ସେଥିପାଇଁ ତ ସଭିଙ୍କ ମୁଖ ରେ ଗୋଟିଏ ସ୍ୱର
ହେ ପ୍ରଭୁ ତୋ ବକଟେ ହସରେ ଲଂଘି ଯିବି ତେର
ନଈ ସାତ ସମୁଦ୍ର
ମୋ ମନରେ ଟିକେ ସାହସ ଦିଅ।

ଜମ୍ବିରା, କେନ୍ଦୁଝର




## ଶେଷ ସ୍ମୃତି

### ପୁଷ୍ପଲତା ମିଶ୍ର

ଅତୀତ ର ସ୍ମୃତି ଆସନ୍ତା କି ଫେରି
ଅପରାହ୍ନ ଜୀବନ ରେ,
ଭାବିଲେ ସେ ସ୍ମୃତି ଝାପସା ଦିଶଇ
ରହେ ମନ ର ମଧରେ।।
ପାଞ୍ଚ ପଇସା ର ଚେନା ଚୁର କିଣି
ଖାଉ କାଗଜ ଠୁଙ୍ଗା ରେ,
ଆଠେଣି ଚାରେଣି ସଞ୍ଚିତ ହୁଅଇ
ସାଇତା କୁମ୍ଭି ମଧ ରେ ।।
କଳା ଧଳା ଫଟୋ ଉଠାଉ ତ ଯାଇ
ଷ୍ଟୁଡିଓ ଘର ଭିତରେ,
ଦୁଇ ପାଖେ ଦୁଇ ଆଲୁଅ ଜଳାଇ
ଉଠେ ଫଟୋ ଅନ୍ଧାର ରେ ।
ଢ଼ିଙ୍କି ରେ କୁଟଇ ଧାନ ଓ ଚାଉଳ
ଚୁଲି କାଠେ ହୁଏ ରନ୍ଧା,
କୁଆଡେ ଲୁଚିଲା ଶିଳ ବଟା ପିଠା
ଚକି ହୋଇଅଛି ବନ୍ଧା ।।
କସ୍ତା ଶାଢ଼ୀ ଟି ରେ ବୋଉ ଖୁସି ଥାଏ
କରଇ ଘର ପାଇଟି,
ଗୋବର ପାଣି ରେ ମାଟି କାନ୍ଥ ଲିପି
ପକାଏ ଚାଉଳ ଝୋଟି ।।
ଗୁହାଳ ରେ ବନ୍ଧା ହୁଏ ନେତ ଗାଈ
ଆଜି ତ ଗୁହାଳ ନାହିଁ,
ବାଡି ପୋଖରୀ ରୁ ମାଛ ଧରା ହୁଏ
ଚୁଲି ରେ ବୋଉ ଭାଜଇ।।
ହଜି ଗଲା ସେଇ ଅତୀତ ଦିନ ଟି
ରହି ଅଛି ସ୍ମୃତି ହୋଇ,
ଆଧୁନିକ ଯୁଗେ ଯେତେ ଖୋଜିଲେ ବି
ସେ ଦିନ ଫେରିବ ନାହିଁ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



## ବରଗଛ

### ଡ. ଭାରତୀ ହୋତା

ଆମ ଗାଆଁ ଶେଷମୁଣ୍ଡରେ ଗୋଟିଏ
ବୁଢ଼ା ବରଗଛ ରହିଛି,
ବାପା କହୁଥିଲେ ଜୀବନେ ଅନେକ
ଦୁଃଖ ଯନ୍ତ୍ରଣା ସେ ସହିଛି।
ଯେତେ ଝଡ଼ ବାଆ ବତାସ ଆସିଛି
କେବେ ହେଲେ ଟଳି ପଡ଼ିନି,
ସାଥିରେ ରହିଛି ଭାଇ ବନ୍ଧୁ ପରି
ପାଖୁ ତାର କା'କୁ ତଡ଼ିନି।
ପିଲାଦିନେ ମୁହିଁ ତାହାରି ମୂଳରେ
ଖେଳ କୁଦ କରି ବୁଲିଛି,
ସାଙ୍ଗଙ୍କ ମେଳରେ ହରଷ ମନରେ
ଓହଳକୁ ଧରି ଝୁଲିଛି।
ପକ୍ଷୀ ମାନଙ୍କର ସୁନ୍ଦର କାକଳି
ଶୁଣିବାକୁ ଭଲ ଲାଗଇ,
ଟିକି ପକ୍ଷୀଟିଏ ହୁଅନ୍ତି କି ମୁହିଁ
ଏଇ ଆଶା ମନେ ଜାଗଇ।
ବଇଶାଖ ମାସ ଟାଣୁଆ ଖରାରେ
ଛାଇରେ ବାଟୋଇ ବସନ୍ତି,
ଗୁଲିଗପ କରି ଆପଣା ଭିତରେ
ମଜା ମଉଜରେ ହସନ୍ତି।
ନଖିଆଇ ଅଖା ଝାଡୁଟିଏ ଧରି
ପତର ତୋଳିକି ନିଅଇ,
ଶୁଖିଲା ଡାଳକୁ ଭାଙ୍ଗି ଦେଲେ ତାକୁ
ଖାଇବାକୁ କୋଳି ଦିଅଇ।
ଗାଈ ଗୋରୁ ଛେଳି ଚରି ବୁଲି ଆସି
ସେଇଠାରେ ଶୋଇ ପଡ଼ନ୍ତି,
ଦଳ ଦଳ ହୋଇ ମାଙ୍କଡ଼ ଯେତେକ
ଗଛରେ ଆସିକି ଚଢ଼ନ୍ତି।
ସେଇସବୁ କଥା ଭୁଲି ପାରୁନାହିଁ
ପଡ଼ୁଛି ଆଜିବି ମନରେ,
ବୁଢ଼ା ହୋଇଲାଣି ସେଇ ବରଗଛ
ଯତନ ନେବୁ ତା' ଧନରେ।
ନିଇତି ନୋଟାରେ ପାଣି ନୋଟେ ନେଇ
ମୂଳରେ ତାହାର ଢାଳିବୁ,
ଉପକାର ତୋର କରିବ ଅନେକ
ଏତିକି କଥା ମୋ ପାଳିବୁ।

ନୀଳକଣ୍ଠପୁର, ମଙ୍ଗଳପୁର,ଯାଜପୁର
ମୋବାଇଲ୍: ୭୯୦୪୩୯୨୬୮୬






## କେମିତି ହୋଇବୁ ମୋହରି ଭଳି

### ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ପଚାରିଲି ଆଜି ଜେଜେଙ୍କୁ
ମୋହର
ହେଲାଣି ତୁମକୁ ବୟସ ଏତେ,
ତଥାପି ଲାଗୁଛ ଚାଳିଶି ପରିକା
କଅଣ ଖାଉଛ କୁହହେ ମତେ।
ହସି ହସି ଜେଜେ କହିଲେ ରେ
ଧିରୁ
ଯାହା ତୁ ଖାଉ ମୁଁ ସେଇଆ
ଖାଏ,
ଖାଲି ତୋ' ଭଳି  ଅଳସୁଆ
ନୁହେଁ
ସକାଳୁ ଉଠିକି ଚାଲିକି ଯାଏ।
ଡାକିଲେ ତତେ ମୁଁ ଆସେ ମୋ
ସାଥିରେ
ନଶୁଣିଲା ପରି ଚୁପ ରହୁ,
ଥଣ୍ଡା ଲାଗୁଅଛି ମୁଣ୍ଡ ବିନ୍ଧୁ ଅଛି
ଆଉ କେତେକଥା ମିଛରେ କହୁ।
ଶୁଉଣୁ ନାତିଆ କହୁଛି ତତେ ମୁଁ
କେମିତି ହୋଇବୁ ମୋହରି ଭଳି,
ବୁଢ଼ା ହୋଇଲେ ବି କାହାରି
ଉପରେ
ନିର୍ଭର ନକରି ପାରିବୁ ଚଳି।
ପାହାନ୍ତାରୁ ଉଠି ନିତ୍ୟକର୍ମ ସାରି
ନିଇତି  ଆଗ୍ରହେ କରିବୁ ଯୋଗ,
ହୋଇବ ସୁନ୍ଦର ସ୍ୱାସ୍ଥ୍ୟଟି
ତୋହର
ଛୁଇଁ ପାରିବନି କୌଣସି ରୋଗ।
ବ୍ୟାୟାମ ସାଙ୍ଗକୁ ଚାଲି ଚାଲି
ଯିବୁ
ଦୁଇ ତିନି କିଲୋ ମିଟର ବାଟ,
ଖାଇବୁନି କିଛି ଖାଦ୍ୟ ସେ
ସମୟେ
ଖାଲି ରଖିଥିବୁ ତୋହରି ପେଟ।
ତେଲ ମସଲା ଖାଦ୍ୟ ବେଶୀ
ନ'ଖାଇ
ସିଝା ପରିବା ତୁ ଖାଇବୁ ବେଶୀ,
ନିଜ ବାଡ଼ିରେବି କରିଥିବୁ ଚାଷ
ହେଇଥିବ ସେ ଏକଦମ ଦେଶୀ।
ମାଆଙ୍କୁ ତୋହର କହିବୁ ନିଇତି
ଗରମ ଖାଇବା ବାଢ଼ିକି ଦେବେ,
ଚଣା,କାଜୁ,କିଣି ନଟିଆ
ଦୋକାନୁ
ଅଧାକିଲୋ ଲେଖା ତୋପାଇଁ
ନେବେ।
ଠିକ ସମୟରେ ପାଠ ତୁ' ପଢିବୁ
ଦୁଷ୍ଟ ହେବୁ ନାହୁଁ ଯମାରୁ ତୁହି,
ଖରାରେ ଅଧିକ ନ'ବୁଲି
କେବେବି
ବିଶ୍ରାମ କରିବୁ ଘରେ ତ ରହି।
ସନ୍ଧ୍ୟା ସମୟରେ ବିଭୁଙ୍କୁ ସୁମରି
ବ୍ୟାୟାମ କରିବୁ ପୁଉଣି ଥରେ,
ପାଠପଢ଼ା ସାରି ଖାଇକି ଶୋଇବୁ
ମଶାରୀ ଟାଙ୍ଗିକି ଆପଣା ଘରେ।
ଯଦି ତୁ କରିବୁ ଏମିତି..
ମୋହରି ବୟସ ହୋଇଗଲେ
ତତେ
ତୁ'ବି ଦିଶିବୁ ସେମିତି।।

ନୀଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
ସମ୍ପାଦକ-ଝୁମୁରୀପାରା ଶିଶୁ
ସାହିତ୍ୟ ସଂସଦ ଓ ଆଦର୍ଶ
ପାଠାଗାର
ଫୋନ-୭୯୦୪୩୯୨୬୮୬



## ହେ ପୂଜ୍ୟଗୁରୁ

### ସ୍ୱାଗତିକା ସାହୁ

ଗୁରୁ ଗରୀୟସୀ ଗୁରୁ ତତ୍ୱମସି
ଗୁରୁ,ବେହିସାବରେ ବାଣ୍ଟୁ ଥାଏ ତା' ସାର୍ବସ୍ୱ
କରୁଣ ବାରିଧି, ଜ୍ୟୋତିଷ୍ମାନ ଆଲୋକର ଉତ୍ସ
ଜ୍ଞାନଗଙ୍ଗାର ବିଚ୍ଛୁରିତ ସ୍ନିଗ୍ଧ ଲଳିତ ମହକ
ତୁମ ନିର୍ଦ୍ଦେଶରେ ସବୁ ଦୁର୍ଗମ, ଅସ୍ପଷ୍ଟ ପଥ
ହେଉଥାଏ ସୁଗମ୍ୟ,ସୁରମ୍ୟ...!
ଅମୃତର ସପ୍ତ ସିନ୍ଧୁ ସେ...
ବିଶ୍ୱକୁ ଗୁରୁ ସମ୍ମାନର ଦୃଷ୍ଟାନ୍ତ ଦେଇ
ଛାଡ଼ି ଗଲ ଛାପ ଜନ ମାନସରେ
ମହାନ ଗୁରୁ ଶ୍ରେଷ୍ଠ ସର୍ବପଲ୍ଲୀ ରାଧାକୃଷ୍ଣନ

ଜ୍ଞାନର ପର୍ଯ୍ୟାପ୍ତ କିରଣ....
ସେହି ପୂଜନୀୟ ଗୁରୁଙ୍କୁ ପ୍ରାଣୀପାତ
ସେଇ ଦିବସ ସେପ୍ଟେମ୍ବର ପାଞ୍ଚ ସ୍ମରଣୀୟ ପ୍ରାପ୍ତିର
ଘଟଣାମୟ ଆୟାମ
ସର୍ବ ପ୍ରଥମ ଗୁରୁ ତ ପିତା ମାତା
ଅବିଚ୍ଛିନ୍ନ ଆତ୍ମାର ଆତ୍ମୀୟତା ସେ
ଲାଗେ ସତେ ଜନ୍ମ ଜନ୍ମାନ୍ତରେ,..ଆପଣାର
ତାଙ୍କ ହାତ ସ୍ପର୍ଶରେ ତ...
ସନ୍ତାନ ହୁଏ ଯୋଗ୍ୟ, ହୁଏ ଭବ୍ୟ !!
ସାରି ଯାଇଥିବା ଜୀବନରେ ଭର ଚେନାଏ
ହସ...!
ତ୍ୟାଗ,ଧୌର୍ଯ୍ୟ,ବିଶ୍ୱାସର ସିନ୍ଦୁକ ମାଖି
ପୂର୍ଣ୍ଣତା ଆଣ ଦର ପ୍ରସ୍ଫୁଟିତ କୁନି କଳିକା ମଧେ

ଅମା ଅନ୍ଧରରୁ ଉନ୍ମୁକ୍ତ କରି
ଅନ୍ତର ଆତ୍ମାକୁ ଶୁଦ୍ଧ ପବିତ୍ର କର....
ଏକଲବ୍ୟ ହେଲେ ବୀର ଧନୁର୍ଦ୍ଧର
ତୁମ କରୁଣାର ବାରି ସିଞ୍ଚନରେ
ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଆଶୀର୍ବାଦେ
ଏ ଧାରାରେ ଅର୍ଜୁନ ସଜିଲେ...
ମହାନ ଧନୁର୍ଦ୍ଧର
ଶିଷ୍ୟ ଉପମନ୍ୟୁ ଗୁରୁଙ୍କ ଆଶିଷେ
ଫେରି ପାଇଲା ଚକ୍ଷୁ ଆପଣାର...!

ଗୁରୁ ଶିଷ୍ୟଙ୍କ ମହାନ ସମ୍ପର୍କର ଡୋରି
ଅତୁଳନୀୟ, ଅବର୍ଣ୍ଣନୀୟ ସେ..!
ସେଥି ପାଇଁ ସେ ନିର୍ଦ୍ଦିଷ୍ଟ ପଦରେ ପଦବାଚ୍ୟ
ସଂସାର ଦୋଛକିରେ....
ତୁମେ ତ ସଂକଳ୍ପର ବିକଳ୍ପ ରାସ୍ତା..
ସମର୍ପିତ ସ୍ୱରଟିଏ  ହୋଇ
ତିଳ ତିଳ ହୋଇ ଅନେକ ଜଳୁଛ
ସମାଜର ସୁଖ ପାଇଁ...
ତେଣୁ ତ ତୁମେ ମୁକ୍ତା ସମ୍ବା
ବିଶ୍ୱ ଜ୍ଞାନାଳୟ ରେ ଶାଶ୍ୱତ ପରାଣ
ପୂଜାନୀୟ ମୁକ୍ତାଟିଏ....!!!

ଉମରକୋଟ
ନବରଙ୍ଗପୁର
ଶିକ୍ଷୟିତ୍ରୀ

# ପୁଅର କାଠ ଫାଳିଆ ଆକ୍ରମଣରେ ବାପା ମୃତ




**ବାଲିପାଟଣା,୨।୯(ସଂଚାର ବ୍ୟୁରୋ):** ପୁଅର କାଠ ଫାଳିଆ ମାଡ ରେ ବାପର ମୃତ୍ୟୁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଦେଉଳିଧରପୁର ଗ୍ରାମରେ। ପୋଲିସ ମୃତ ବ୍ରହ୍ମାନନ୍ଦ ଜେନାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛି। ହତ୍ୟାକାରୀ ପୁତ୍ର ରଞ୍ଜନ ଜେନାଙ୍କୁ ପୋଲିସ ଅଟକ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆ କୁ ମଧ୍ୟ ଜବତ କରିଛି ପୋଲିସ। ରଞ୍ଜନ ଆକ୍ରମଣରେ ତାଙ୍କ ସାନ ଭାଇ ଲୋକନାଥ ମଧ୍ୟ ଗୁରୁତର ହୋଇ ଭୁବନେଶ୍ୱର ର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାଇ ରବିବାର ରାତ୍ରିରେ ଦେଉଳିଧର ପୁର ଗ୍ରାମର ରଞ୍ଜନ ନିଶାସକ୍ତ ଅବସ୍ଥାରେ ପହଁଞ୍ଚି ଘରେ ପାଟିତୁଣ୍ଡ କରିଥିଲେ। ପରେ ୨ ଭାଇ ରଞ୍ଜନ ଏବଂ ଲୋକନାଥ ମାରପିଟ ହୋଇଥିଲେ। ଉଭୟଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ରଞ୍ଜନ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆ ରେ ସାନ ଭାଇ ଏବଂ ବାପାଙ୍କୁ ମାଡ଼ ମାରିଥିଲେ। କାଠ ଫାଳିଆ ମାଡରେ ଉଭୟ ବାପ-ପୁଅଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗାଁ ଲୋକେ ଉଭୟଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବାପା ବ୍ରହ୍ମାନନ୍ଦ ଜେନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଲୋକନାଥଙ୍କୁ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉର୍ଭି କରାଯାଇଛି। ବାଲିପାଟଣା ପୋଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି।

### ଗାଁ ପାଇଁ କାଳ ସାଜିଛି ବର୍ଷା ଜଳ

# ଦିନେ ବର୍ଷିଲେ ୭ ଦିନ ଯାଏଁ ଛାଡୁନି ପାଣି



**ପିପିଲି,୨।୯(ସଂଚାର ବ୍ୟୁରୋ):** ଦିନେ ବର୍ଷା ହେଲେ ୭ଦିନ ପର୍ଯ୍ୟନ୍ତ ଗାଁ ଦାଣ୍ଡରେ ଜମି ରହୁଛି ବର୍ଷାପାଣି । ବର୍ଷା ପାଣି ନିଷ୍କାସନ ପାଇଁ ନାହିଁ ବାଟ । ଗାଁରେ ଅପରିଷ୍କାର ପାଣି ଜମି ରହିବାରୁ ଲୋକଙ୍କ ସମସ୍ୟା ବଢ଼ି ଯାଉଛି। ଅନେକ ଲୋକ ଚର୍ମରୋଗ ସହ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ ପଡୁଛନ୍ତି। ଜଳବନ୍ଦୀ ଜୀବନ ବିତାଉଛନ୍ତି ପୁରୀ ଜିଲ୍ଲା ପିପିଲି ବ୍ଲକ ଅନ୍ତର୍ଗତ ସୁବଳପୁର ମାଟିଆ ସାହି ବାସିନ୍ଦା । ପିପିଲି ସୁବଳପୁର ମାଟିଆ ସାହିରେ ବସବାସ କରନ୍ତି ୩୦ରୁ ଅଧିକ ପରିବାର । ଦୀର୍ଘ ବର୍ଷ ହେଲାଣି ସମସ୍ୟା ଘେରରେ ସାହି ବାସିନ୍ଦା । ଅସରାଏ ବର୍ଷା ହେଲେ ଗାଁ ଲୋକଙ୍କ ମନରେ ପଶେ ଛନକା। ଗାଁ ଦାଣ୍ଡରେ ଜମିରୁହେ ବର୍ଷାଜଳ। ଅପରିଷ୍କାର ପାଣି ଭିତରେ ଯା'ଆସ କରିବାକୁ ବାଧ୍ୟ ହୁଅନ୍ତି ପିଲାଠୁ ବୟସ୍କ ସମସ୍ତେ ।

ଏହି ସମସ୍ୟା କେବଳ ଏଇ ବର୍ଷର ନୁହେଁ। ବର୍ଷବର୍ଷ ଧରି ସମସ୍ୟା ଘେରରେ ରହିଛନ୍ତି ମାଟିଆ ସାହି ବାସିନ୍ଦା । ନେତା, ମନ୍ତ୍ରୀ, ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଛନ୍ତି । ହେଲେ ସମସ୍ୟା ସମାଧାନର ବାଟ ବାହାରି ପାରିନି । ପଚା ପାଣିରେ ପଶି ଯିବା ଆସିବା କରିବାରୁ ବିଭିନ୍ନ ପ୍ରକାର ଚର୍ମରୋଗ ଓ ସଂକ୍ରାମକ ରୋଗ ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ବର୍ଷ ବର୍ଷ ଧରି ପାଣି ଘେରରେ ରହୁଥିବା ମାଟିଆ ସାହିଙ୍କ ଦୁଃଖ ସତରେ କେବେ ଦୂର ହେବ ତାହା କେବଳ ସମୟ କହିବ ।

## ମଦ୍ୟପାନ କରି ବଚସା ପରେ ପଥରରେ ଛେଚି ହତ୍ୟା

**ଆର,ଉଦୟଗିରି,୨।୯(ସଂଚାର ବ୍ୟୁରୋ):** ଗଜପତି ଜିଲା ଆର୍.ଉଦୟଗିରି ଥାନା ପୁରୁଣାପାଣି ପଞ୍ଚାୟତର କାଦମୂଳି ଗାଁ ନିକଟସ୍ଥ ପାହଡରେ ଜଣେ ବୃଦ୍ଧଙ୍କୁ ଗତ ସପ୍ତାହରେ ହତ୍ୟା କରାଯାଇଥିଲା। ମୃତକ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଢେପଶଙ୍କରଖାଳି ଗାଁର ଶିବ ନାୟକ। ଏହି ଘଟଣାରେ ଆର. ଉଦୟଗିରି ପୋଲିସ ଗାଁର ୩ ଜଣଙ୍କୁ ଗିରଫ କରିଛି । ସେମାନେ ହତ୍ୟାକାଣ୍ଡ ପରେ ମୃତଦେହକୁ ଏକ ପଥର ଖୋଲରେ ଲୁଚାଇ ରଖିଥିଲେ। ମଦ୍ୟପାନ କରି ବଚସା ହେବା ପରେ ଅଭିଯୁକ୍ତମାନେ ଶିବଙ୍କୁ ପଥରରେ ଛେଚି ହତ୍ୟା କରି ମୃତଦେହକୁ ନିକଟସ୍ଥ ପାହଡ ଉପରକୁ ନେଇ ଏକ ପଥର ଖୋଲରେ ଲୁଚାଇ ଦେଇଥିଲେ। ପରିବାର ଲୋକେ ଶିବଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ପରେ ମୃତକଙ୍କ ଭାଇ ଆର. ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଗାଁକୁ ଯାଇ କେତେଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଅଭିଯୁକ୍ତମାନେ ମୃତଦେହକୁ ଲୁଚାଇ ରଖିଥିବା ସ୍ଥାନ ଦେଖାଇବା ପରେ ପୋଲିସ ସେଠାକୁ ଯାଇ ମୃତଦେହ ଜବତ କରିଥିଲା। ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଆର. ଉଦୟଗିରି ଥାନା ଅଧିକାରୀ ସୂଚନା ଦେଇଛନ୍ତି।




### ପୁନର୍ବାର ଏନଏସି ତାଲିକାରୁ ବାଦ

# ପ୍ରତିବାଦରେ ବିଜେଡିର ବିକ୍ଷୋଭ



**ବାଲିଆପାଳ,୨।୯(ସଂଚାର ବ୍ୟୁରୋ):** ବାଲିଆପାଳ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିଫଳନ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ଘୋଷଣାରୁ ସ୍ପଷ୍ଟ ବାରିହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ପ୍ରକାଶିତ ନୂତନ ଏନଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିଥିଲା। ପ୍ରତିବାଦରେ ବାଲିଆପାଳରେ ବିଭିନ୍ନ ରାଜନୈତିକ ଦଳ ତଥା ସଂଗଠନ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ ଏବଂ ବାଲିଆପାଳ ବନ୍ଦ କରାଯାଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯାଇଥିଲା। ବାଲିଆପାଳ ବାସି ଆଶା କରିଥିଲେ ଦ୍ୱିତୀୟ ପର୍ଯ୍ୟାୟରେ ସରକାର ନିଶ୍ଚୟ ବାଲିଆପାଳକୁ ଏନଏସି ଘୋଷଣା କରିବେ। ମାତ୍ର ସରକାର ବାଲିଆପାଳକୁ ପୁଣି ଥରେ ଉପେକ୍ଷା କଲେ। ଯାହା ଫଳରେ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନାଙ୍କ ଆହ୍ୱାନ କ୍ରମେ ବସ୍ତା ବିଧାୟିକା ସୁବାସିନି ଜେନାଙ୍କ ନେତୃତ୍ୱରେ ଆଜି ବିଜେଡି ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି।

ପ୍ରଥମେ ଜାମକୁଣ୍ଡା ଛକ ନିକଟରେ ଥିବା ଦଳୀୟ କାର୍ଯ୍ୟାଳୟ ଠାରୁ ଶତାଧିକ ବିଜେଡି କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରି ବ୍ଲକ ପର୍ଯ୍ୟନ୍ତ ଆସିଥିଲେ। ବ୍ଲକ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ବିଜେଡ଼ି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ ବିଧାୟିକା ସୁବାସିନି ଜେନା ରାଜ୍ୟ ସରକାରଙ୍କୁ ତୀବ୍ର ଭାବରେ ଭର୍ତ୍ସନା କରି କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଆପାଳକୁ ଏନ୍‌ଏସି ଭାବରେ ଘୋଷଣା କରିଥିଲେ ଏବଂ ନୂଆ ସରକାର ଆସିବା ପରେ ସେ ବିଧାନସଭାରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସମସ୍ତ ଉପଯୁକ୍ତ ଭିତ୍ତିଭୂମି ଥାଇ ମଧ୍ୟ ନୂତନ ଏନ୍‌ଏସି ତାଲିକାରୁ ବାଲିଆପାଳକୁ ବାଦ୍ ଦିଆଯାଇଛି।

## ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତାକୁ ନେଇ ସିଡ଼ିପିଓଙ୍କଠାରେ ଅଭିଯୋଗ



**ବାଲିଆପାଳ,୨।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବଡାଣ ପଞ୍ଚାୟତର ତାହାଲିଆ ଅଙ୍ଗନୱାଡି-୨ ରେ ଅନିୟମିତତାର ଅଭିଯୋଗ ହୋଇଛି। ସୁଚନାରୁ ପ୍ରକାଶ ତାହାଲିଆ ଅଙ୍ଗନୱାଡି କେନ୍ଦ୍ରରେ ୨୫ ଜଣ ଛୋଟ ଛୋଟ ପିଲା ପାଠ ପଢ଼ିବାକୁ ଆସନ୍ତି। ଉକ୍ତ କେନ୍ଦ୍ରଟି ଅଙ୍ଗନୱାଡି କର୍ମୀଙ୍କ ଘରେ ପରିଚାଳନା ହେଉଥିବାରୁ ଅଙ୍ଗନୱାଡି କର୍ମୀ ନିଜ ଇଛାରେ ଚଳାଉଛନ୍ତି ଅଙ୍ଗନୱାଡି। ସରକାରଙ୍କ ଖାଦ୍ୟ ସାରଣୀ ମୁତାବକ ପୁଷ୍ଟିକର ଖାଦ୍ୟ ପିଲାଙ୍କୁ ମିଳୁନାହି, ଅସ୍ୱାସ୍ଥ୍ୟକର ପରିବେଶ ରେ ପିଲାଙ୍କୁ ବସାଯାଉଛି, ଦୁଇ ମାସ ଧରି ପିଲାଙ୍କୁ ଅଣ୍ଡା ନଦେଇ ନିଜେ ଅଙ୍ଗନୱାଡି କର୍ମୀ ଆତ୍ମସାତ୍ କରିଥିବା କଥା ସୋମବାର ଅପରାହ୍ନରେ ଅଭିଭାବକ ମାନେ ବାଲିଆପାଳ ସିଡ଼ିପିଓ ଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଙ୍ଗନବାଡ଼ି କେନ୍ଦ୍ରକୁ ରାଜନୀତି କରାଯାଉଛି, ରେଜିଷ୍ଟ୍ରାରରେ ଅଭିଭାବକ ଅଣ୍ଡା ନେବାର ହସକତ ରହିଛି, ଏହି ଅଭିଯୋଗ ମିଥ୍ୟା ବୋଲି ଅଙ୍ଗନୱାଡି କର୍ମୀ କହିଛନ୍ତି। ଏନେଇ ଭାରପ୍ରାପ୍ତ ସିଡ଼ିପିଓ ଅଧିକାରୀ ଅରସ୍ମିତା ଜେନା କହିଛନ୍ତି ଖୁବ୍ ଶୀଘ୍ର ଏହି ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନହେବା ପର୍ଯ୍ୟନ୍ତ ପିଲାଙ୍କୁ କେନ୍ଦ୍ରକୁ ପଠାଇବେ ନାହିଁ ବୋଲି ଅଭିଭାବକ ରିନା ପାତ୍ର, ରଚନା ଜେନା, ରାଜଶ୍ରୀ ଦଳାଇ, ଗୌରିମଣି ଜେନା, ରଶ୍ମିତା ଜେନା, ଲକ୍ଷ୍ମୀ ପ୍ରିୟା ଜେନା ପ୍ରମୁଖ କହିଛନ୍ତି।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

● ହତ୍ୟା ଅଭିଯୋଗରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ.

**ଲାଞ୍ଜିଗଡ଼,୨।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମନସ୍ତରା ଗାଁର ବୃଦ୍ଧ ଏକୁନା ମାଝୀ(୭୪)ଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ତିନି ଅଭିଯୁକ୍ତ ମନସ୍ତରଓ ଗାଁର ନରେଶ ମାଝୀ (୨୬), ଚକ୍ର ମାଝୀ (୨୨) ଓ ମୁରଲୀ ମାଝୀ(୨୮)ଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତିନିଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ପଞ୍ଚାୟତ ମନସ୍ତରା ଗାଁର ବୃଦ୍ଧ ଏକୁନା ମାଝୀ ଗତ ଅଗଷ୍ଟ ୨୮ ତାରିଖରୁ ନିଖୋଜ ହୋଇଥିଲେ। ଏହାକୁ ନେଇ ପୁଅ ମଙ୍ଗଳା ମାଝୀ ଅଗଷ୍ଟ ୨୮ ତାରିଖରେ ହିଁ ବିଶ୍ୱନାଥପୁର ଥାନାରେ ବାପାର ନିଖୋଜକୁ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣକୁ ନେଇ ତହସିଲ ଅଫିସ ସମ୍ମୁଖରେ ପ୍ରତିବାଦ



**କଳିଙ୍ଗନଗର,୨।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ତ୍ରିଜଙ୍ଗା ପଞ୍ଚାୟତ ର ସୋଲେଇ ଗାଁ ର ଦୁଇ ନମ୍ବର ୱାର୍ଡ ଆଦିବାସୀ ବସ୍ତିରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଗତକାଲି ରାତିରେ ସ୍ଥାନାନ୍ତର ହୋଇଥିବା ନେଇ ଆଜି ସ୍ଥାନୀୟ ବାସୀ ତହସିଲ ଅଫିସ ସମ୍ମୁଖରେ ଏକାଠି ହୋଇ ପ୍ରତିବାଦ କରିଥିଲେ, ଖବର ମୁତାବକ ସୋଲେଇ ଗାଁର ଯେଉଁ ସ୍ଥାନରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଥିବା ସେହି ସ୍ଥାନରେ ସେହି ସାହିର ଯୁବକ ମାନେ ପୂଜାପାଠ, ପର୍ବ ପର୍ବାଣୀ, ସାମୂହିକ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିଲେ, ଜନୈକ ବ୍ୟକ୍ତି ନିଜର ବେପାର କରିବା ଉଦେଶ୍ୟ ରେ ଧୀରେ ଧୀରେ ଏହି ଜାଗାଟିକୁ ଅକ୍ତିଆର କରିବା, ପାଚେରୀ ବୁଲାଇବା ପରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି କୁ ଉଠାଇବା ପାଇଁ ପଛାଇ ନ ଥିଲେ, ଏହାକୁ ଦେଖି ସ୍ଥାନୀୟ ବାସିନ୍ଦା ସ୍ଥାନୀୟ ଜିଲ୍ଲାପାଳ, ତହସିଲଦାର, ସ୍ଥାନୀୟ ବିଧାୟକ ଙ୍କୁ ଲିଖିତ ଭାବେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାନାଂତର ନ କରିବା ପାଇଁ ଜଣାଇଥିଲେ, କିନ୍ତୁ ଗତକାଲି ରାତିରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉଠି ଯାଇଥିବା ଆଜି ଦେଖି ତହସିଲ ଅଫିସ ସମ୍ମୁଖରେ ସ୍ଥାନୀୟ ଯୁବକ ମାନେ ଧାରଣା ରେ ବସିବା ସହ ପ୍ରତିବାଦ କରିଥିଲେ, ଅଭିଯୋଗକାରୀ ଙ୍କ କହିବା କଥା ଯିଏ ଚାହିଁବ ସିଏ କଣ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଯେଉଁଠି କି ପାରିବ ଉଠାଇ ପାରିବ କି? ଏହା ତାଙ୍କ ପ୍ରତି ଅପମାନ ଓ ଅବମାନନା ନୁହେଁ କି? ଜିଲ୍ଲା ପ୍ରଶାସନ ଏ ଅଞ୍ଚଳ ରେ ସରକାରୀ ଜମି ଏକର ଏକର ଜବର ଦଖଲ ହେଉଥିବା ବେଳେ ଦୃଷ୍ଟି ନ ଦେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ନ ଶୁଣି ମନମୁଖୀ କାର୍ଯ୍ୟ କରିବା କେତେଦୂର ଠିକ? ତେଣୁ ଏ ବିଷୟରେ ପୁନଃ ବିଚାର ନ କଲେ ଆଗାମୀ ଦିନରେ ରାଜରାସ୍ତା କୁ ଓହ୍ଲେହେବା ପାଇଁ ସ୍ଥାନୀୟ ବାସିନ୍ଦା କ୍ଷୋଭର ଓ ଅସନ୍ତୋଷ ର ସହ ପ୍ରତିକ୍ରିୟା ଦେବା ସହ ଏପରି ଘଟଣା କୁ ତୀବ୍ର ନିନ୍ଦା କରିଛନ୍ତି, ଏହାକୁ ନେଇ ଅଞ୍ଚଳ ରେ ରାଜନୀତି ଜୋର ଧରିଛି।

## ରାଜ୍ୟ ରାଜକୋଷରୁ ପାଣି ଭଳି ଖର୍ଚ୍ଚ ହେଲା ଟଙ୍କା ; ତଥାପି ଆଖିକୁ ଦିଶୁନି ବିକାଶ

**ରାୟଗଡ଼ା,୨।୯ (ସଂଚାର ବ୍ୟୁରୋ):** ଜିଲ୍ଲାର କ୍ରୀଡ଼ାବିତ୍ ରାଜ୍ୟ ତଥା ଜାତୀୟ ସ୍ତରରେ ଖେଳି ନିଜ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ଲକ୍ଷ୍ୟ ନେଇ ରାୟଗଡ଼ା ଜିଲ୍ଲା ଗୁଣପୁରରେ ନିର୍ମାଣ ହୋଇଥିଲା ମିନି ଷ୍ଟାଡିୟମ । ଏଥିପାଇଁ ରାଜ୍ୟ ରାଜକୋଷରୁ ପାଣି ଭଳି ଟଙ୍କା ଖର୍ଚ୍ଚ କରାଗଲା। ତଥାପି ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଗଲା ବିକାଶ। ଯାହାକୁ ନେଇ କ୍ରୀଡ଼ାବିତ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ । ଗୁଣପୁର ପୌର ପରିଷଦ ୧୯ ନଂ ୱାର୍ଡର ଗୁଣପୁର ମିନି ଷ୍ଟାଡିୟମ୍। ୨୦ ବର୍ଷ ଭିତରେ ଷ୍ଟାଡିୟମ୍‌ର ଭିତ୍ତିଭୂମି ପାଇଁ ପାଖାପାଖି ୫୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଲାଣି । ତଥାପି ହୋଇପାରୁନି ଆଖିଦୃଶିଆ ବିକାଶ । ପୂରା ଷ୍ଟାଡିୟମ ଖାଲଖମାରେ ଭର୍ତ୍ତି। ଅନାବନା ଗଛ ଉଠିଗଲାଣି । ପାନୀୟ ଜଳ କି ଆଲୋକୀକରଣ ବ୍ୟବସ୍ଥା ନାହିଁ । ପଡ଼ିଆରେ ମଦ ବୋତଲ ଗଡୁଛି । ବର୍ଷା ପାଣି ନିଷ୍କାସନ ପାଇଁ ସଠିକ ଡ୍ରେନେଜ୍ ବ୍ୟବସ୍ଥା ହୋଇନି । ଜବରଦଖଲ କାରଣରୁ ଧୀରେଧୀରେ ସଙ୍କୁଚିତ ହେଉଛି ଷ୍ଟାଡିୟମ୍। ଏନେଇ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ତରଫରୁ ଧ୍ୟାନ ଦିଆଯାଉନାହିଁ । ୨୦୦୫ରେ ଷ୍ଟାଡିୟମ୍‌ର ବିକାଶ ପାଇଁ ୮.୭୨ ଏକର ଜମିକୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରି ସମତଳ କରିଥିଲା ବ୍ଲକ ପ୍ରଶାସନ । ପରେ କ୍ରୀଡ଼ା ବିଭାଗର ୨୦ ଲକ୍ଷ ଓ ଜିଲ୍ଲା ଖଣିଜ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଅନୁଦାନରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ଷ୍ଟାଡିୟମ୍ ପାଚେରି, ଡ୍ରେନ୍, ରୁମ୍, କଂକ୍ରିଟ ରାସ୍ତା ନିର୍ମାଣ କରାଗଲା। ପରବର୍ତ୍ତୀ ସମୟରେ କ୍ରୀଡ଼ା ବିଭାଗ ପକ୍ଷରୁ ମିଳିଥିବା ୧୬ ଲକ୍ଷ ଅନୁଦାନରେ ପଡ଼ିଆରେ ଆଉ ଏକ ରୁମ୍ ଏବଂ ଓପନ୍ ଜିମ୍ କରାଯାଇଥିଲା । ଏତେ ସବୁ ପରେ ଷ୍ଟାଡିୟମ୍‌ର ଏପରି ଅବସ୍ଥା ଚିନ୍ତାର କାରଣ ପାଲଟିଛି ।

# ୧୮୭ ବୋତଲ କଫ ସିରଫ ସହ କାର ଜବତ



୪ ଅଭିଯୁକ୍ତ ଗିରଫ

**ସୁବର୍ଣ୍ଣପୁର,୨।୯(ସଂଚାର ବ୍ୟୁରୋ):** ସୋନପୁର ପୁଲିସ କୁ ଅପରେସନ ଗଜ ରେ ମିଳିଛି ସଫଳତା। ୧୮୭ ବୋତଲ କଫ ସିରଫ ଜବତ ସହ ୪ ଅଭିଯୁକ୍ତ କୁ ଗିରଫ ସହ ଅଭିଯୁକ୍ତ ଙ୍କ ପାଖରୁ ୩ ଟି ମୋବାଇଲ ଜବତ କରିଛି ପୁଲିସ। ଏହି କାରବାର ରେ ବ୍ୟବହୃତ ଏକ ସ୍ୱିଫ୍ଟ ଡିଜାୟାର କାର ନଂ ଓଡ଼ି୧୭ଚ-୧୮୬୧ ମଧ୍ୟ ଜବତ ହୋଇଛି। ଏ ନେଇ ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ଦେଇଛନ୍ତି ଏସପି ନାରାୟଣ ନାୟକ। କଫ ସିରଫ କୁ ସେମାନେ ଉଲୁଣ୍ଡା ବସଷ୍ଟାଣ୍ଡ ପାଖରୁ ସୋନପୁର କୁ ଚାଲାଣ କରୁଥିବା ବେଳେ ଉଲୁଣ୍ଡା ସଦର ଆଇଆଇସି ଙ୍କ ନେତୃତ୍ୱରେ ଏକ ଟିମ୍ ପିଛା କରି ଧରିଥିଲେ। ଅଭିଯୁକ୍ତ ମାନେ ହେଲେ ସୋନପୁର ସହରର ମାଳିପଡା ର କନ୍ନେଇଲାଲ ଉଗେର (୩୫), ସରୋଜ ବଡଚାଟ୍, ଅନିଲ ପରୁଆ(୩୧), ଷଷ୍ଠୀ ଦରୁଆନ (୩୮) ବର୍ଷ। ଏ ନେଇ ଏକ ଏନଡିପିଏସ କେସ ଉଲୁଣ୍ଡା ଥାନା କେସ ନଂ ୧୧୭ ତା ୦୧/୦୯/୨୫ ଟ/ସ୍ଥ-୨୧(ଭ)/୨୫/୨୯ ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ସୋନପୁର ସଦର ଥାନା ଅଞ୍ଚଳରେ ଏକ ଚୋରା ଅଭିନବ ଉପାୟରେ ଶାଗ ଭର୍ତ୍ତି ପଲିଥିନ ଭିତରେ ଗଞ୍ଜେଇ ଚାଲାଣରେ ୩ କେଜି ଗଞ୍ଜେଇ ସହ ଏକ ମୋଟର ସାଇକେଲ ସହ ଅଭିଯୁକ୍ତ ଉତ୍ତରପ୍ରଦେଶ ମହୁଆ ଜିଲ୍ଲାର ଚରଖେଇ ଥାନ ଅଞ୍ଚଳର ଲକ୍ଷ୍ମୀନାରାୟଣ ପ୍ରଜାପତି କୁ ଗିରଫ କରିଛି ସୋନପୁର ପୁଲିସ। ଏ ନେଇ ଏକ ମାମଲା ଘଉଚଟ୍ଟ ଆକ୍ଟ ରେ କେସ ନଂ ୨୧୭ ତା ୦୧/୦୯/୨୫ ଟ/ସ୍ଥ- ୨୦(ଭ)(ସସ)(ଈ) ରେ ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସେପଟେ ସୋନପୁର ସହର ର ୪ ଅଭିଯୁକ୍ତ ଉଲୁଣ୍ଡା ରେ ଗିରଫ ପରେ ସୋନପୁର ଥାନା ଅଞ୍ଚଳରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବା ନିଶ୍ଚିତ ହୋଇଥିବା ବେଳେ ସୋନପୁର ସଦର ଥାନା ର ବିଫଳତା କୁ ଦର୍ଶାଉଛି କାରଣ ସବୁ ଜାଣିଶୁଣି ଚୁପ୍ ବସିଛି ସଦର ଥାନା ର ପୋଲିସ।

### ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କୋକସରା ବ୍ଲକ ଗସ୍ତ

# ବିଦ୍ୟାଳୟ ସମେତ ସିଏଚସି ପିଏଚସି ପରିଦର୍ଶନ



**ଭବାନୀପାଟଣା,୨।୯(ସଂଚାର ବ୍ୟୁରୋ):** ମଙ୍ଗଳବାର ନୂତନ ଭାବେ ଯୋଗଦେଇଥିବା କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ କୋକସରା ବ୍ଲକ ର ବିଭିନ୍ନ ବିଦ୍ୟାଳୟ ଓ ସିଏଚସି ପିଏଚସି ପରିଦର୍ଶନ କରି ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଉପ ଜିଲ୍ଲାପାଳ ପ୍ରଥମେ ଆମପାଣି ଠାରେ ଥିବା ଜନଜାତି ବର୍ଗର ଛାତ୍ରଛାତ୍ରୀ ଆବସିକ ବିଦ୍ୟାଳୟ ପରିଦର୍ଶନ ରେ ପହଞ୍ଚି ଆବସିକ ବିଦ୍ୟାଳୟ ର ଶ୍ରେଣୀ କୋଠରୀ, ଛାତ୍ରାବାସ, ଛାତ୍ରୀନିବାସ, ଶୌଚାଳୟ, ଖାଦ୍ୟ ପ୍ରସ୍ତୁତ ଓ ଖାଇବା ସ୍ଥାନ, ପାନୀୟ ଜଳ ଓ ବିଦ୍ୟାଳୟ ର ପାରିପାର୍ଶ୍ୱିକ ପରିବେଶ ବୁଲି ଦେଖିବା ପରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ଗତ ମାସ ୫ ତାରିଖରେ ହଷ୍ଟେଲ ରେ ରହୁଥିବା ଜଣେ ଅନ୍ତେବାସୀ ଛାତ୍ର ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଆଣିବାକୁ ଆସିଥିବା ଅଭିଭାବିକା ଙ୍କୁ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଅଶାଳୀନ ବ୍ୟବହାର କରିବାର ଭିଡିଓ ଭାଇରାଲ ହୋଇଥିବା ବେଳେ ପିଡିତା ଅଭିଭାବିକା କୋକସରା ବିଡ଼ିଓ ଓ ବିଇଓ ଏନେଇ ଅଭିଯୋଗ କରିଥିଲେ। ଏହି ଘଟଣା ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଧ୍ୟ ପ୍ରଧାନ ଶିକ୍ଷକ ଙ୍କୁ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବିଷୟ ନେଇ କଣ ଆଲୋଚନା ହୋଇଛି କି ନାହିଁ ସେନେଇ କୌଣସି ସୂଚନା ମିଳିନାହିଁ। ପରେ ଉପ ଜିଲ୍ଲାପାଳ ଆମପାଣି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେଠାରୁ କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ପହଞ୍ଚି ଛାତ୍ରଛାତ୍ରୀ ଙ୍କ ସହ ଶିକ୍ଷାଦାନ ବିଷୟରେ ଆଲୋଚନା କରିଥିଲେ ଓ ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷା ନିର୍ଝିମ ରାଣି ପଣ୍ଡିତ ଓ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହ ଆଲୋଚନା କରିଥିଲେ। ପରେ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ତତ୍ୱଦର୍ଶୀ ଦାସ ଙ୍କ ସହ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ପିଏଚସି ର ଭିତ୍ତିଭୂମି, ରୋଗୀସେବା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି। ଉପ ଜିଲ୍ଲାପାଳ ପ୍ରେକ୍ଷ୍ୟା ଅଗ୍ରୱାଲ ଙ୍କ ସହ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଶ୍ରେଣୀ କକ୍ଷରେ ଶିକ୍ଷାଦାନ କଲେ ବ୍ଲକ୍ ଶିକ୍ଷାଧିକାରୀ

**କଣାସ,୨।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ଗତକାଲି ଅଚାନକ କଣାସ ର ସରକାରୀ ଉଚ୍ଚବିଦ୍ୟାଳୟ କୁ ପରିଦର୍ଶନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଶ୍ରେଣୀ କକ୍ଷରେ ଗଣିତ ବିଷୟରେ ଶିକ୍ଷାଦାନ କରିଥିଲେ। ଗତକାଲି କଣାସ ସରକାରୀ ଉଚ୍ଚବିଦ୍ୟାଳୟ ରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଚାଲିଥିବାବେଳେ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟର ଶିକ୍ଷାଦାନ ସମେତ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ୧୦ ମ ଶ୍ରେଣୀରେ ଗଣିତ ଶିକ୍ଷାଦାନ ଚାଲିଥିବା ଦେଖି ଶିକ୍ଷା ଅଧିକାରୀ ଶିକ୍ଷଣ କାର୍ଯ୍ୟ ନିରୀକ୍ଷଣ କରିବାସହ ଗୋଟେ ପିରିୟଡ଼ ଛାତ୍ର ଛାତ୍ରୀ ମାନଙ୍କୁ ଗଣିତ ଶିକ୍ଷାଦାନ କରିଥିଲେ। ସ୍ୱଳ୍ପ ସମୟରେ ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନର ଉତ୍ତର ଓ୍ୱେମାର ସିଟ୍ ରେ କିପରି ନିର୍ଭୁଲ ଭାବରେ ଛାତ୍ର ଛାତ୍ରୀ ମାନେ ପ୍ରଦାନ କରିପାରିବେ ତାର କୌଶଳ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଦାନ କରିଥିଲେ। ଏଥିସହ ୧୦ ମ ଶ୍ରେଣୀ ପରୀକ୍ଷାରେ ଛାତ୍ର ଛାତ୍ରୀ ମାନେ ଶତ ପ୍ରତିଶତ ଅଂଶଗ୍ରହଣ, ଓ କୃତିତ୍ୱ ହାସଲ ସହ ଇ୧ ଶ୍ରେଣୀରେ ଅଧିକ ଛାତ୍ର ଛାତ୍ରୀ କିପରି ଉତ୍ତୀର୍ଣ୍ଣ ହୋଇପାରିବେ ଏସଂପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷାଧିକାରୀ ଙ୍କ ଶ୍ରେଣୀ ପରିଚାଳନା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।



## ବହୁ ଆକାଂକ୍ଷିତ ନୂତନ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଉଦଘାଟିତ



**ନୀଳଗିରି,୨।୯ (ସଂଚାର ବ୍ୟୁରୋ):** ମଙ୍ଗଳବାର ପୂର୍ବାହ୍ନ ୯.୪୫ସମୟରେ ନୀଳଗିରି ଦେୱାନି ଓ ଫୌଜଦାରୀ ଅଦାଲତ ପରିସରର ଉପର ମହଲାରେ ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଉଦଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧିଶ ହରିଶ ଟଣ୍ଡନ, ବାଲେଶ୍ୱର ପ୍ରଶାସନିକ ଜଜ୍ ତଥା ହାଇକୋର୍ଟ ଜଜ କୃଷ୍ଣରାମ ମହାପାତ୍ର ଏବଂ ଅନ୍ୟାନ୍ୟ ଜଜଙ୍କ ଉପସ୍ଥିତିରେ ଉକ୍ତ ଅଦାଲତକୁ ଭିଡିଓ କନଫରେନ୍ସିଂ ଜରିଆରେ ଉଦଘାଟନ କରିଥିଲେ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବାଲେଶ୍ୱରର ଜିଲ୍ଲାଜଜ୍ ସତ୍ୟନାରାୟଣ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ନୀଳଗିରିର ଅତିରିକ୍ତ ଜିଲ୍ଲା ଓ ଦୌରଜଜ୍ ସ୍ରୋତସ୍ୱିନୀ କର, ସବଜଜ ସୁନନ୍ଦା ପ୍ରଧାନ, ଏସଡିଜେଏମ ମୋନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବାର ଏସୋସିଏସନ ର ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର କୁମାର ପଣ୍ଡା, ଉପଖଣ୍ଡ ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସମ୍ପାଦକ କିଶୋର ଚନ୍ଦ୍ର ଦାସଙ୍କ ସମେତ ଉଭୟ ଓକିଲ ସଂଘର ସମସ୍ତ ଆଇନଜୀବି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।